# ଏକ କନ୍ୟାର ମନୋନୟନ

ଅନେକ ଅସୁସ୍ଥ ଲୋକମାନେ ଅଛନ୍ତି । ମୁଁ ଥରକେ ସେସମସ୍ତଙ୍କ ପାଖକୁ ଯାଇପାରିବି ନାହିଁ । ମାତ୍ର, ଶୁଣନ୍ତୁ ।

2 ଆଜି ରାତ୍ରି, ମୁଁ ଏଠାରେ ପୁଣିଥରେ ଏହି ସୁନ୍ଦର ପ୍ରେକ୍ଷାଳୟରେ, ଏହି ଅଦ୍ଭୁତ ଲୋକମାନଙ୍କ ଗହଣରେ, ରହିଥିବାରୁ ନିଶ୍ଚିତରେ ଆନନ୍ଦିତ ଅଟେ । ଆଉ ଆମେମାନେ ଭିତରକୁ ଆସୁଥିଲୁ, ସେଠାରେ ବାହାରେ, କିଛି କ୍ଷଣ ପୂର୍ବରୁ, ରାସ୍ତାରେ ଛିଡ଼ା ହୋଇଥିବା ଲୋକମାନେ କହିଲେ ଯେ ସେମାନେ ଭିତରକୁ ପ୍ରବେଶ କରିପାରୁ ନାହାଁନ୍ତି । ଏବଂ ମୁଁ କହିଲି, "ତେବେ, ବୋଧହୁଏ ମୁଁ ଆପଣମାନଙ୍କ ପାଇଁ କିଛି ସ୍ଥାନ କରି ଦେଇପାରେ ।" ଆଉ ସେମାନେ ସେହି ଲୋକମାନଙ୍କୁ ଭିତରକୁ ଆସିବାକୁ ଦେଉ ନ ଥିଲେ । ତେଣୁ ମୁଁ ଦୁଃଖିତ ଯେ ଆମ ପାଖରେ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ । ସେମାନେ କହିଲେ ଯେ ଭୂଗର୍ଭ ସ୍ଥାନଟି ମଧ୍ୟ, ପରିପୂର୍ଣ୍ଣ ହୋଇଯାଇଛି । ଆଉ ତେଣୁକରି ଆମେ ସେଇଥି ପାଇଁ ଦୁଃଖିତ ଅଟୁ । ମାତ୍ର ଆମେ ଏଠାରେ ଉପସ୍ଥିତ ହୋଇଥିବା ହେତୁ ଆନନ୍ଦିତ ଅଟୁ, ଏବଂ ଏହି ସମସ୍ତ ଉତ୍ତମ ସେବକମାନଙ୍କୁ, ଏଠାକାର ବ୍ୟବସାୟୀମାନଙ୍କୁ ଦେଖି ଖୁସି ଅଟୁ, ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆପଣ ସମସ୍ତ ପ୍ରତିନିଧୀମାନଙ୍କୁ ଦେଖି ଆନନ୍ଦିତ ଅଟୁ ।

3 ଆଜି ସକାଳେ ଜଳପାନରେ କହିବା ହେତୁ ମୋର ମହାନ ସୌଭାଗ୍ୟ ଥିଲା, ଯାହାକି ମୁଁ ନିଶ୍ଚିତ ଭାବରେ ଏହିପରି ଉତ୍ତମ ଲୋକମାନଙ୍କ ସମ୍ମୁଖରେ କହିବାଟା ଗୌରବର ବିଷୟ ବୋଲି ମନେ କରେ । ମୁଁ ଏହି ବିଷୟ ଉପରେ କହୁଥିଲି: *ଦାସୀପୁତ୍ର ସହିତ ଉତ୍ତରାଧିକାରୀ ହେବ ନାହିଁ ।* ମୁଁ ଏହାକୁ ଶେଷ କରିପାରିଲି ନାହିଁ । ଏବଂ ତାହା ନ ଥିଲା—ଭାଇଙ୍କର ଦୋଷ ନ ଥିଲା । ସେ ତ ପ୍ରବନ୍ଧନକୁ ଏହା ପ୍ରବର୍ତ୍ତାଇ ପାଇଁ ଚେଷ୍ଟା କରିଥିଲେ ଯେ ସେମାନେ ଆମକୁ ଆଉ ଟିକିଏ ଅଧିକ ସମୟ ରହିବାକୁ ଅନୁମତି ଦିଅନ୍ତୁ, ମାତ୍ର ସେ ତାହା ସମ୍ମତ ହେଲେ ନାହିଁ । ଭାଇ ଡେମୋସ୍, ମୁଁ ନିଶ୍ଚିତ ଭାବେ ତାହା ପ୍ରଶଂସା କରେ ।ତାହା ବହୁତ, ବହୁତ ସୁନ୍ଦର ଅଟେ । ମୁଁ ନିଶ୍ଚିତ ଭାବରେ ଆପଣମାନଙ୍କୁ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଓ ସମସ୍ତଙ୍କୁ ଆପଣଙ୍କର ଦୟା ହେତୁ ଧନ୍ୟବାଦ ଦିଏ । ମାତ୍ର ସେମାନେ ଆମକୁ ତାହା କରିବା ପାଇଁ ଦେଲେ ନାହିଁ । ତେଣୁ ଆମକୁ କେବଳ ବନ୍ଦ କରିବାକୁ ପଡ଼ିଥିଲା—କରିବାକୁ ପଡ଼ିଥିଲା । ମୁଁ ଏହାକୁ ଅନ୍ୟ କୌଣସି ସମୟରେ, ଶେଷ କରିବା ପାଇଁ ତାହାକୁ ନେବି: *ଦାସୀପୁତ୍ର ସହିତ ଉତ୍ତରାଧିକାରୀ ହେବ ନାହିଁ ।* କଅଣ ଆପଣମାନେ ଏହାକୁ ବୁଝିଲେ, ଆପଣ ଯେଉଁମାନେକି ଏଠାରେ ଥିଲେ? ମୁଁ ଆଶା କରୁଛି ଯେ ଏହାକୁ ବୁଝି ହେବା ପାଇଁ ସେଠାରେ ଯଥେଷ୍ଟ କିଛି ଥିଲା ।

4 ତେବେ, ମୁଁ ଜାଣେ, ଆଜି ରାତ୍ରି, ଏକ ବିଶାରଦ ସଭା, ମଧ୍ୟ ଅଛି, ତେଣୁ ମୁଁ

ଆପଣମାନଙ୍କୁ ଏଠାରେ ସେତେ ଅଧିକ ସମୟ ରଖିବାକୁ ଚାହେଁ ନାହିଁ ଯେ ଆପଣ ତାହା ହରାଇ ଦିଅନ୍ତି। କାରଣ, ମୁଁ ଭାବେ ଯେ ତାହା ନିଶ୍ଚିତରେ ପେଣ୍ଟିକଷ୍ଟାଲ୍-ବିଶ୍ୱାସୀ ଲୋକମାନଙ୍କ ପାଇଁ—ପାଇଁ ଏକ ମୂଲ୍ୟବାନ ବିଷୟ ଥିଲା, ସେହି ବିଶାରଦ ସଭା ଯାହାକି ଆମେ ଅନ୍ୟ ରାତ୍ରି ଦେଖିଥିଲୁ। ଏପରି ପୁରୁଷମାନଙ୍କର ଏକ ଅତ୍ୟୁତ୍ତମ ଗୋଷ୍ଠୀ, ଏପରି ଆଶ୍ଚର୍ଯ୍ୟଜନକ, ସିଧା ସଳଖ ଉତ୍ତରମାନ ଥିଲା। ତାହା ଦେଖିବାକୁ, ମୋତେ ବାସ୍ତବରେ ଭଲ ଲାଗିଥିଲା। ମୁଁ ବିଶ୍ୱାସ କରେ ଯେ, ଆଜି ରାତ୍ରି ପ୍ରଭୁ ଏହାକୁ ଆଶୀର୍ବାଦ କରିବେ। ଏବଂ ଯିଏ କେହି ତାହା ଦେଖନ୍ତି, ଏହା ହେଉ ଯେ ସେମାନେ ବିଶ୍ୱାସ କରନ୍ତୁ। ତାହା ମୋର ଆନ୍ତରିକ ପ୍ରାର୍ଥନା ହେବ।

5 ଏବଂ ଅନେକ ବିବୃତିମାନ ଆସୁଛି, ଆଜି, ମେଲରେ ଏବଂ ଫୋନ୍ ଦ୍ୱାରା, ଯେ ଏହି ସଭାରେ ଅନେକେ ସୁସ୍ଥ ହୋଇଛନ୍ତି। ମୁଁ ସେଥିପାଇଁ ବହୁତ ଖୁସି। ତାହା, ତାହା ହେଲା, ଲୋକମାନଙ୍କୁ ଅସୁସ୍ଥ ଦେଖିବା ପାଇଁ, ତାହା ହେଉଛି ମୋର ସେବାକାର୍ଯ୍ୟ।

6 ମୁଁ—ମୁଁ ଏଠାରେ ପ୍ରଚାର କରିବାକୁ ଉଠେ। ମୁଁ, ଆପଣମାନେ ଜାଣନ୍ତି, ମୁଁ ଜଣେ ପ୍ରଚାରକ ନୁହେଁ। ମାତ୍ର ମୁଁ, ମୋର ଏହି କେଣ୍ଟକି ବ୍ୟାକରଣ, ସହିତ, "ତାହାର, ତାହାଙ୍କର ନୁହେଁ" ଏବଂ—ଏବଂ ସେହି ସମସ୍ତ ଶବ୍ଦଗୁଡ଼ିକ, ତେଣୁ ମୁଁ—ମୁଁ ତାହା କହିପାରେ ନାହିଁ ଯାହାକୁ ଆମେ ଆଜିର ଆଧୁନିକ ପ୍ରଚାରକ ବୋଲି କହିଥାଉ। ମୁଁ—ମୁଁ ସେହି ସ୍ଥାନ ନେଇପାରେ ନାହିଁ, କାରଣ ମୋର—ମୋର କୌଣସି ଶିକ୍ଷା ନାହିଁ।

7 ମାତ୍ର ମୁଁ ଅନ୍ୟମାନଙ୍କୁ, ତାହା ଜଣାଇବାକୁ ପସନ୍ଦ କରେ ଯାହାକିଛି ମୁଁ ଏହି ବିଷୟରେ ଜାଣେ, କିମ୍ବା ଏହି ବିଷୟରେ ଯାହା ମୁଁ ଜାଣେ ବୋଲି ଅନୁଭବ କରେ, ତାହା ଅନ୍ୟମାନଙ୍କୁ ଜଣାଇବାକୁ ପସନ୍ଦ କରେ, ଯେ ମୁଁ ଏହା କିପରି ଶିଖିଅଛି, ସେ ମୋ ପ୍ରତି କିପରି ଅଟନ୍ତି। ସେ ମୋର ସମସ୍ତ ଜୀବନ ଅଟନ୍ତି, ସେସମସ୍ତ କିଛି ଯାହାକି ମୁଁ କେବେ ହେବି ବୋଲି ଆଶା କରିପାରେ, ଏବଂ ମୁଁ ଯେତିକି ଭାବିଥିଲି ତାହାଠାରୁ ବହୁତ ଅଧିକ କିଛି ଅଟନ୍ତି, ଯେ ଯେତେବେଳେ ମୁଁ ଏକ ଛୋଟ ପିଲା ହିଁ ଥିଲି, ମୋର କେବେ ପୃଥିବୀରେ, କଦାଚିତ୍, କୌଣସି ଏକ ବନ୍ଧୁ ହେବେ। ମାତ୍ର ମୁଁ ନିଶ୍ଚିତ ଭାବରେ ଆଜି ମହାନ ବନ୍ଧୁମାନଙ୍କ ପାଇଁ କୃତଜ୍ଞ ଅଟେ।

8 ମୁଁ...[ଜଣେ ଭାଇ କୁହନ୍ତି, "ସେଠାରେ ପଛରେ ଶୁଣିବାରେ ଟିକିଏ ଅସୁବିଧା ହେଉଛି, ଭାଇ ବ୍ରାନହାମ୍। ପାଖକୁ ଆସିଯାଆନ୍ତୁ।"—ଅନୁ।] ଓଃ, ମୁଁ ଦୁଃଖିତ ଅଟେ। ସେ କହିଲେ, ମୁଁ—ମୁଁ ଏକ ପ୍ରକାର ଏଠାରେ, କୌଣସିଠାରେ, କେନ୍ଦ୍ରବିନ୍ଦୁରୁ ବାହାର ଅଟେ।

9 ତେବେ, ସିଧାସଳଖ ଠିକ୍ ସେବା ମଧ୍ୟକୁ ଯିବା ପାଇଁ, ଆସନ୍ତୁ କିଛି ଶାସ୍ତ୍ର ପଠନ କରିବାକୁ ଯାଉ। ମୁଁ—ମୁଁ ସର୍ବଦା ବାଇବଲ ପଢ଼ିବାକୁ ପସନ୍ଦ କରେ, କାରଣ ଏହା ହେଉଛି ପରମେଶ୍ୱରଙ୍କ ବାକ୍ୟ। ମୁଁ ତାହା ବିଶ୍ୱାସ କରେ। ଏବଂ ମୁଁ ବିଶ୍ୱାସ କରେ ଯେ ଏହା ପରମେଶ୍ୱରଙ୍କ ଅକାଟ୍ୟ ବାକ୍ୟ ଅଟେ। ଆଉ ବର୍ତ୍ତମାନ ମୋ ପାଖରେ ଏଠାରେ କିଛି ଶାସ୍ତ୍ରାଂଶ

ଲେଖା ହୋଇ ରଖାଅଛି, ଏବଂ କିଛି ଟିପ୍ପଣୀମାନ ଯାହାକି ମୁଁ ଅଳ୍ପ କିଛି କ୍ଷଣ ପାଇଁ, ବୋଧହୁଏ ପଇଁଚା-ଳିଶ ମିନିଟ୍ ପାଇଁ, ଉଲ୍ଲେଖ କରିବାକୁ ଚାହିଁବି ।

10 ଏବଂ ତାହାପରେ ଆମେ ଆଜି ରାତ୍ରି ପୁନର୍ବାର ଏହି ଚମତ୍କାର ବିଶାରଦ ଗୋଷ୍ଠୀକୁ ଦେଖିବା ପାଇଁ ଯିବା । ଆଉ ମୁଁ ଭରସା କରେ ଯେ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରିବା ନିରନ୍ତର ଜାରି ରଖିବେ । ଏବଂ ମୁଁ ଜାଣେ ଯେ ଆପଣଙ୍କୁ କଅଣ କରିବାକୁ ଅଛି । ଆଉ ମୋତେ ଟ୍ୟୁସାନକୁ ଗାଡ଼ି ଚଲାଇ ଯିବାକୁ ଅଛି, ତଥାପି, ଆଜି ରାତ୍ରି, ଦେଖନ୍ତୁ, ଏଣୁ ଆପଣ କଳ୍ପନା କରିପାରନ୍ତି । ତାହା ଦଶ-ଘଣ୍ଟାର ଗାଡ଼ି ଚଲାଇବା ହେବ ।

11 ଏବଂ ମୁଁ ବିଦେଶ ଯାତ୍ରା ପାଇଁ ବାହାରୁ ଅଛି, ଆଉ ମୋତେ ସକାଳେ ସରକାରଠାରେ ପରୀକ୍ଷା ହେତୁ ହଳଦିଆ ଜ୍ୱର ପାଇଁ ଏକ ଟିକା ନେବାକୁ ଅଛି । ତେଣୁ ମୋତେ—ମୋତେ ସେଠାକୁ ଯିବାକୁ ହେବ । ମୁଁ ଏହାକୁ ଅନ୍ୟ ଏକ ଦିନ, ସ୍ଥଗିତ କରି ଦେଇଥିଲି, ଏବଂ ସେମାନେ ବର୍ତ୍ତମାନ ଏଥର ଉତ୍ତରରେ "ନା" ଶୁଣିବାକୁ ଯାଉ ନାହାଁନ୍ତି । ଏବଂ ମୋତେ ଆଉ ଏକ ଟିଟାନସ୍ ଏବଂ ଟାଇଫସ୍ ଟିକା ନେବାକୁ ଅଛି, ଏବଂ ମୋର ବୁଷ୍ଟର ଔଷଧ ନେବାର ଅଛି ।

12 ତେଣୁ, ମୁଁ, ଏହି ସୁଯୋଗ ପାଇଁ ଅତ୍ୟଧିକ ଧନ୍ୟବାଦୀ ଅଟେ, ଏବଂ—ଏବଂ ଏହି ଉତ୍ତମ ସଭା ପାଇଁ ଯାହାକି ଆମର ସମ୍ମିଳନୀ ପୂର୍ବରୁ ହୋଇଥିଲା । ଏହା ନିଶ୍ଚିତରେ ମୋ ହୃଦୟକୁ ରୋମାଞ୍ଚିତ କରିଥିଲା । ଆପଣ ଲୋକମାନେ ଏକ ଉତ୍ତମ ସମୂହ ଅଟନ୍ତି । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରିବେ ।

13 ଯେତେବେଳେକି ସେହି ମହାନ ଘଟିକା କେବେ…ସେହି ମହାନ ଦାନବ ସେଠାରେ ତଳେ ଶୋଇ ରହିଥିଲା, ଯାହାକି ଅଳ୍ପ କିଛି ଦିନ ପୂର୍ବରୁ, ଆଲାସ୍କାରେ ନିଜକୁ ଲେଉଟାଇ ଥିଲା, ଆଜି ସକାଳେ ୱାଶିଂଟନର ଚାରିଆଡ଼େ, ତାହାର ଚାରିପାଖରେ, ନିଜର ଲାଞ୍ଜକୁ ପୁଣି ଥରେ ଉପରକୁ ଫୋପାଡ଼ି ଥିଲା । ସେ ଅତି ସହଜରେ, ଏହି ଆଡ଼କୁ ଆଗେଇପାରେ । ଏବଂ ଯଦି ପବିତ୍ରଆତ୍ମା ମୋତେ କେବେ ନିଶ୍ଚିତ ଭାବରେ କୁହନ୍ତି…

14 କେହି ଜଣେ ଉତ୍ତର…ମୋତେ ପଚାରିଛନ୍ତି ଯେ, "ଭାଇ ବ୍ରାନହାମ୍, କଅଣ ତାହା ଏଠାରେ ଘଟିବାକୁ ଯାଉଅଛି?" ନା, ମୁଁ ତାହା ଜାଣେ ନାହିଁ । ମୁଁ ଜାଣେ ନାହିଁ, ଯେପର୍ଯ୍ୟନ୍ତକି ମୁଁ ଜାଣି ନାହିଁ । ତାହାହିଁ ସତ୍ୟ ଅଟେ ।

15 ମୁଁ ଆପଣଙ୍କ ସହିତ ସବୁବେଳେ ସଚ୍ଚୋଟ ହୋଇ ରହିବାକୁ ଚାହେଁ । ମୁଁ କେବଳ ଅନୁମାନ କରିବାକୁ ଯାଉ ନାହିଁ, କୌଣସି ଧାରଣା, କିମ୍ବା କିଛି, ଯାହା ମୁଁ ବିଶ୍ୱାସ କରେ, କିଅବା ସେପରି କିଛିକୁ ନେବାକୁ ଯାଉ ନାହିଁ । ଯେତେବେଳେ ମୁଁ ଆପଣଙ୍କୁ କୁହେ, ଏହା ହେବାକୁ ଯାଉଅଛି । ତେବେ, ପ୍ରଥମେ ତାହାଙ୍କୁ ମୋତେ, କହିବାକୁ ହେବ, ଆଉ ତାହାପରେ ମୁଁ ଆପଣଙ୍କୁ କହିବି । ମୁଁ—ମୁଁ ଜାଣେ ଯେ ସମଗ୍ର ବିଶ୍ୱ ଏକ କମ୍ପମାନ ଅବସ୍ଥାରେ ଅଛି । ଆମେ ଶେଷ ସମୟରେ ଅଛୁ । ମାତ୍ର ଗୋଟିଏ ବିଷୟ ମୁଁ କରିବାକୁ ଚେଷ୍ଟା କରିଛି…

16 ଭାଇ ଶାକାରିଆନ୍ ଆଜି ସକାଳେ କହୁଥିଲେ, ଯେ ସେ କିପରି ପ୍ରାର୍ଥନା ଧାଡ଼ିମାନ ଦେଇ ଯାଉଥିଲେ, ଏବଂ ସେଠାରେ ପହଞ୍ଚୁଥିଲେ ଓ ଲୋକମାନେ ଆସିବା ପୂର୍ବରୁ ସେହି କାର୍ଡଗୁଡିକ ପ୍ରାପ୍ତ କରୁଥିଲେ, ଆଉ ସେଗୁଡ଼ିକୁ ଦେଖୁଥିଲେ, ଏବଂ ଦେଖୁଥିଲେ ଯେ ଯାହା ସେମାନେ ସେଠାରେ ଲେଖିଛନ୍ତି ମୁଁ ସେମାନଙ୍କୁ ତାହା କହୁଥିଲି କି ନାହିଁ—କି ନାହିଁ। ସେମାନେ ସେମାନଙ୍କର ପ୍ରାର୍ଥନା କାର୍ଡରେ ସମସ୍ତ ପ୍ରକାରର ବିଷୟ ଲେଖିଥାନ୍ତି, ଆପଣ ଜାଣନ୍ତି, ଏବଂ ସେ ତାହା ଦେଖିବାକୁ ଚାହୁଁଥିଲେ ଯେ ତାହା ଠିକ୍ କି ନୁହେଁ। ସେ କହିଲେ, ଯେ ସେ ଯାଞ୍ଚ କରିଥିବା ଶହ ଶହ ମଧ୍ୟରୁ, କୌଣସି ଗୋଟିଏ ହେଲେ କେବେ ଭୁଲ ହୋଇ ନାହିଁ। ସେଠାରେ କେବେ ବି ଗୋଟିଏ ଭୁଲ ହେବ ନାହିଁ, ଦେଖନ୍ତୁ, କାରଣ, ଯେପର୍ଯ୍ୟନ୍ତକି—ଯେପର୍ଯ୍ୟନ୍ତକି ଏହା ପରମେଶ୍ୱର ଅଟନ୍ତି। ଯଦି ମୁଁ କେବେ ନିଜକୁ ଏଥିରେ ପ୍ରଦର୍ଶିତ କରେ, ତେବେ ଏହା ଠିକ୍ ସେଠାରେ ଆରମ୍ଭରୁ ହିଁ ଭୁଲ୍ ଅଟେ।

17 ଜଣେ ଛୋଟ ଝିଅ ଯାହାର ପିତା ବସିଛନ୍ତି, ମୋର କଥା ବର୍ତ୍ତମାନ ଶୁଣୁଛନ୍ତି, ଅଳ୍ପ ଦିନ ପୂର୍ବରୁ, ମୋ ପାଖକୁ ଆସିଲେ। ସେହି ଝିଅଟି ଏକ ସ୍ୱପ୍ନ ଦେଖିଥିଲା। ସେ କହିଲା, "ଭାଇ ବ୍ରାନହାମ୍, ଏହି ସ୍ୱପ୍ନର ଅର୍ଥ କଅଣ?"

18 ମୁଁ କହିଲି, "ଭଉଣୀ, ମୁଁ ଜାଣେ ନାହିଁ। ମୋତେ ଖୋଜିବାକୁ ପଡ଼ିବ, ଯଦି ପ୍ରଭୁ ମୋତେ କହିବେ।" ତେଣୁ ମୁଁ ଗଲି, ଏବଂ ପ୍ରଭୁଙ୍କୁ ପଚାରିବାକୁ ଚେଷ୍ଟା କଲି, ଆଉ ସେ ମୋତେ କେବେ କହିଲେ ନାହିଁ।

19 ସେହି ସାନ ଝିଅଟି ପୁଣି ଫେରି ଆସିଲା। ସେ କହିଲା, "ତେବେ, ବର୍ତ୍ତମାନ ମୋର ସ୍ୱପ୍ନର ବ୍ୟାଖ୍ୟା କେଉଁଠାରେ?"

20 ମୁଁ କହିଲି, "ଏଠାକୁ ଆସ, ପ୍ରିୟେ, ବସ।" ମୁଁ କହିଲି, "ତୁମ ବାପା ଏବଂ ମାଆ ମୋର ବହୁତ ଭଲ ବନ୍ଧୁ ଅଟନ୍ତି। ବୁଝିଲ? ଏବଂ ସେମାନେ ସୁଦୂର କାନାଡାରୁ ଆସିଛନ୍ତି, ଅବସର ପ୍ରାପ୍ତ ଅଟନ୍ତି, ଏବଂ ଏଠାରେ ମୋ ସହିତ ଭ୍ରମଣ କରନ୍ତି। ସେମାନେ ଏହା ବିଶ୍ୱାସ କରନ୍ତି, ଯାହା ମୁଁ କହିବାକୁ ଚେଷ୍ଟା କରୁଛି। ଏବଂ ମୁଁ ମୋ ଜୀବନରେ, କେବେହେଲେ କାହାରିକୁ ଜାଣିଶୁଣି, କିଛି ଭୁଲ୍ କହି ନାହିଁ। ଯଦି ମୁଁ...ମୁଁ ଭାବେ ଯେ ମୁଁ ଜାଣିଛି ସେହି ସ୍ୱପ୍ନର ଅର୍ଥ କଅଣ। ମାତ୍ର ଯେପର୍ଯ୍ୟନ୍ତ ମୁଁ ନିଜେ ସେହି ସ୍ୱପ୍ନକୁ ନ ଦେଖେ, ଏବଂ ତାହାପରେ ସେ ମୋତେ ନ କୁହନ୍ତି ଯେ ଏହାର ଅର୍ଥ କଅଣ ଅଟେ, ମୁଁ ଆପଣଙ୍କୁ କହିପାରେ ନାହିଁ। ଦେଖନ୍ତୁ, ଯଦି ମୁଁ କେବଳ କିଛି ମନରୁ ଗଢିଦିଏ, ହୋଇପାରେ ଯେ ଏପରି ଏକ ସମୟ ଆସେ ଯେତେବେଳେ ଆପଣ ମୋତେ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ଆବଶ୍ୟକ କରୁଥାନ୍ତି, ଆଉ ସେତେବେଳେ ଆପଣ ଜାଣନ୍ତି ନାହିଁ ଯେ ମୋତେ ବିଶ୍ୱାସ କରିବା ଉଚିତ୍ କି ନୁହେଁ।"

21 ଯଦି ମୁଁ ଆପଣଙ୍କୁ ପ୍ରଭୁଙ୍କ ନାମରେ କିଛି କୁହେ, ଏହା ପ୍ରକୃତରେ ତାହା ହିଁ ଅଟେ। ଏହା ତ ସେ ହିଁ ଅଟନ୍ତି ଯିଏକି ମୋତେ ତାହା କହିଲେ। ଏବଂ ଏପର୍ଯ୍ୟନ୍ତ, ଏହି ସବୁ ବର୍ଷ ମଧ୍ୟରେ, ସମଗ୍ର ବିଶ୍ୱରେ, ଏବଂ ସମଗ୍ର ବିଶ୍ୱସାରା, ଏହା କେବେହେଲେ ଥରୁଟିଏ ବି ଭୁଲ୍ ହୋଇନାହିଁ।

କାରଣ…ଆଉ, ବର୍ତ୍ତମାନ, ଆପଣ ଜାଣନ୍ତି ଯେ ଜଣେ ମଣିଷ ସେତିକି ଅକାଟ୍ୟ ହୋଇପାରେ ନାହିଁ। ତାହା କରିବା ପାଇଁ ତ ଏହା ପରମେଶ୍ୱରଙ୍କ ଆତ୍ମା ଆବଶ୍ୟକ କରେ।

22 ପୁଣି ବର୍ତ୍ତମାନ ମୋ ପାଖରେ ଏକ ବାର୍ତ୍ତା ଅଛି ଯାହା ପାଇଁ ମୁଁ ଦାୟୀ ଅଟେ। ଏବଂ ଅନେକ ଥର ମୋତେ ଲୋକମାନଙ୍କ ଗହଣରେ, ବିବେଚିତ କରାଯାଏ, ତେବେ, ବୋଧହୁଏ ଏପରି ଜଣକା ଭାବରେ ଯିଏକି ଟିକେ ବସି ଗୋଟିଏ ମିନିଟ୍ ଚିନ୍ତା କରେ ନାହିଁ, ଯେ ମୁଁ ଜଣେ—ଜଣେ, ଓଃ, ଏକ ଭୟଙ୍କର ବ୍ୟକ୍ତି ଅଟେ, ଆହୁରି ଯେ ମୁଁ ଲୋକମାନଙ୍କୁ ପସନ୍ଦ କରେ ନାହିଁ, ଏବଂ ମୁଁ ସର୍ବଦା ସେମାନଙ୍କୁ କଟୁ ବାକ୍ୟ କହିଥାଏ। ଆଉ ତାହା ସେପରି ନୁହେଁ। ତାହା ସେପରି ନୁହେଁ। ମୁଁ ଲୋକମାନଙ୍କୁ ପ୍ରେମ କରେ। ମାତ୍ର, ଆପଣ ଜାଣନ୍ତି, ପ୍ରେମ ସଂଶୋଧନାତ୍ମକ ଅଟେ।

23 ଯଦି ଆପଣଙ୍କର ଛୋଟ ପିଲାଟି ସେଠାରେ ବାହାରେ ରାସ୍ତାରେ ବସିଥାନ୍ତା, ଏବଂ ଆପଣ କୁହନ୍ତେ, "ଜୁନିୟର, ପ୍ରିୟ, ମୁଁ ଚାହେଁ ନାହିଁ ଯେ ତୁମେ ସେଠାରେ ବାହାରେ ଥାଅ, ମାତ୍ର…" ଏବଂ କାରଗୁଡ଼ିକ ତାହାର ପାଖ ଦେଇ ସାୟଂ ସାୟଂ କରି ଯାଉଥାନ୍ତା, ଆଉ ଆପଣ ତାହାକୁ ଭିତରକୁ ନେଇ ଆସନ୍ତି। ସେ ପୁନର୍ବାର ଦୌଡ଼ି ପଳାଇ ଯାଏ। କାହିଁକି, ଆପଣଙ୍କୁ ତ ତାହାକୁ ସଂଶୋଧନ କରିବା ଉଚିତ୍। ଯଦି ଆପଣ ତାହାକୁ ପ୍ରେମ କରନ୍ତି, ଆପଣ କରିବେ। ଆପଣଙ୍କୁ କରିବାକୁ ପଡ଼ିବ।

24 ଯଦି ଆପଣ ଦେଖନ୍ତି ଯେ ଜଣେ ବ୍ୟକ୍ତି ଏକ ଛୋଟ ଡଙ୍ଗାରେ, ଏକ ଝରଣା ଆଡକୁ, ନଦୀରେ ଭାସି ଯାଉଅଛି, ଆଉ ଆପଣ ଜାଣନ୍ତି ଯେ ଯେତେବେଳେ ସେହି ଡଙ୍ଗାଟି ସେହି ଝରଣା ସହିତ ମିଶିବ ସେ ବୁଡ଼ିବାକୁ ଯାଉଅଛି, କଅଣ ଆପଣ କହିବେ କି, "ଜନ୍, ତୁମେ, ବୋଧହୁଏ ତୁମକୁ କିଛି ସମୟ ଚିନ୍ତା କରିବା ଉଚିତ୍, ହୋଇପାରେ ତୁମେ ଏଥିରୁ ରକ୍ଷା ପାଇ ନ ପାର"? ଯଦି ମୁଁ ଜାଣେ ଯେ ସେ ଏଥିରୁ ରକ୍ଷା ପାଇବାକୁ ଯାଉ ନାହାଁନ୍ତି, ତାହାହେଲେ ମୁଁ ଯଥା ସମ୍ଭବ, ତାଙ୍କୁ ସେହି ଡଙ୍ଗାରୁ ପ୍ରାୟଃ ବାହାରକୁ ଫିଙ୍ଗୀ ଦେବାକୁ ଯାଉଅଛି, କାରଣ ଏହା ତ ପ୍ରେମ ଅଟେ ଯାହାକି ତାହା କରିଥାଏ।

25 ଏବଂ ବର୍ତ୍ତମାନ, ଏହି ବାର୍ତ୍ତାଗୁଡ଼ିକରେ ଯାହାକି ମୁଁ କୁହେ, ମୁଁ କେବେହେଲେ କୌଣସି ମତ ସିଦ୍ଧାନ୍ତ, କିଅବା ସେପରି କିଛି ଆଣିବାକୁ ଚେଷ୍ଟା କରେ ନାହିଁ। ମୁଁ—ମୁଁ ତାହା ମୋର ନିଜ ମଣ୍ଡଳୀରେ କରେ। ମାତ୍ର ଏଠାରେ ପୁରୁଷ ଏବଂ ମହିଳାମାନଙ୍କ ମଧ୍ୟରେ ଯେଉଁମାନେକି ଭିନ୍ନ ଭିନ୍ନ ନାମଧାରୀ ସଂସ୍ଥା ଏବଂ ଭିନ୍ନ ମତର ଅଟନ୍ତି, ମୁଁ କେବଳ ଏକ ମୃଦୁ ରୂପ ନେବାକୁ ଚେଷ୍ଟା କରିଥାଏ, ବ୍ୟାଖ୍ୟା କରିଥାଏ; ମାତ୍ର ଖ୍ରୀଷ୍ଟିଆନ ପୁରୁଷମାନଙ୍କ ମଧ୍ୟରେ, ମେଥୋଡିଷ୍ଟ, ବାପ୍ଟିଷ୍ଟ, ପ୍ରେସବିଟେରିଆନ୍, କଅଣ-ଅଧିକ ଯାହା ବି ହୁଅନ୍ତୁ, ଏତିକି ଯଥେଷ୍ଟ କୁହେ ଯେ ଯଦି ଆପଣ ପରମେଶ୍ୱରଙ୍କ ଆତ୍ମାରୁ ଜନ୍ମ ହୋଇଛନ୍ତି, ମୁଁ ବିଶ୍ୱାସ କରେ ଯେ ଆପଣ ତାହା ବୁଝିଯିବେ ଯାହା ମୋର କହିବାର ଅର୍ଥ ଅଟେ।

26 ତେବେ, ଆଜି ରାତ୍ରି, ମୁଁ ଆଦିପୁସ୍ତକ, ତାହାର 24ତମ ପର୍ବକୁ ଯିବାକୁ ଚାହେଁ। ମୁଁ ପଢ଼ିବାକୁ ଚାହେଁ...ଆଦିପୁସ୍ତକ 24ତମ ପର୍ବର 12ଶ ପଦରୁ ଆରମ୍ଭ କରି।

*ପୁଣି ଏହି ପ୍ରାର୍ଥନା କଲା, ହେ ମୋହର କର୍ତ୍ତା ଅବ୍ରହାମ...ସଦାପ୍ରଭୁ ପରମେଶ୍ୱର, ବିନୟ କରୁଅଛି, ଆଜି ମୋ ସମ୍ମୁଖରେ ଶୁଭଫଳ ଉପସ୍ଥିତ କର, ଆଉ ମୋ ପ୍ରଭୁ ଅବ୍ରହାମଙ୍କ ପ୍ରତି ଦୟା କର।*

*ଦେଖ, ମୁଁ ଏହି କୂପ ନିକଟରେ ଛିଡ଼ା ହେଉଅଛି; ଆଉ ଏ ନଗରବାସୀମାନଙ୍କ କନ୍ୟାଗଣ ଜଳ ନେବା ପାଇଁ ଆସୁଅଛନ୍ତି:*

*ସେମାନଙ୍କ ମଧ୍ୟରୁ, କୌଣସି କନ୍ୟାକୁ, ତୁମ୍ଭେ ଆପଣା କଳଶ ନୁଆଁଇ, ମୋତେ ଜଳପାନ କରାଅ, ଏହି କଥା କହିଲେ; ସେ ଯେବେ କହିବ, ପାନ କର, ମୁଁ ତୁମ୍ଭର ଓଟମାନଙ୍କୁ ହିଁ ପାନ କରାଇବି: ତେବେ ସେ ତୁମ୍ଭ ଦାସ ଇସ୍‌ହାକ ନିମନ୍ତେ ତୁମ୍ଭର ନିରୂପିତା କନ୍ୟା ହେଉ; ତହିଁରେ ତୁମ୍ଭେ ମୋ ପ୍ରଭୁଙ୍କ...ପ୍ରତି ଅନୁଗ୍ରହ କରିଅଛ, ଏହା ମୁଁ ଜାଣିବି।*

27 ଆଉ ତାହାପରେ ପ୍ରକାଶିତ ବାକ୍ୟ ପୁସ୍ତକରେ। ତାହା ହେଉଛି ବାଇବଲର ପ୍ରଥମ, ଆଦିପୁସ୍ତକ। ତେବେ, ବାଇବଲର ଶେଷରେ, ମୁଁ ପ୍ରକାଶିତ ବାକ୍ୟର 21ଶ ପର୍ବ, ଏବଂ ତାର ୨ମ ପଦ ପାଠ କରିବାକୁ ଚାହେଁ।

28 ଆମେ ଜାଣୁ ଯେ ଆଦିପୁସ୍ତକର ଏହି ଶାସ୍ତ୍ରାଂଶ ଏଠାରେ କଅଣ...ଆପଣ ଯଦି ଚାହାଁନ୍ତି, ସମ୍ପୂର୍ଣ୍ଣ ପର୍ବଟି ପାଠ କରନ୍ତୁ। ଏହା ପରମେଶ୍ୱର ଇଲିୟେଜରଙ୍କୁ ପଠାଉଛନ୍ତି। କିମ୍ବା, ମୋତେ କ୍ଷମା କରନ୍ତୁ, ଅବ୍ରହାମ ଇସହାକଙ୍କ ନିମନ୍ତେ ଏକ କନ୍ୟା ବାଛି ଆଣିବା ପାଇଁ, ଇଲିୟେଜରଙ୍କୁ ପଠାଉଛନ୍ତି। ଏବଂ ସୁନ୍ଦରୀ ରିବିକା ବାହାରକୁ ବାହାରି ଆସିଲେ, ଏବଂ ସେହି ପ୍ରାର୍ଥନାର ସିଦ୍ଧ ଉତ୍ତରରେ ଯାହାକି—ଯାହାକି ଇଲିୟେଜର, ଅବ୍ରହାମଙ୍କର ସେବକ, ଠିକ୍ ସେତିକି ବେଳେ ହିଁ ପ୍ରାର୍ଥନା କରିଥିଲେ।

ତେବେ ପ୍ରକାଶିତ ବାକ୍ୟର 21ଶ ପର୍ବର ୨ମ ପଦରେ।

*ତତ୍ପରେ ଯେଉଁ ସପ୍ତ ଦୂତ ଶେଷ ସପ୍ତ କ୍ଲେଶରେ ପରିପୂର୍ଣ୍ଣ ସପ୍ତ ପାତ୍ର ଧରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଆସି ମୋତେ କହିଲେ, ଏଠାକୁ ଆସ, ମୁଁ ତୁମ୍ଭକୁ ସେହି କନ୍ୟା, ଅର୍ଥାତ୍, ମେଷଶାବକଙ୍କ ଭାର୍ଯ୍ୟାକୁ ଦେଖାଇବି।*

29 ତେବେ ମୁଁ ଆଜି ରାତ୍ରି, ଏକ ବିଷୟ ପାଇଁ, ତାହା ନେବାକୁ ଚାହୁଁଛି: *ଏକ କନ୍ୟାର ମନୋନୟନ*। ଏବଂ ଏହା ହେଉଛି, ଯେ ମୋ ଭାଇ ଯିଏକି ଏଠାରେ ରେକର୍ଡ କରନ୍ତି ସେ ଯଦି ଚାହିଁବେ, ତେବେ ଏହା ସେହି ଟେପ୍ ଅଟେ ଯାହାକୁ ଆପଣ ନେଇ ବିତରଣ କରିପାରିବେ।

30 ଏବଂ ତେବେ, ଏଥିରେ, ଏହାର ପ୍ରକୃତ ଅର୍ଥ ତାହା ନୁହେଁ ଯେ ମୁଁ ଉପସ୍ଥିତ ଥିବା ଏହି ମଣ୍ଡଳୀକୁ ଏହା କହୁଅଛି, ମାତ୍ର ଏହି ଟେପ୍‌ଗୁଡ଼ିକ ସମଗ୍ର ବିଶ୍ୱକୁ ଯାଏ। ସେଗୁଡ଼ିକ ଅନୁବାଦ

ହୋଇଥାଏ, ଆକ୍ଷରିକ ଭାବେ, ଓଃ, ବହୁ ସଂଖ୍ୟକ ଭିନ୍ନ ଭାଷାମାନଙ୍କରେ, ଏପରିକି ବିଶ୍ୱର ଚାରିଆଡ଼େ ପ୍ରତିମାପୂଜକ ଦେଶମାନଙ୍କୁ ମଧ୍ୟ ଯାଏ। ଆମେ ସେମାନଙ୍କୁ ମାଗଣାରେ, ମଣ୍ଡଳୀର ଏକ ସମାଜ ଭାବରେ, ଟେପ୍‌ଗୁଡ଼ିକୁ ପଠାଉ। ଏବଂ ତାହା ଅନୁବାଦ ହୋଇଥାଏ। ଏବଂ ଆଫ୍ରିକାର ସମଗ୍ର ଜଙ୍ଗଲମାନ ଦେଇ, ଓ ଭାରତକୁ, ପୁଣି ସମଗ୍ର ବିଶ୍ୱରେ, ଏହି ଟେପ୍‌ଗୁଡ଼ିକ ଯାଇଥାଏ।

ତେବେ, ଏକ କନ୍ୟାର ମନୋନୟନ!

31 ଜୀବନର ଅନେକଗୁଡ଼ିକ ବିଷୟରେ ଆମକୁ ଏକ ଚୟନ ଦିଆଯାଇଥାଏ। ଜୀବନର ଶୈଳୀ, ତାହା ନିଜେ, ଏକ ଚୟନ ଅଟେ। ଆମକୁ ଆମର ନିଜସ୍ୱ ପଥ ପ୍ରସ୍ତୁତ କରିବାର ଏକ ଅଧିକାର ଅଛି, ଆମର ନିଜସ୍ୱ ପଥ ବାଛିବାର ଏକ ଅଧିକାର ଅଛି ଯେପରି ଭାବରେ ଆମେ ରହିବାକୁ ଚାହୁଁ।

32 ଶିକ୍ଷା ଏକ ଚୟନ ଅଟେ। ଆମେ ଏହା ବାଛିପାରୁ ଯେ ଆମେ ଶିକ୍ଷିତ ହେବାକୁ ଯାଉଅଛୁ କି ନାହିଁ, କିଅବା ଆମେ ଶିକ୍ଷିତ ହେବାକୁ ଯାଉ ନାହୁଁ। ତାହା ଏକ ଚୟନ ଅଟେ ଯାହା ଆମର ରହିଥାଏ।

33 ଠିକ୍ ଏବଂ ଭୁଲ ଏକ ଚୟନ ଅଟେ। ପ୍ରତ୍ୟେକ ପୁରୁଷ, ପ୍ରତ୍ୟେକ ମହିଳା, ପୁଅ ଏବଂ ଝିଅ, ତାହାଙ୍କୁ ଏହା ବାଛିବାକୁ ଅଛି ଯେ ସେମାନେ ଠିକ୍ ଭାବରେ ଜୀବନ ଯାପନ କରିବା ନିମନ୍ତେ ଚେଷ୍ଟା କରିବାକୁ ଯାଉଛନ୍ତି କି ନାହିଁ। ଏହା ଏକ ଚୟନ ଅଟେ।

ଚୟନ ଏକ ବଡ଼ ବିଷୟ ଅଟେ।

34 ଆପଣଙ୍କର ଅନନ୍ତ ଗନ୍ତବ୍ୟସ୍ଥଳ ଏକ ଚୟନ ଅଟେ। ଏବଂ ହୋଇପାରେ ଯେ, ଆଜି ରାତ୍ରି, ଆଜି ରାତ୍ରି ଏହି ସେବା ସମାପ୍ତ ହେବା ପୂର୍ବରୁ, ଆପଣଙ୍କ ମଧ୍ୟରୁ କେତେକେ ସେହି— ସେହି ଚୟନକୁ କରିବେ, ଯେ ଆପଣ ନିଜର ଅନନ୍ତତାକୁ କେଉଁଠାରେ ଅତିବାହିତ କରିବେ। ଗୋଟିଏ ଥର ଏପରି ହେବ, ଯେ, ଯଦି ଆପଣ ପରମେଶ୍ୱରଙ୍କୁ ଅନେକଥର ପ୍ରତ୍ୟାଖ୍ୟାନ କରନ୍ତି, ଏପରି ଏକ ସମୟ ଆସିବ ଯେ ଆପଣ ତାହାଙ୍କୁ ଶେଷଥର ପାଇଁ ପ୍ରତ୍ୟାଖ୍ୟାନ କରିବେ। ଦୟା ଏବଂ ବିଚାର ମଧ୍ୟରେ ଏକ ରେଖା ଅଛି। ଏବଂ ଏହା ଜଣେ ପୁରୁଷ କିମ୍ବା ଜଣେ ସ୍ତ୍ରୀ, ପୁଅ କିମ୍ବା ଝିଅ ପାଇଁ, ସେହି ରେଖାକୁ ଅତିକ୍ରମ କରିବା ଏକ ବିପଜ୍ଜନକ ବିଷୟ ଅଟେ, କାରଣ ଯେତେବେଳେ ଆପଣ ସେହି ସମୟସୀମାକୁ ଅତିକ୍ରମ କରିଯାନ୍ତି ସେତେବେଳେ ଆଉ କୌଣସି ପ୍ରତ୍ୟାବର୍ତ୍ତନ ରହେ ନାହିଁ। ତେଣୁ, ଆଜି ରାତ୍ରି, ଏହା ହୁଏତ ସମୟ ହୋଇପାରେ ଯେ ଅନେକେ ସେମାନଙ୍କର—ସେମାନଙ୍କର ନିଷ୍ପତ୍ତିକୁ ନେବେ, ଯେ ସେମାନେ ଅସରନ୍ତି ଅନନ୍ତତାକୁ କେଉଁଠାରେ ଅତିବାହିତ କରିବେ।

35 ଆଉ ଏକ ଚୟନର ବିଷୟ ଯାହା ଆମ ଜୀବନରେ ଥାଏ, ତାହା ହେଉଛି, ଏକ ଜୀବନ ସାଥୀ। ଜୀବନରେ ପାଦ ଦେଉଥିବା, ଜଣେ ଯୁବକ ବା ଯୁବତୀଙ୍କୁ, ଏକ ଚୟନ କରିବାର ଏକ ଅଧିକାର ଦିଆ ଯାଇଅଛି—ଯାଇଅଛି। ଯୁବକଟି ଚୟନ କରିଥାନ୍ତି। ସେହି ଯୁବତୀଙ୍କ

ପାଖରେ ଏହାକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଏକ ଅଧିକାର ରହିଥାଏ। ମାତ୍ର ଉଭୟ ପାର୍ଶ୍ୱରେ, ଏହା ତଥାପି ଏକ ଚୟନ ଅଟେ। ଉଭୟ ପୁରୁଷ ଏବଂ ସ୍ତ୍ରୀ, ସେମାନଙ୍କ ପାଖରେ ଚୟନ କରିବାର ଏକ ଅଧିକାର ରହିଥାଏ।

ଆହୁରି ମଧ୍ୟ, ଜଣେ ଖ୍ରୀଷ୍ଟିଆନ ଭାବରେ, ଆପଣଙ୍କ ପାଖରେ ଏକ ଚୟନ ରହିଛି।

36 ଆପଣଙ୍କ ପାଖରେ ଏଠାରେ ଆମେରିକାରେ, ମଣ୍ଡଳୀର ଏକ ଚୟନ ରହିଛି, ଏପର୍ଯ୍ୟନ୍ତ, ଯେଉଁଠାକୁକି ଆପଣ ଯାଇପାରନ୍ତି। ତାହା ଆପଣଙ୍କର ନିଜର ଆମେରିକୀୟ ଅଧିକାର ଅଟେ, ଯେ ଆପଣ ଯେକୌଣସି ମଣ୍ଡଳୀକୁ ବାଛିପାରନ୍ତି ଯେଉଁଠାକୁ ଆପଣ ଯିବା ପାଇଁ ଚାହାଁନ୍ତି। ତାହା ଏକ ଚୟନ ଅଟେ। ଯଦି ଆପଣ ନ ଚାହାଁନ୍ତି, ତେବେ ଆପଣଙ୍କୁ ସେମାନଙ୍କ ମଧ୍ୟରୁ କୌଣସି ସ୍ଥାନକୁ ଯିବାକୁ ପଡିବ ନାହିଁ। ମାତ୍ର ଯଦି ଆପଣ ମେଥୋଡିଷ୍ଟରୁ ବାପ୍‌ଟିଷ୍ଟ, କିମ୍ବା କ୍ୟାଥୋଲିକରୁ ଜଣେ ପ୍ରୋଟେଷ୍ଟାଣ୍ଟକୁ, କିମ୍ବା ଅନ୍ୟାନ୍ୟ ପ୍ରଭୃତିକୁ ପରିବର୍ତ୍ତନ କରିବାକୁ ଚାହାଁନ୍ତି, ତେବେ ସେଠାରେ ଏପରି କେହି ନାହିଁ ଯିଏକି ଆପଣଙ୍କୁ କୌଣସି ନିର୍ଦ୍ଦିଷ୍ଟ ମଣ୍ଡଳୀକୁ ଆସିବା ପାଇଁ କହିପାରିବ କିମ୍ବା ଆପଣଙ୍କୁ ବାଧ୍ୟ କରିପାରିବ। ତାହା ଆମର—ଆମର ସ୍ୱାଧୀନତା ଅଟେ। ତାହା ହିଁ ଯାହାକି ଆମର ଗଣତନ୍ତ୍ର ଅଟେ। ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ବାଛିପାରିବେ। ଧର୍ମର ସ୍ୱାଧୀନତା, ଏବଂ ତାହା ଏକ—ଏକ ମହାନ ବିଷୟ ଅଟେ। ପରମେଶ୍ୱର ଆମକୁ ତାହା ସେପରି ରଖିପାରିବା ପାଇଁ ସାହାଯ୍ୟ କରନ୍ତୁ ଯେତେ ଦୂର ଆମେ ତାହା କରିପାରୁ।

37 ଆପଣଙ୍କର ମଧ୍ୟ ଏକ ଚୟନ ଅଛି। ଯେ କରିବେ କି ନାହିଁ...ଯେତେବେଳେ ଆପଣ ଏହି ମଣ୍ଡଳୀକୁ ବାଛନ୍ତି, ଆପଣ ଏହା ବାଛିପାରିବେ ଯେ ଆପଣ, ଏହି ମଣ୍ଡଳୀରେ, ଯେ ଆପଣ ଏପରି ଏକ ମଣ୍ଡଳୀକୁ ବାଛିବେ କି ନାହିଁ ଯାହାକି ଆପଣଙ୍କୁ ଆପଣଙ୍କର ଅନନ୍ତ ଗନ୍ତବ୍ୟସ୍ଥଳକୁ ମାର୍ଗଦର୍ଶନ କରିବ। ଆପଣ ଏକ ମଣ୍ଡଳୀକୁ ବାଛିପାରିବେ ଯାହାରକି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଥାଏ, ଯାହାକି ଆପଣ ଭାବିପାରିବେ ଯେ ସିଦ୍ଧାନ୍ତ ହିଁ କେବଳ ଅଟେ ଯାହା ଆପଣ ଚାହାଁନ୍ତି। କିମ୍ବା, ଅନ୍ୟ ମଣ୍ଡଳୀ ପାଖରେ ସେମାନଙ୍କର ସିଦ୍ଧାନ୍ତ ଥାଏ।

38 ଆଉ ତାହାପରେ ପରମେଶ୍ୱରଙ୍କ ବାକ୍ୟ ଅଛି, ଯାହାର ଚୟନ ଆପଣଙ୍କ ପାଖରେ ଅଛି। ଆପଣଙ୍କୁ ଚୟନ କରିବାକୁ ପଡିବ।

ଆମମାନଙ୍କ ମଧ୍ୟରେ ଚୟନ କରିବାର, ଏକ ଅଲିଖିତ ନିୟମ ଅଛି।

39 ମୁଁ ବିଶ୍ୱାସ କରେ ଯେ ଏହା ଥରେ, କାର୍ମେଲ ପର୍ବତ ଉପରେ, ଏଲିୟ ଥିଲେ, ସେହି ଚରମ ପରାକାଷ୍ଠା ପରେ, ସଙ୍କଟର ଏକ ମହାନ ଘଟିକାରେ ଯାହା ବିଷୟରେ ଆମେ ଏବେହେଁ ଆସିବାକୁ ଯାଉଅଛୁ। ଆଉ ବୋଧହୁଏ, ଆଜି ରାତ୍ରି, ଏହା ଆପଣଙ୍କ ପ୍ରତି କିମ୍ବା ମୋ ପ୍ରତି ହୋଇପାରେ, ଯେ ଆମେ ଏହି ଚୟନକୁ କରୁ, ଯେପରିକି ତାହା କାର୍ମେଲ ପର୍ବତର ଅଭିଜ୍ଞତା ଥିଲା। ସତ କହିବାକୁ ଗଲେ, ମୁଁ ଭାବୁଛି, ଏହା ବର୍ତ୍ତମାନ, ବିଶ୍ୱବ୍ୟାପୀ ଚାଲିଛି। ମାତ୍ର ଖୁବ୍ ଶୀଘ୍ର ଏକ ସମୟ ଆସିବ ଯେଉଁଠାରେକି ଆପଣଙ୍କୁ ଏକ ଚୟନ କରିବାକୁ ପଡିବ।

40 ଏବଂ ଏଠାରେ ଥିବା ଆପଣ ପୁରୁଷମାନେ, ନିଜ ନିଜର ନାମଧାରୀ ମଣ୍ଡଳୀଗୁଡ଼ିକରୁ, ଏହାକୁ କେବଳ ବିଶ୍ୱାସ କରନ୍ତୁ, ଯେ ସେହି ସମୟ ଠିକ୍ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ଅଟେ, ଯେତେବେଳେକି ଆପଣ ଏକ ଚୟନ କରିବାକୁ ଯାଉଛନ୍ତି । ଆପଣ ହୁଏତ ବିଶ୍ୱ ପରିଷଦ ମଧ୍ୟକୁ ଯିବାକୁ ଯାଉଛନ୍ତି, କିମ୍ବା ଆପଣ ଆଉ ଅଧିକ ଏକ ନାମଧାରୀ ସଂସ୍ଥା ହେବାକୁ ଯାଉ ନାହାଁନ୍ତି । ଆପଣଙ୍କୁ ତାହା କରିବାକୁ ଯିବାକୁ ହିଁ ପଡିବ, ଆଉ ସେହି ଚୟନଟି ଶୀଘ୍ର ଆସୁଅଛି ।

41 ଏବଂ ସେହି ଶେଷ ଘଟିକା ପର୍ଯ୍ୟନ୍ତ ଅପେକ୍ଷା କରିବାଟା, ମଧ୍ୟ ଏକ ବିପଜ୍ଜନକ ବିଷୟ ଅଟେ, କାରଣ ଆପଣ ଏପରି କିଛି ବିଷୟକୁ ଗ୍ରହଣ କରି ନେଇପାରନ୍ତି ଯେଉଁଥିରୁକି ଆପଣ କେବେ ମୁକୁଳି ପାରିବେ ନାହିଁ। ଆପଣ ଜାଣନ୍ତି, ଯେ ଏପରି ଏକ ସମୟ ଅଛି ଯେତେବେଳେକି ଆପଣଙ୍କୁ ଚେତାବନୀ ଦିଆ ଯାଇପାରେ, ତତ୍ପରେ, ଯଦି ଆପଣ ସେହି ଚେତାବନୀର ରେଖା ଅତିକ୍ରମ କରିଯାଆନ୍ତି, ତେବେ ଆପଣ ଅନ୍ୟ ପାର୍ଶ୍ୱ ନିମନ୍ତେ ଚିହ୍ନିତ ହୋଇସାରିଛନ୍ତି, ମାର୍କା ମରାଯାଇ ସାରିଛନ୍ତି ।

42 ମନେରଖନ୍ତୁ, ଯେତେବେଳେ ସେହି ଜୁବେଲ୍ ବର୍ଷ ଆସେ, ଏବଂ ସେହି—ସେହି ଯାଜକ ତୂରୀ ବଜାଇ ଗମନ କରୁଥାନ୍ତି, ଯେ ପ୍ରତ୍ୟେକ ଦାସ ମୁକ୍ତ ହୋଇ ଯାଇପାରିବ । ମାତ୍ର ଯଦି ସେମାନେ ସେମାନଙ୍କର ସ୍ୱାଧୀନତାକୁ ଗ୍ରହଣ କରିବାକୁ ମନା କରିଦିଅନ୍ତି, ତେବେ ତାଙ୍କୁ ମନ୍ଦିରକୁ ନେଇ, ଏକ ଖୁଣ୍ଟ ପାଖକୁ ନିଆଯିବାକୁ ପଡ଼େ, ଏବଂ ଏକ ଡାଙ୍ଗଣ ସାହାଯ୍ୟରେ ତାର କାନରେ ଛିଦ୍ର କରି ଦିଆଯାଏ, ଆଉ ତାହାପରେ ସେ ସର୍ବଦା ନିଜ ମୁନିବର ସେବା କରେ । ଏହା ତାଙ୍କ କାନରେ, ଶ୍ରବଣର ଏକ ନିଦର୍ଶନ ସ୍ୱରୂପେ ଦିଆ ଯାଇଥିଲା । "ବିଶ୍ୱାସ ଶ୍ରବଣ ଦ୍ୱାରା ଆସେ ।" ସେ ସେହି ତୂରୀଶବ୍ଦ ଶୁଣିଲା, ମାତ୍ର ସେ ଏହାକୁ ଶ୍ରବଣ କରିବାକୁ ଚାହିଁଲା ନାହିଁ ।

43 ଏବଂ ଅନେକ ଥର, ପୁରୁଷ ଏବଂ ସ୍ତ୍ରୀମାନେ ପରମେଶ୍ୱରଙ୍କ ସତ୍ୟ ଶୁଣନ୍ତି, ଓ ଏହାକୁ ସତ୍ୟ ବୋଲି, ସୁପ୍ରମାଣିତ ଏବଂ ପ୍ରତିପାଦିତ ହୋଇଥିବାର ଦେଖନ୍ତି, ମାତ୍ର ତଥାପି ସେମାନେ ଏହାକୁ ଶୁଣିବାକୁ ଚାହାଁନ୍ତି ନାହିଁ । ସେଠାରେ ଅନ୍ୟ କିଛି କାରଣ ଥାଏ । ସେଠାରେ ସତ୍ୟ ଏବଂ ତଥ୍ୟର ସମ୍ମୁଖିନ ହେବା ଅପେକ୍ଷା, ସେମାନଙ୍କ ପାଖରେ ଅନ୍ୟ କିଛି ଚୟନ ରହିଥାଏ, ସେଇଥି ଯୋଗୁଁ ସେମାନଙ୍କର କାନ ସୁସମାଚାର ପାଇଁ ବନ୍ଦ ହୋଇପାରେ । ସେମାନେ ଏହାକୁ ଆଉ କଦାପି ଶୁଣିବେ ନାହିଁ । ଆପଣମାନଙ୍କୁ ମୋର ପରାମର୍ଶ, ଯେତେବେଳେ ପରମେଶ୍ୱର ଆପଣଙ୍କ ହୃଦୟରେ କଥା କୁହନ୍ତି, ଆପଣ ଠିକ୍ ସେହି ସମୟରେ କାର୍ଯ୍ୟ କରନ୍ତୁ ।

44 ଏଲିୟ ସେମାନଙ୍କୁ ଏକ ଚୟନ ଦେଲେ, ଯାହା ସେମାନଙ୍କୁ କରିବାର ଉଚିତ୍ ଥିଲା: "ଆଜି ତୁମେ କାହାର ସେବା କରିବ ତାହା ମନୋନୀତ କର । ଯଦି ସଦାପ୍ରଭୁ ହିଁ ପରମେଶ୍ୱର ଅଟନ୍ତି, ତେବେ ତାହାଙ୍କର ସେବା କର । ମାତ୍ର ଯଦି ବାଲ୍ ପ୍ରଭୁ ହୁଅନ୍ତି, ତେବେ ତାହାର ସେବା କର ।"

45 ତେବେ, ଯେପରି ଆମେ ଦେଖୁ ଯେ ସମସ୍ତ ପ୍ରାକୃତିକ ବିଷୟ ଆତ୍ମିକ ବିଷୟର ଏକ ପ୍ରତିଚ୍ଛାୟା ଅଟେ, ଯେପରିକି ଆଜି ସକାଳେ ଆମେ ଆମ ପାଠରେ ଦେଖୁଥିଲୁ, ଯଥା ସୂର୍ଯ୍ୟ ଏବଂ ତାହାର ପ୍ରକୃତି । ତାହା ମୋର ପ୍ରଥମ ବାଇବଲ ଥିଲା । ବାଇବଲରେ ମୁଁ ଗୋଟିଏ ପୃଷ୍ଠା

ସୁଦ୍ଧା ପଢ଼ିବା ପୂର୍ବରୁ, ମୁଁ ପରମେଶ୍ୱରଙ୍କୁ ଜାଣିଥିଲି । କାରଣ, ବାଇବଲ ପ୍ରକୃତିରେ ସବୁଆଡେ ଲେଖା ହୋଇଛି, ଏବଂ ଏହା ପରମେଶ୍ୱରଙ୍କ ବାକ୍ୟ ସହିତ ସାମଞ୍ଜସ୍ୟରେ ରହିଥାଏ: ଯେ କିପରି ଭାବରେ ପ୍ରକୃତିର ମୃତ୍ୟୁ, ସମାଧି, ପୁନରୁତଥାନ; ଏବଂ ସୂର୍ଯ୍ୟର ଉଦୟ ହେବା, ଗମନ କରିବା, ଅସ୍ତ ହେବା, ମରିବା, ପୁନର୍ବାର ଉଠିବା । ଅନେକଗୁଡ଼ିଏ ବିଷୟ ଅଛି ଯାହାକୁ ଆମେ ପ୍ରକୃତିରେ ପରମେଶ୍ୱରଙ୍କ ସହିତ, ପ୍ରତିଚିତ୍ରଣ କରିପାରିବା, ଯାହାକି ଆମକୁ ଏହି ବାର୍ତ୍ତା ପାଇଁ ଛାଡ଼ିବାକୁ ପଡୁଛି ।

46 ତେବେ, ଯଦି ସେହି ଆତ୍ମିକ, କିମ୍ବା, ସେହି ପ୍ରାକୃତିକ ବିଷୟ ଏକ ଆତ୍ମିକ ବିଷୟର ପ୍ରତିଚିତ୍ରଣ ଅଟେ, ତାହାହେଲେ, ପ୍ରାକୃତିକ ଭାବରେ, ଏକ କନ୍ୟାର ମନୋନୟନ, ଆତ୍ମିକ ଭାବରେ ଏକ କନ୍ୟାର, ସେହି କନ୍ୟାର ମନୋନୟନର, ଏକ ପ୍ରତିଚିତ୍ରଣ ଅଟେ ।

47 ତେବେ, ଏହା ଏକ ଗମ୍ଭୀର ବିଷୟ ଅଟେ ଏକ ପୁରୁଷ ପାଇଁ, ଯେତେବେଳେ ଆମେ ଏକ ପତ୍ନୀ ବାଛିବାକୁ ଯାଉ, କାରଣ ଏଠାରେ ଶପଥଗୁଡ଼ିକ ହେଲା "ଯେପର୍ଯ୍ୟନ୍ତ ମୃତ୍ୟୁ ଆମକୁ ବିଚ୍ଛେଦ ନ କରେ ।" ସେହିପରି ଭାବରେ ହିଁ ଆମେ ଏହା ରଖିବା ଉଚିତ୍ । ଏବଂ ଆପଣ ସେହି ଶପଥକୁ ପରମେଶ୍ୱରଙ୍କ ସମ୍ମୁଖରେ ଗ୍ରହଣ କରନ୍ତି, ଯେ କେବଳ ମୃତ୍ୟୁ ହିଁ ଆପଣଙ୍କୁ ବିଚ୍ଛେଦ କରିବ । ଆଉ ମୁଁ ଭାବୁଛି ଆମେ କରିବା ଉଚିତ୍…ଜଣେ ପୁରୁଷ ତାହାର ସଠିକ୍ ମସ୍ତିଷ୍କରେ, ଯିଏକି ଭବିଷ୍ୟତ ନିମନ୍ତେ ଯୋଜନା କରୁଛି, ଯେ ସେ ସେହି ପତ୍ନୀଙ୍କୁ ଅତି ଯତ୍ନ ସହକାରେ ବାଛିବା ଉଚିତ୍ । ଆପଣ କଅଣ କରୁଛନ୍ତି ତାହା ପ୍ରତି ଯତ୍ନବାନ ହୁଅନ୍ତୁ । ପୁଣି ଜଣେ ମହିଳା ଏକ ସ୍ୱାମୀ ବାଛିବାବେଳେ, କିମ୍ବା ସ୍ୱାମୀ ଗ୍ରହଣ କରିବାର ସେହି ଚୟନକୁ ନେଲାବେଳେ, ଅତି ଯତ୍ନବାନ ହେବା ଉଚିତ୍ ଯେ ସେ କଅଣ କରୁଛନ୍ତି, ଏବଂ ବିଶେଷ କରି ଏହି ଦିନମାନଙ୍କରେ । ଜଣେ ପୁରୁଷ ଏକ ପତ୍ନୀ ବାଛିବା ପୂର୍ବରୁ ଭାବିବା ଉଚିତ୍ ଏବଂ ପ୍ରାର୍ଥନା କରିବା ଉଚିତ୍ ।

48 ମୁଁ ଭାବୁଛି, ଆଜି, ଯାହା ହୋଇଛି…ବର୍ତ୍ତମାନ ଛାଡ଼ପତ୍ରର ଅନେକଗୁଡ଼ିଏ ମାମଲା, ଯେ ଆମେରିକାରେ ଆମେ ଛାଡ଼ପତ୍ର ମାମଲାରେ, ବିଶ୍ୱରେ ଅଗ୍ରଣୀ ଅଟୁ । ଆମେ ବାକି ଦୁନିଆକୁ ଆଗେଇ ନେଉ । ଅନ୍ୟ କୌଣସି ରାଷ୍ଟ୍ର ଅପେକ୍ଷା ଏଠାରେ, ଏହି ରାଷ୍ଟ୍ରରେ ଅଧିକ ଛାଡପତ୍ର ହୁଏ, ଏବଂ ଏହା ଏକ ଖ୍ରୀଷ୍ଟିଆନ ରାଷ୍ଟ୍ର, ବୋଲି ଗଣନା, ଓ ଚିନ୍ତା କରାଯାଏ । କି ଏକ ଅପମାନର ବିଷୟ ଅଟେ, ଆମର ଛାଡ଼ପତ୍ର ନ୍ୟାୟାଳୟମାନ! ମୁଁ ଭାବେ, ଏହାର କାରଣ ହେଉଛି, ଯେ ପୁରୁଷମାନେ ପରମେଶ୍ୱରଙ୍କଠାରୁ ଦୂରେଇ ଯାଇଛନ୍ତି, ଏବଂ ସ୍ତ୍ରୀଲୋକମାନେ ପରମେଶ୍ୱରଙ୍କଠାରୁ ଦୂରେଇ ଯାଇଛନ୍ତି ।

49 ଏବଂ ଆମେ ପାଉ, ଯେ, ଯଦି ଜଣେ ପୁରୁଷ ଏବଂ ଜଣେ ସ୍ତ୍ରୀଲୋକ ଏହି ବିଷୟରେ ପ୍ରାର୍ଥନା କରନ୍ତି; କେବଳ ଏକ ସୁନ୍ଦର ଆଖିଦୁଇଟି ନ ଦେଖି, କିମ୍ବା ବଡ଼ ବଡ଼ ଶକ୍ତିଶାଳୀ କାନ୍ଧକୁ ନ ଦେଖି, କିଅବା ସେହିପରି କିଛି, ଅଥବା ଅନ୍ୟ କିଛି ସାଂସାରିକ ସ୍ନେହକୁ ନ ଦେଖି; ବରଂ ପ୍ରଥମେ ପରମେଶ୍ୱରଙ୍କ ଆଡକୁ ଚାହିଁ, ଏହା କୁହନ୍ତି, "ହେ ପରମେଶ୍ୱର, କଅଣ ଏହା ତୁମର ଯୋଜନା କି?"

50 ମୁଁ ଭାବୁଛି, ଆଜି, ଏତେ ଅଧିକ ପ୍ରତାରଣା ଅଛି, ଯେପରିକି ବିଦ୍ୟାଳୟରେ ହେଉଥାଏ । ଯେତେବେଳେ—ଯେତେବେଳେ ଏକ ସକାଳରେ, ପିଲାମାନେ ଆସନ୍ତି, ପଡୋଶୀରେ ଅନେକ ପିଲାମାନେ, ଯାହାକି—ଯାହାକି ମୋର ବନ୍ଧୁମାନେ, ଆସିବେ ଓ କହିବେ, "ଭାଇ ବ୍ରାନହାମ୍, କଅଣ ଆପଣ ଆମ ପାଇଁ ପ୍ରାର୍ଥନା କରିବେ କି? ଆମର ଆଜି ଏକ—ଏକ ପରୀକ୍ଷା ଅଛି । ମୁଁ—ମୁଁ ରାତିସାରା ପରିଶ୍ରମ କରିଛି, ଆଉ ମୁଁ ଭାବେ ନାହିଁ ଯେ ମୁଁ ତାହା କରିପାରିବି—କରିପାରିବି । ମୋ ପାଇଁ ପ୍ରାର୍ଥନା କରି ଦିଅନ୍ତୁ ।" ମୁଁ ଭାବୁଛି ଯେ କୌଣସି ବିଦ୍ୟାଳୟ ଯାଉଥିବା ପିଲା, ଯଦି ତୁମେ, ଯଦି…ଏବଂ ପିତାମାତାମାନେ ସକାଳେ ମେଜରେ, ଆପଣ ଯଦି କହିପାରନ୍ତି, "ମାଆ, ଜନ୍‌ର ଆଜି ଏକ ପରୀକ୍ଷା ଅଛି । ଆସ ଏବେ ତାହା ପାଇଁ ପ୍ରାର୍ଥନା କରିବା ।" ମୁଁ ଭାବୁଛି ଏହା ସେସବୁକିଛିକୁ ପରାସ୍ତ କରିଦେବ ଯାହାକି ଆପଣ କେବେ ଅନ୍ୟ କୌଣସି ଉପାୟରେ କରିପାରନ୍ତି, ଅବା ଅନ୍ୟ କାହାରିର ଉତ୍ତରପୁସ୍ତିକା ଉପରେ ନଜର ପକାଇବା ଓ ନକଲ କରିବା, ମୁଁ ଭାବୁଛି, ଯଦି ଆପଣ କେବଳ ବାହାରି ଆସିବେ ଓ ଏହା ବିଷୟରେ ପ୍ରାର୍ଥନା କରିବେ ।

51 ଏବଂ ଯଦି ଆମେ ଏହା ଅଧ୍ୟୟନ କରିବା ଯେ ଆମେ ସେତେବେଳେ କଅଣ କରୁଅଛୁ ଯେତେବେଳେ ଆମେ ବିବାହ କରିବାକୁ ଯାଉଥାଉ, ଯେତେବେଳେ ଆମେ ଆମର ପତ୍ନୀ, ଆମ ସ୍ୱାମୀ ବାଛିଥାଉ, ଯଦି ଆମେ ଏହାକୁ ଅଧ୍ୟୟନ କରିବା! ଜଣେ ବ୍ୟକ୍ତିକୁ ଆନ୍ତରିକ ଭାବରେ ପ୍ରାର୍ଥନା କରିବା ଉଚିତ୍, କାରଣ ସେ ତାହାର ସମସ୍ତ ଜୀବନକୁ ନଷ୍ଟ କରି ଦେଇପାରେ । ମନେରଖନ୍ତୁ, ଶପଥଟି ହେଉଛି "ଯେପର୍ଯ୍ୟନ୍ତ ମୃତ୍ୟୁ ଆମକୁ ବିଚ୍ଛେଦ ନ କରେ," ଏବଂ ସେ ଭୁଲ୍ ଚୟନ କରି ତାହାର ଜୀବନକୁ ନଷ୍ଟ କରି ଦେଇପାରେ । ମାତ୍ର ଯଦି ସେ ଏହା ଜାଣିଥାନ୍ତା ଯେ, ସେ ଭୁଲ୍ ଚୟନ କରୁଛନ୍ତି ଏବଂ ଏପରି ଜଣେ ମହିଳାଙ୍କୁ ବିବାହ କରୁଛନ୍ତି ଯିଏକି ତାଙ୍କ ପତ୍ନୀ ହେବା ଯୋଗ୍ୟ ନୁହେଁ, ଆଉ ସେ ଯେକୌଣସି ପ୍ରକାରେ ବି ତାହା କରନ୍ତି, ତେବେ ଏହା ତାଙ୍କର ଦୋଷ ଅଟେ । ଯଦି ସେହି ସ୍ତ୍ରୀଲୋକଜଣକ ଏକ ସ୍ୱାମୀକୁ ଗ୍ରହଣ କରନ୍ତି ଏବଂ ଜାଣନ୍ତି ଯେ ସେ ଆପଣଙ୍କର ଏକ ସ୍ୱାମୀ ହେବାକୁ ଯୋଗ୍ୟ ନୁହଁନ୍ତି, ତେବେ ଏହା ଜାଣିବା ପରେ ଯେ କଅଣ ଠିକ୍ ଏବଂ ଭୁଲ୍, ତାହା ଆପଣଙ୍କର ନିଜର ଦୋଷ ଅଟେ । ତେଣୁ, ଆପଣ ପୁଙ୍ଖାନୁପୁଙ୍ଖ ପ୍ରାର୍ଥନା ନ କରିବା ପର୍ଯ୍ୟନ୍ତ ଆପଣଙ୍କୁ ଏହା କରିବା ଉଚିତ୍ ନୁହେଁ ।

52 ସେହି ସମାନ ବିଷୟ ଏକ ମଣ୍ଡଳୀ ଚୟନ କରିବାରେ ପ୍ରଯୁଜ୍ୟ ଅଟେ । ତେବେ, ଆପଣଙ୍କୁ ନିଶ୍ଚୟ ସେହି ମଣ୍ଡଳୀ ସମ୍ବନ୍ଧରେ ପ୍ରାର୍ଥନା କରିବା ଉଚିତ୍ ଯେଉଁଠାରେ ଆପଣ ସହଭାଗୀତା କରୁଛନ୍ତି । ମନେରଖନ୍ତୁ, ମଣ୍ଡଳୀଗୁଡ଼ିକ ଏକ ଆତ୍ମା ବହନ କରନ୍ତି ।

53 ତେବେ, ମୁଁ ସମାଲୋଚକ ହେବାକୁ ଚାହେଁ ନାହିଁ । ମାତ୍ର ମୁଁ ଅନୁଭବ କରେ ଯେ ମୁଁ ଜଣେ ବୟସ୍କ ବ୍ୟକ୍ତି, ଆଉ ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ, ମୋତେ ଏଠାରୁ ଚାଲିଯିବାକୁ ଅଛି । ଏବଂ ମୁଁ ଆଜି ରାତ୍ରି କିମ୍ବା ଅନ୍ୟ କୌଣସି ସମୟରେ ଯାହା କୁହେ ସେଇଥିପାଇଁ ବିଚାର

ଦିନରେ ମୋତେ ଉତ୍ତର ଦେବାକୁ ହେବ। ଆଉ ମୁଁ, ତେଣୁ, ମୋତେ ଅତ୍ୟଧିକ ଭାବରେ ସତ୍ୟନିଷ୍ଠ ଏବଂ ପ୍ରକୃତରେ ହୃଦବୋଧଜନକ ହେବାକୁ ପଡ଼ିବ।

54 ମାତ୍ର, ଆପଣ ଏକ ମଣ୍ଡଳୀକୁ ଯାଆନ୍ତୁ, ଏବଂ ଯଦି ଆପଣ ସେହି ମଣ୍ଡଳୀର ଆଚରଣ ଦେଖିବେ, ଆପଣ କେବଳ ପାଳକଙ୍କୁ କିଛି ସମୟ ଦେଖନ୍ତୁ, ଏବଂ ଆପଣ ସାଧାରଣତଃ ପାଇବେ ଯେ ମଣ୍ଡଳୀଟି ପାଳକଙ୍କ ପରି ଆଚରଣ କରେ। ବେଳେବେଳେ, ମୁଁ ଆଶ୍ଚର୍ଯ୍ୟ କରେ ଯେ ଆମେ ପବିତ୍ରଆତ୍ମାଙ୍କ ବଦଳରେ ପରସ୍ପର ଜଣେ ଅନ୍ୟର ଆତ୍ମା ପାଇ ନାହୁଁ ତ। ଆପଣ ଏପରି ଏକ ସ୍ଥାନକୁ ଯାଆନ୍ତି ଯେଉଁଠାରେ ଜଣେ ପାଳକ ପ୍ରକୃତରେ ଉଗ୍ର ମୌଳିକବାଦୀ ଥାଆନ୍ତି ଏବଂ ସେହିପରି ବିଷୟ କହୁଥାନ୍ତି, ଆପଣ ପାଇବେ ଯେ ମଣ୍ଡଳୀ ମଧ୍ୟ ସେହି ସମାନ ପ୍ରକାର ଅଟେ। ମୁଁ ଆପଣଙ୍କୁ ଏକ ଏପରି ମଣ୍ଡଳୀକୁ ନେଇଯିବି ଯେଉଁଠାରେ ମୁଁ ପାଳକଙ୍କୁ ଛିଡ଼ା ହେବାର ଦେଖେ, ସେମାନଙ୍କର ମୁଣ୍ଡକୁ ଆଗକୁ ପଛକୁ ଝଟକୁଥିବାର ଦେଖେ। ଆପଣ ମଣ୍ଡଳୀକୁ ଦେଖନ୍ତୁ, ସେମାନେ ସେହି ସମାନ କାର୍ଯ୍ୟ କରୁଥାନ୍ତି। ଆପଣ ଜଣେ ପାଳକଙ୍କୁ ନିଅନ୍ତୁ, ଯିଏକି ଯେକୌଣସି ବିଷୟକୁ କେବଳ ଗିଳି ପକାନ୍ତି, ସାଧାରଣତଃ ସେହି ମଣ୍ଡଳୀ ମଧ୍ୟ ସେହି ସମାନ ବିଷୟ କରିବ। ତେଣୁ, ଯଦି ମୁଁ ଏକ ମଣ୍ଡଳୀ ଚୟନ କରୁଥାଏ, ମୁଁ ଏକ ପ୍ରକୃତ, ମୌଳିକ, ପୂର୍ଣ୍ଣ ସୁସମାଚାର, ବାଇବଲ ମଣ୍ଡଳୀ ବାଛିବି, ଯଦି ମୁଁ ମୋର ପରିବାରକୁ ସେଠାରେ ନେଇଯିବା ପାଇଁ ଗୋଟିଏ ବାଛୁଥାଏ। ଚୟନ କରନ୍ତୁ। ମୁଁ ଦେଖିଥାଏ...

55 ଅନ୍ୟ ଏକ ଦିନ, ସେହି ପିଲାମାନେ, ଭାଇ ଶାକାରିୟାନ୍‌ଙ୍କ ପୁଅ ଏବଂ ତାଙ୍କ ଜ୍ୱା-ଇଁ, ମୋତେ ଜଣେ ଯୁବା ପିଲା, ଜଣେ ଗାୟକ, ଉତ୍ତମ ଦିଶୁଥିବା ଏକ ବାଳକ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଏଠାରେ ଉପରକୁ ନେଇଗଲେ। ଅଳ୍ପ ସମୟ ହୋଇଛି ଫେରି ଆସିଥିଲା...ଫ୍ରେଡ୍ ବାର୍କର୍, ଏହାହିଁ ତାଙ୍କର ନାମ ଥିଲା, ଅଳ୍ପ ଦିନ ହୋଇଛି ଏକ ଯାତ୍ରାରୁ ଫେରି ଆସିଥିଲା। ଏବଂ ସେମାନେ ମୋତେ ଡାକି, କହିଲେ, "ଫ୍ରେଡ୍ ମରୁଅଛି।" ଏବଂ ତାହାପରେ, ଏହା ପୂର୍ବେକି ମୁଁ ଘରକୁ ପହଞ୍ଚି ପାରନ୍ତି, ଆଉ ଏକ ବାର୍ତ୍ତା ଆସିଲା, "ସେ ବର୍ତ୍ତମାନ ସୁଦ୍ଧା ମୃତ ହୋଇ ଯାଇଥିବ।" ଆଉ ସେ କହିଲେ ଯେ ତାହାର ମସ୍ତିଷ୍କରେ ଏକ—ଏକ ରକ୍ତସ୍ରାବ ହୋଇ ଯାଇଥିଲା, ଏବଂ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲା, ଏବଂ—ଏବଂ ସେ ମରିବା ଉପରେ ଅଟେ, ଏବଂ ତାଙ୍କ ପତ୍ନୀ ଚାହୁଁଥିଲେ ଯେ ମୁଁ ତାଙ୍କ ପାଇଁ ପ୍ରାର୍ଥନା କରେ।

56 ଆଉ ମୁଁ ଭାବିଲି, "ଓଃ, ଯଦି ମୁଁ ଉଡ଼ିବାକୁ ବି ଚେଷ୍ଟା କରେ, ମୁଁ ସେଠାରେ ପହଞ୍ଚିବା ପୂର୍ବରୁ ସେ ମରି ଯାଇଥିବ, ଏବଂ ବର୍ତ୍ତମାନ ସୁଦ୍ଧା ମରି ବି ଯାଇଥିବ।" ତେଣୁ, ମୁଁ ଶୀଘ୍ର ଫୋନ୍ କଲି ଏବଂ ସେହି ସାନ ମହିଳାଙ୍କୁ ଫୋନ୍‌ରେ ଡାକିଲି। ଆଉ—ଆଉ ଆମେ ଫୋନ୍‌କୁ ସଂଯୋଗ କଲୁ, ଏବଂ ଫ୍ରେଡ୍‌ଙ୍କ କାନରେ ଲଗାଇଲୁ। ସେ ଗିଳି ପାରୁ ନ ଥିଲା। ସେମାନେ ତାଙ୍କୁ କୃତ୍ରିମ ଭାବେ ଗିଳାଉ ଥିଲେ। ଆଉ ଯେତେବେଳେ ଆମେ ତାଙ୍କ ପାଇଁ ପ୍ରାର୍ଥନା କଲୁ, ସେ କହିଲା, ଠାରିଲା, ଏହାକୁ ନିଜ ଗଳାରୁ ବାହାର କରିଦେଲା। ସେ ଗିଳି ପାରୁଥିଲା। ଡାକ୍ତରମାନେ

ଏହାକୁ ବିଶ୍ୱାସ କଲେ ନାହିଁ । ସେମାନେ ଏହାକୁ ବାହାର କଲେ, ଏବଂ ସେ ଗିଳି ପାରୁଥିଲା । ଅନ୍ୟ ଏକ ଦିନ, ସେ ସେଠାରେ ବସିଥିଲା ।

ଏକ ମଣ୍ଡଳୀ; ଏକ ମଣ୍ଡଳୀ ଚୟନ କରିବା ।

57 କିଛି ସମୟ ପୂର୍ବରୁ, ଠିକ୍ ଫୋନ୍ କଲ ଆସିଲା । ଆଜି ସକାଳେ, ମୋର ମଣ୍ଡଳୀର ଜଣେ ସଦସ୍ୟ, ଯିଏକି ପ୍ରକୃତରେ ଲୁଇସଭିଲେର ଜଣେ ବାପ୍‌ଟିଷ୍ଟ ମହିଳା ଥିଲେ, ସେ ଆଜି ସକାଳେ ଅତି ପ୍ରଭାତରେ ମୃତ୍ୟୁବରଣ କଲେ । ଏବଂ ଗୃହସ୍ଥିତ ମୋର ମଣ୍ଡଳୀ, ପବିତ୍ରୀକୃତ ପୁରୁଷମାନଙ୍କର ଏକ ବାସ୍ତବିକ ଗୋଷ୍ଠୀ, ଆପଣାକୁ ଏକାଠି ଏକତ୍ର କରି ସେଠାରେ ତଳକୁ ଗଲେ, ଏହା ପୂର୍ବେକି ସମାଧି ନିମନ୍ତେ କର୍ମକାରୀ ତାଙ୍କ ଶବକୁ ପ୍ରସ୍ତୁତ କରନ୍ତେ, ତାଙ୍କ ପାଖରେ ଛିଡ଼ା ହୋଇ, ପ୍ରାର୍ଥନା କଲେ ଯେପର୍ଯ୍ୟନ୍ତକି ତାଙ୍କ ଭିତରେ ଜୀବନ ଫେରି ନ ଆସିଲା । ଏବଂ ସେ ଆଜି ରାତ୍ରି, ଜୀବିତ ଅଛନ୍ତି । ମୋ ମଣ୍ଡଳୀର ପ୍ରାଚୀନମାନେ, କାହିଁକି, ସେମାନଙ୍କୁ ଏହା ବିଶ୍ୱାସ କରିବା ପାଇଁ ଶିକ୍ଷା ଦିଆଯାଇଛି ଯେ ସମସ୍ତ ବିଷୟ ସମ୍ଭବ, ନିଷ୍ଠାପରତାର ସହିତ ପରମେଶ୍ୱରଙ୍କ ନିକଟକୁ ଆସନ୍ତୁ ।

ତେଣୁ, ଆପଣଙ୍କୁ ନିଶ୍ଚିତ ଭାବରେ ସଠିକ୍ ଚୟନ କରିବା ଉଚିତ୍ ।

58 ପୁନର୍ବାର, ଜଣେ ପୁରୁଷ ଯେଉଁ ପ୍ରକାରର ଏକ ସ୍ତ୍ରୀକୁ ବାଛନ୍ତି, ଏହା ତାହାର ଉଚ୍ଚ ଅଭିଳାଷମାନ ଏବଂ ଚରିତ୍ରକୁ ପ୍ରତିବିମ୍ବିତ କରିବ । ଯଦି ଜଣେ ପୁରୁଷ ଭୁଲ ସ୍ତ୍ରୀକୁ ବାଛିନିଏ, ଏହା ତାହାର ଚରିତ୍ରକୁ ପ୍ରତିବିମ୍ବିତ କରେ । ଏବଂ ସେ ଯାହା ସହିତ ନିଜକୁ ବାନ୍ଧି ରଖେ, ତାହା ପ୍ରକୃତରେ ଦେଖାଏ ଯେ ତାହା ଭିତରେ କଅଣ ଅଛି । ଜଣେ ପୁରୁଷ ଯେତେବେଳେ ଜଣେ ମହିଳାକୁ ନିଜର ପତ୍ନୀ ପାଇଁ ବାଛିଥାଏ ସେତେବେଳେ ସେହି ମହିଳା ଏହା ପ୍ରତିବିମ୍ବିତ କରେ ଯେ ସେହି ପୁରୁଷ ଭିତରେ କଅଣ ଅଛି । ଏହା ତାହା ଦର୍ଶାଏ ଯେ ସେହି ପୁରୁଷ ଭିତରେ କଅଣ ଅଛି । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ ବାହାରେ କଅଣ କହୁଛି, ସେ କଅଣ ବିବାହ କରିଛି ତାହା ଦେଖନ୍ତୁ ।

59 ମୁଁ ଜଣେ ବ୍ୟକ୍ତିଙ୍କ କାର୍ଯ୍ୟାଳୟକୁ ଯାଏ, ଏବଂ ସେ କୁହନ୍ତି ସେ ଜଣେ ଖ୍ରୀଷ୍ଟିଆନ; କାନ୍ଥରେ ଚାରିଆଡ଼େ ପୋଷ୍ଟର ଚିତ୍ର ଲାଗିଥାଏ, ସେହି ପୁରୁଣା ବୁଗି-ୱଗି ସଙ୍ଗୀତ ଚାଲିଥାଏ । ମୁଁ ତାହା ଖାତିର୍ କରେ ନାହିଁ ଯେ ସେ କଅଣ କୁହନ୍ତି । ମୁଁ ତାଙ୍କର ସାକ୍ଷ୍ୟକୁ ବିଶ୍ୱାସ କରେ ନାହିଁ, କାରଣ ତାଙ୍କ ଆତ୍ମା ଜଗତର ସେହି ବିଷୟବସ୍ତୁ ଉପରେ ପୋଷିତ ହେଉଅଛି । କଅଣ ହୁଏ, ଧରି ନିଅନ୍ତୁ, ଯଦି ସେ ଏକ ଗାୟନମଣ୍ଡଳୀର ଝିଅକୁ ବିବାହ କରନ୍ତି, କିମ୍ବା ଯଦି ସେ ଏକ କାମାସକ୍ତ ରାଣୀଙ୍କୁ ବିବାହ କରନ୍ତି, କିଅବା କେବଳ ଏକ ସୁନ୍ଦର, ଆଧୁନିକ ବାଜେ ରିକେଟା ଝିଅକୁ ବିବାହ କରନ୍ତି? ଏହା ପ୍ରତିବିମ୍ବିତ କରେ, ଏହା ଦର୍ଶାଏ ଯେ ତାଙ୍କ ମନରେ କଅଣ ଅଛି, ଯେ ତାଙ୍କ ଭବିଷ୍ୟତ ଘର କଅଣ ହେବାକୁ ଯାଉଅଛି, କାରଣ ସେ ନିଜର ସନ୍ତାନମାନଙ୍କୁ ଲାଳନ ପାଳନ କରିବା ପାଇଁ ତାଙ୍କୁ ଗ୍ରହଣ କରିଛନ୍ତି । ଏବଂ ସେହି ସ୍ତ୍ରୀ ଯାହାକିଛି ଅଟନ୍ତି, ଠିକ୍ ସେହିପରି ଭାବରେ ହିଁ ସେ ସନ୍ତାନମାନଙ୍କୁ ଲାଳନ ପାଳନ କରିବେ । ତେଣୁ, ଏହା ତାହାକୁ ପ୍ରତିବିମ୍ବିତ

କରେ ଯାହାକି ସେହି ପୁରୁଷରେ ଥାଏ । ଜଣେ ପୁରୁଷ ଯିଏକି ସେହିଭଳି ଏକ ସ୍ତ୍ରୀକୁ ଗ୍ରହଣ କରେ, ଏହା ଦର୍ଶାଏ ଯେ ସେ ଭବିଷ୍ୟତ ବିଷୟରେ କଅଣ ଚିନ୍ତା କରୁଅଛନ୍ତି ।

60 କଅଣ ଆପଣ ଜଣେ ଖ୍ରୀଷ୍ଟିଆନକୁ ଏପରି କାର୍ଯ୍ୟ କରୁଥିବାର କଳ୍ପନା କରିପାରନ୍ତି କି? ନା, ଆଜ୍ଞା । ମୁଁ କରିପାରେ ନାହିଁ । ଜଣେ ପ୍ରକୃତ ଖ୍ରୀଷ୍ଟିଆନ ଏପରି ରୂପବତୀ ରାଣୀମାନଙ୍କୁ, ଏବଂ ଗାୟନମଣ୍ଡଳୀର ଝିଅମାନଙ୍କୁ, ଏବଂ କାମାସକ୍ତ ରାଣୀଙ୍କୁ ଖୋଜିବେ ନାହିଁ । ସେ ତ ଖ୍ରୀଷ୍ଟିଆନ ଚରିତ୍ରକୁ ଖୋଜିବେ ।

61 ତେବେ, ଆପଣ ସମସ୍ତ ଜିନିଷ ପାଇପାରିବେ ନାହିଁ, ସେଠାରେ ଗୋଟିଏ ଝିଅ ଥାଇପାରେ ଯିଏକି ପ୍ରକୃତରେ ସୁନ୍ଦର ଥିବ, ଏବଂ ଅନ୍ୟ ଝିଅଟି, ବୋଧହୁଏ ସେ ଜଣେ, ତାହାର ଶାରୀରିକ ଗଠନ ଏହି ଜଣକ ଅପେକ୍ଷା ଭଲ ଦେଖା ଯାଉଥିବ, ଏବଂ ଆପଣଙ୍କୁ ଗୋଟିଏ ପାଇଁ ଅନ୍ୟକୁ ବଳିଦାନ ଦେବାକୁ ପଡ଼ିପାରେ । ମାତ୍ର ଯଦି ସେ ଜଣେ ମହିଳା, କିମ୍ବା ଜଣେ ସ୍ତ୍ରୀଲୋକର ଗଠନରେ ନୁହଁନ୍ତି, ଆଉ ସେ…ମୋର ସେଥିରେ ଯାଏ ଆସେ ନାହିଁ ଯେ ସେ ସୁନ୍ଦର ଅଟନ୍ତି କି ନୁହେଁ, ଉତ୍ତମ ହେବ ଯେ ଆପଣ ତାହାର ଚରିତ୍ରକୁ ଦେଖନ୍ତୁ, ସେ ସୁନ୍ଦର ହେଉ କିମ୍ବା ସୁନ୍ଦର ନ ହେଉ ।

62 ତେବେ, ଏହା ଏପରି, ହେଉଅଛି, ଯଦି ଜଣେ ଖ୍ରୀଷ୍ଟିଆନ ଏକ ପତ୍ନୀ ବାଛନ୍ତି, ତେବେ ତାହାଙ୍କୁ ଏକ ପ୍ରକୃତ, ନୂତନ-ଜନ୍ମ ହୋଇଥିବା ମହିଳା ବାଛିବା ଉଚିତ୍, ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ କିପରି ଦେଖାଯାଆନ୍ତି । ଏହା ତ ତାହା ଅଟେ ଯାହାକି ସେ ଅଟନ୍ତି, ଯାହା ତାହାଙ୍କୁ ଗଠନ କରେ । ଏବଂ ତାହାପରେ, ପୁଣି, ତାହା ତାଙ୍କର ନିଜର ଈଶ୍ୱରୀୟ ଚରିତ୍ରକୁ ପ୍ରତିବିମ୍ବିତ କରେ, ଆଉ ତାଙ୍କ ମନରେ କଅଣ ଅଛି ଏବଂ ଭବିଷ୍ୟତରେ କଅଣ ହେବାକୁ ଯାଉଅଛି ତାହାକୁ ପ୍ରତିବିମ୍ବିତ କରେ, କାରଣ ତାଙ୍କ ଘର ନିମନ୍ତେ ଭବିଷ୍ୟତର ଯୋଜନା ପାଇଁ, ତାଙ୍କ ପରିବାର ଏପରି ଜଣେ ମହିଳାଙ୍କ ଦ୍ୱାରା ପାଳିତ ହେବ ।

63 ଯଦି ସେ ଏହି ଛୋଟ ଆଧୁନିକ ରିକେଟା, କାମାସକ୍ତ ରାଣୀମାନଙ୍କ ମଧ୍ୟରୁ ଜଣକୁ ବିବାହ କରନ୍ତି, ତେବେ ସେ କଅଣ ଆଶା କରିପାରନ୍ତି? କେଉଁ ପ୍ରକାରର ଏକ ଘର ଜଣେ ପୁରୁଷ ଗଢିବାକୁ ଆଶା କରିପାରନ୍ତି? ଯଦି ସେ ଏପରି ଏକ ଝିଅକୁ ବିବାହ କରନ୍ତି ଯିଏକି ତାଙ୍କ ଘରେ ରହିବା ହେତୁ ଏବଂ ଗୋଟିଏ ଘରର ଯତ୍ନ ନେବା ହେତୁ ତାହା ପାଖରେ ଯଥେଷ୍ଟ ନୈତିକ ମୂଲ୍ୟବୋଧ ନ ଥାଏ, ଏବଂ କାହାରି କାର୍ଯ୍ୟାଳୟରେ କାମ କରିବାକୁ ଚାହୁଁଥାନ୍ତି, ସେ କେଉଁ ପ୍ରକାରର ଏକ ଗୃହିଣୀ ହେବେ? ଆପଣ ଶିଶୁ-ଯତ୍ନକାରୀ ଓ ଅନ୍ୟ ସମସ୍ତକିଛି ବିଷୟ ରଖିବେ । ଏହା ସତ୍ୟ ଅଟେ ।

64 ତେବେ, ମୁଁ ସ୍ତ୍ରୀଲୋକମାନଙ୍କ କାର୍ଯ୍ୟ କରିବାର, ଏହି ଆଧୁନିକ ସ୍ୱାଦର ଅଧିକ ସମର୍ଥକ ନୁହେଁ । ଯେତେବେଳେ ମୁଁ ଏହି ସ୍ତ୍ରୀଲୋକମାନଙ୍କୁ ଏହି ୟୁନିଫର୍ମ ବସ୍ତ୍ର ପିନ୍ଧି, ମୋଟର ସାଇକେଲରେ, ପୋଲିସ୍ ଭାବରେ, ଏହି ସହରରେ ବୁଲୁଥିବାର ଦେଖେ, ଏହା କୌଣସି ସହର ପାଇଁ ଏକ ଅପମାନଜନକ ବିଷୟ ଅଟେ ଯେ ଜଣେ ସ୍ତ୍ରୀଲୋକକୁ ସେହିପରି କରିବାକୁ

ଦେବ । ବୁଝିଲେ? ବୁଝିଲେ? ଯେତେ ଜଣ ପୁରୁଷ ଯିଏକି କାମ ବିନା ରହିଛନ୍ତି, ଏହା ଆମ ସହରର ଆଧୁନିକ ଚିନ୍ତାଧାରାକୁ ଦର୍ଶାଏ । ଏହା ପତନକୁ ଦର୍ଶାଏ । ଆମକୁ ସେପରି ଭାବରେ ସେହି ସ୍ତ୍ରୀଲୋକମାନଙ୍କୁ ସେଠାରେ ରଖିବା ଆବଶ୍ୟକ ନୁହେଁ । ସେମାନଙ୍କର ସେଠାରେ ସେହିପରି ଭାବରେ ରହିବାର କୌଣସି କାମ ନାହିଁ ।

65 ଯେତେବେଳେ ପରମେଶ୍ୱର ଜଣେ ପୁରୁଷକୁ ଏକ ପତ୍ନୀ ଦେଲେ, ସେ ତାଙ୍କୁ ପରିତ୍ରାଣର ବ୍ୟତୀତ, ସବୁଠାରୁ ସର୍ବୋତ୍ତମ ବିଷୟ ଦେଲେ ଯାହାକି ସେ ଦେଇ ପାରିଥାନ୍ତେ । ମାତ୍ର ଯେତେବେଳେ ଜଣେ ଯାଇ ଏକ ପୁରୁଷର ସ୍ଥାନ ନେବାକୁ ଚେଷ୍ଟା କରନ୍ତି, ତେବେ ସେ ଏକ ମନ୍ଦ ଜିନିଷ ପ୍ରାୟଃ ହୋଇଯାଏ ଯାହାକି ସେହି ପୁରୁଷ କେବେ ପାଇପାରିବ । ତେବେ, ତାହା ଠିକ୍ ଅଟେ । ବୁଝିଲେ?

ତେବେ ଆମେ ଆତ୍ମିକ ବ୍ୟବହାରିତା ଦେଖିପାରିବା ।

66 ମୁଁ—ମୁଁ ଜାଣେ ଯେ ତାହା ଖରାପ ଅଟେ, ଆପଣ ଏହା ଖରାପ ବୋଲି ଭାବୁଛନ୍ତି, ମାତ୍ର ଏହା ସତ୍ୟ ଅଟେ । ଆମର ତାହା ଯାଏ ଆସେ ନାହିଁ ଯେ ଏହା କେତେ ଖରାପ ଅଟେ, ଆମକୁ ତ ତଥ୍ୟର ସମ୍ମୁଖିନ ହେବାକୁ ପଡ଼ିବ । ତାହାହିଁ ଅଟେ ଯାହାକି ବାଇବଲ ଶିକ୍ଷା ଦିଏ । ବୁଝିଲେ?

67 ତେବେ, ଆମେ ଏଠାରେ ସ୍ପଷ୍ଟ ଭାବରେ ଆତ୍ମିକ ଯୋଜନାକୁ ଦେଖୁ, ପରମେଶ୍ୱରଙ୍କ ତାହାଙ୍କର ଭବିଷ୍ୟତ କନ୍ୟା ସହିତ ତାହାଙ୍କ ଭବିଷ୍ୟତ ଘର ପାଇଁ ଯୋଜନା, ବର୍ତ୍ତମାନ ଦୃଶ୍ୟମାନ ହେଉଅଛି ।

68 ଯଦି ଜଣେ ପୁରୁଷ ଏକ କାମାସକ୍ତ ରାଣୀଙ୍କୁ ବିବାହ କରେ, ଆପଣ ଦେଖନ୍ତୁ ଯେ ସେ ଭବିଷ୍ୟତ ପାଇଁ କଅଣ ଖୋଜୁଅଛି । ଯଦି ଜଣେ ପୁରୁଷ ଏପରି ଏକ ସ୍ତ୍ରୀଲୋକଙ୍କୁ ବିବାହ କରେ ଯିଏକି ଘରେ ରହେ ନାହିଁ, ତାହାହେଲେ ଆପଣ ଦେଖନ୍ତୁ ଯେ ସେ ଭବିଷ୍ୟତରେ କଅଣ ଖୋଜୁଅଛନ୍ତି । ଏବଂ ମୁଁ ଥରେ...

69 ଏହା ଭୟଙ୍କର ଶୁଭାଯାଏ । ମୁଁ କେବଳ ଏହା କହିବାକୁ ଅନୁଭବ କରୁଛି । ଆଉ ମୁଁ—ମୁଁ, ସାଧାରଣତଃ, ଯଦି ମୁଁ କୌଣସି କଥା କହିବାକୁ ଅନୁଭବ କରେ, ତେବେ ମୋତେ ଏହା କହି ଦେବା ଉଚିତ୍ । ଏବଂ ଏହା ସାଧାରଣତଃ ପରମେଶ୍ୱରଙ୍କ ମାର୍ଗ ଅଟେ ।

70 ମୁଁ—ମୁଁ ଗାଈ ଗୋରୁ କିଣିବା ପାଇଁ ଜଣେ ପଶୁରକ୍ଷକ ସହିତ ଯାଉଥିଲି, ଯାହା ସାଙ୍ଗେ ମୁଁ କାମ କରୁଥିଲି । ଏବଂ ମୁଁ ଲକ୍ଷ୍ୟ କଲି ଯେ ସେହି ବୃଦ୍ଧ ବ୍ୟକ୍ତି ଜଣକ ମୂଲ୍ୟ ଆଙ୍କିବାକୁ ଯିବା ପୂର୍ବରୁ ସବୁବେଳେ ଏକ ଗାଭୀର ଠିକ୍ ମୁହଁରେ ଦେଖିଥାନ୍ତି । ତାହାପରେ ସେ ସେହି ଗାଭୀର ମୁଣ୍ଡକୁ ବୁଲାଇଥାନ୍ତି, ଓ ଆଗକୁ ପଛକୁ ଦେଖନ୍ତି । ମୁଁ ତାଙ୍କୁ ଦେଖି ରହୁଥିଲି, ତାଙ୍କୁ ଲକ୍ଷ୍ୟ କରୁଥିଲି । ଏବଂ ସେ ତାକୁ ଉପର ତଳ କରି ଦେଖନ୍ତି, ଯଦି ସେ ସବୁ ଠିକ୍ ଦେଖାଯାଏ, ତାହାର ଗଠନ । ତାହାପରେ ସେ ବୁଲିପଡ଼ି ତାହାର ମୁହଁକୁ ଦେଖନ୍ତି, ଆଉ ବେଳେ ବେଳେ ସେ ତାଙ୍କର ମୁଣ୍ଡକୁ ହଲାଇ ଦିଅନ୍ତି ଏବଂ ଚାଲିଯାଆନ୍ତି ।

ମୁଁ କହିଲି, "ଜେଫ୍, ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ ।"

ସେ କହିଲେ, "କୁହ, ବିଲ୍ ।"

71 ଆଉ ମୁଁ କହିଲି, "ତୁମେ ସବୁବେଳେ ସେହି ଗାଈର ମୁହଁକୁ କାହିଁକି ଦେଖ?" ମୁଁ କହିଲି, "ସେ ତ ଠିକ୍ ଦେଖାଯାଉଛି, ଏକ ଭଲ—ଭଲ ହୃଷ୍ଟପୃଷ୍ଟ ଗାଈ ।"

72 କହିଲେ, "ମୁଁ ତୁମକୁ କହିବାକୁ ଚାହେଁ, ବାଳକ, ତୁମକୁ ଏବେ ବହୁତ କିଛି ଶିଖିବାକୁ ଅଛି ।" ଆଉ ସେ ମୋତେ ତାହା କହିବା ପରେ ମୁଁ—ମୁଁ ଏହା ଅନୁଭବ କଲି । କହିଲେ, "ତାହାର ଗଠନ କିପରି ଅଟେ ମୋର ସେଥିରେ କିଛି ଯାଏ ଆସେ ନାହିଁ । ସେ ତାହାର ଖୁରା ପର୍ଯ୍ୟନ୍ତ, ମାଂସରେ ପରିପୂର୍ଣ ହୋଇପାରେ । ମାତ୍ର ଯଦି ସେ ତାହାର ମୁଖମଣ୍ଡଳରେ ସେହି ଜଙ୍ଗଲୀ ନଜର ରଖିଥାଏ, ତେବେ ତୁମେ ତାହାକୁ କେବେ କିଣ ନାହିଁ ।"

କହିଲି, "ତାହା ସେପରି କାହିଁକି, ଜେଫ୍?"

73 "ତେବେ," କହିଲେ, "ପ୍ରଥମ ବିଷୟ ହେଉଛି," କହିଲେ, "ସେ କଦାପି ରହିବ ନାହିଁ ।" ଆଉ ସେ କହିଲେ, "ପରବର୍ତ୍ତୀ ବିଷୟ ହେଉଛି, ସେ ନିଜ ବାଛୁରୀ ପାଇଁ କେବେ ବି ମାଆ ହେବ ନାହିଁ ।" ଏବଂ କହିଲେ, "ସେମାନେ ତାକୁ ବର୍ତ୍ତମାନ ଏକ ବାଡ଼ ଘେରାରେ ରଖନ୍ତୁ, କାରଣ ହେଲା ଯେ ସେ ମୋଟା ଅଛି । ତୁମେ ତାକୁ ଖୋଲା ଛାଡ଼ିଦିଅ, ସେହି ଜଙ୍ଗଲୀ ନଜର ସହିତ, ସେ ନିଜକୁ ଘଉଡାଇ ମାରି ପକାଇବ ।"

74 ମୁଁ କହିଲି, "ଆପଣ ଜାଣନ୍ତି, ମୁଁ ଏକ ପ୍ରକାର କିଛି ଶିଖିଲି । ମୁଁ ବିଶ୍ୱାସ କରେ ଯେ ତାହା ସ୍ତ୍ରୀମାନଙ୍କ ପାଇଁ ମଧ୍ୟ, ପ୍ରଯୁଜ୍ୟ ଅଟେ ।" ଠିକ୍ । ଠିକ୍ ।

75 ସେହି ଜଙ୍ଗଲୀ, ନଜର ଥିବା, ବଜାରୀଆ ଅଙ୍ଗୀ ଭଙ୍ଗୀ ସହ, ପିଲାଏ, ଉତ୍ତମ ହେବ ଯେ ତାହାଠାରୁ ଦୂରରେ ରୁହ, ସେସମସ୍ତ କିଛି ନୀଳ ରଙ୍ଗ ଯାହା ଆଖି ଉପରେ ରହିଥାଏ । ଏବଂ ମୁଁ କରେ ନାହିଁ...ମୁଁ ତାହା ଚାହିଁବି ନାହିଁ । ମୁଁ ଭାବୁନାହିଁ ଯେ ତାହା ଏକ ଖ୍ରୀଷ୍ଟିୟାନ ହେବାର ଲକ୍ଷଣ ଅଟେ । ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ଟେଲିଭିଜନ୍ ଏବଂ ଖବରକାଗଜ ତାହାକୁ କେତେ ସୁନ୍ଦର ବୋଲି କୁହନ୍ତି । ଏହା ତ ସବୁଠୁଁ ଭୟଙ୍କର-ଦିଶୁଥିବା, ଘୃଣ୍ୟ ଦୃଶ୍ୟ ଅଟେ ଯାହାକି ମୁଁ ମୋ ଜୀବନରେ କେବେ ଦେଖିଅଛି ।

76 ଯେତେବେଳେ ମୁଁ ଏହାକୁ ପ୍ରଥମ ଥର କରି, ଏଠାରେ କ୍ଲିଫଟନ୍ କାଫେଟେରିଆରେ, ଗୋଟିଏ ସକାଳରେ, ଜଳଖିଆ ବେଳେ ଦେଖିଲି...ମୁଁ ସେମାନଙ୍କ ମଧ୍ୟରୁ କେତେକ ଯୁବା ମହିଳାମାନଙ୍କୁ ଆସୁଥିବାର ଦେଖିଲି । ଭାଇ ଅର୍ଗାନବ୍ରାଇଟ୍ ଠିକ୍ ସେତିକିବେଳେ ଭିତରକୁ ଆସିଥିଲେ, ଏବଂ ମୁଁ । ଆଉ ସେ ତଳ ମହଲାକୁ ଯାଇଥିଲେ । ଏବଂ ମୁଁ ଦେଖିଲି, ଆଉ ସେହି ଝିଅ ଭିତରକୁ ଆସିଲା । ମୁଁ ଭାବିଲି, "ତେବେ, ମୁଁ—ମୁଁ—ମୁଁ—ମୁଁ ଜାଣେ ନାହିଁ ।" ମୁଁ ଏହା ପୂର୍ବରୁ ତାହା କେବେ ଦେଖି ନ ଥିଲି । ଏହା ଏକ ପ୍ରକାର କିଛି ଥିଲା । ଓଃ, ଏହା ଏପରି ଦେଖାଯାଉଥିଲା ଯେ ସେ କ୍ଷୟଗ୍ରସ୍ତ ହୋଇଅଛି, ଆପଣ ଜାଣନ୍ତି, କେବଳ ଏକ ପ୍ରକାର କୌତୁକିଆ-ଦେଖାଯାଉଥିବା ଭଳିଆ । ମୁଁ—ମୁଁ ମଜାଳିଆ ହେବା ପାଇଁ ତାହା କହୁ ନାହିଁ, ମୁଁ—ମୁଁ ଏହାକୁ ଏଇଥି ପାଇଁ କହୁଛି...ଆପଣ ଜାଣନ୍ତି, ମୁଁ କୁଷ୍ଠରୋଗ ଦେଖିଛି,

ମୁଁ ଜଣେ ମିଶନାରୀ ଅଟେ, ମୁଁ ସମସ୍ତ ପ୍ରକାରର ଅସ୍ୱାଭାବିକ ବିଷୟ ଦେଖିଛି, ଆପଣ ଜାଣନ୍ତି, ଯେ କିପରି...ରୋଗଗୁଡ଼ିକ, ଏବଂ ମୁଁ ସେହି ଯୁବତୀ ପାଖକୁ ଯାଇ ତାଙ୍କୁ କହିବାକୁ ଯାଉଥିଲି, "ମୁଁ—ମୁଁ—ମୁଁ ଜଣେ ସେବକ ଅଟେ, ମୁଁ—ମୁଁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରେ। କଅଣ—କଅଣ ଆପଣ ଚାହିଁବେ ଯେ ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରେ?" ଆଉ ମୁଁ ସେହିପରି ବିଷୟ କିଛି କେବେ ହେଁ ଦେଖି ନ ଥିଲି। ଏବଂ ତାହାପରେ, ଏଠାରେ ଆଉ ଦୁଇ ବା ତିନିଜଣ, ଭିତରକୁ ଆସନ୍ତି। ମୁଁ ଏକ ପ୍ରକାର ପଛକୁ ଘୁଞ୍ଚିଗଲି ଓ ଅପେକ୍ଷା କଲି।

77 ଆଉ ଭାଇ ଅର୍ଗାନବ୍ରାଇଟ୍ ଆସିଲେ, ତେଣୁ ମୁଁ କହିଲି, "ଭାଇ ଅର୍ଗାନବ୍ରାଇଟ୍?" ସେ ଏଠାରେ ଥାଇପାରନ୍ତି। ମୁଁ କହିଲି, "ସେହି ସ୍ତ୍ରୀଲୋକମାନଙ୍କ ସହିତ କଅଣ ମାମଲା ଅଟେ?" ବୁଝିଲେ?

ଏବଂ ସେ କହିଲେ, "ତାହା, ତାହା ତ ସେହି ରଙ୍ଗ ପ୍ରସାଧନ ଅଟେ।"

78 ମୁଁ କହିଲି, "ତେବେ, ହେ ମୋର ପ୍ରଭୁ, ମୋର ପ୍ରଭୁ!" ବୁଝିଲେ? ମୁଁ ଭାବିଲି ସେମାନଙ୍କୁ ତ ତାହାଙ୍କୁ କୌଣସି ସ୍ଥାନରେ ଏକ ନିର୍ଜନ ଚିକିତ୍ସାଳୟରେ ରଖିବା ଉଚିତ୍, ଆପଣ ଜାଣନ୍ତି, ଏହାକୁ ଅନ୍ୟ ସ୍ତ୍ରୀଲୋକମାନଙ୍କ ଉପରେ ଯେପରି ବ୍ୟାପୀ ନ ଯାଉ।

79 ମାତ୍ର, ଆପଣ ଜାଣନ୍ତି, ଆପଣଙ୍କୁ ଯୋଜନା କରିବାକୁ, ଦେଖିବାକୁ, ପ୍ରାର୍ଥନା କରିବାକୁ ପଡ଼େ ଯେତେବେଳେ ଆପଣ ଚୟନ କରନ୍ତି। କାରଣ, ଏହା ଦ୍ୱାରା, ଆମେ ପ୍ରତିଜ୍ଞାର ବାକ୍ୟକୁ, ଦେଖୁ। ସେ, ସେହି କନ୍ୟା ଯାହାକି ଜଣେ ପୁରୁଷ ଚୟନ କରିବ, ଏହା ତାଙ୍କର ଚରିତ୍ରକୁ ପ୍ରତିବିମ୍ବିତ କରିବାକୁ ଯାଉଅଛି। ଏହା ସେହି ବିଷୟକୁ ପ୍ରତିବିମ୍ବିତ କରେ ଯାହାକି ତାଙ୍କ ଭିତରେ ଥାଏ।

80 ତେବେ, କଅଣ ଆପଣ କଳ୍ପନା କରିପାରନ୍ତି କି ଜଣେ ପୁରୁଷ, ଯିଏକି ପବିତ୍ରଆତ୍ମାରେ ପରିପୂର୍ଣ୍ଣ, ସେପରି କିଛିକୁ ଏକ ପତ୍ନୀ ଭବେ ଗ୍ରହଣ କରିବ? ଭାଇ, ମୁଁ—ମୁଁ—ମୁଁ ତ ଏହାକୁ ଦେଖେ ନାହିଁ। ତେବେ, ବୋଧହୁଏ ମୁଁ କେବଳ ଏକ ପୁରୁଣା ବିଚିତ୍ର ମନୁଷ୍ୟ ଅଟେ। ମାତ୍ର, ଆପଣ ଜାଣନ୍ତି, ମୁଁ—ମୁଁ କେବଳ ତାହା ବୁଝିପାରେ ନାହିଁ, ଯେ, ଦେଖନ୍ତୁ, ଧ୍ୟାନ ଦିଅନ୍ତୁ, କାରଣ ଏହା ତ ତାଙ୍କ ଭିତରେ ଯାହା ଅଛି ତାହାକୁ ହିଁ ପ୍ରତିବିମ୍ବିତ କରିବାକୁ ଯାଉଛି। ସେ ସେହି ପୁରୁଷକୁ ତାହାଙ୍କର ଭବିଷ୍ୟତ ଘର ଗଢିବାରେ ସାହାଯ୍ୟ କରିବାକୁ ଯାଉଅଛି।

81 ତେବେ, ଏହାପରେ, ଯେତେବେଳେ ଆମେ ବର୍ତ୍ତମାନ ଗୋଟିଏ କ୍ଷଣ ପାଇଁ, ଆତ୍ମିକ ଦିଗ ଆଡ଼କୁ ପରିବର୍ତ୍ତନ କରିବା। ଏବଂ ଯେତେବେଳେ ଆପଣ ଗୋଟିଏ ମଣ୍ଡଳୀକୁ ଦେଖନ୍ତି ଯାହାକି ଜଗତରେ ଥାଏ, ଜଗତ ପରି ଆଚରଣ କରେ, ଜଗତ ପରି ଆଶା କରେ, ଜଗତରେ ଅଂଶ ଗ୍ରହଣ କରେ, ପରମେଶ୍ୱରଙ୍କ ଆଜ୍ଞାଗୁଡ଼ିକୁ ଏପରି ହେୟ ଜ୍ଞାନ କରେ ଯେପରିକି ସେ ଏହାକୁ କେବେ ଲେଖି ନାହାଁନ୍ତି, ତାହାହେଲେ ଆପଣ—ଆପଣ କେବଳ କଳ୍ପନା କରିପାରନ୍ତି ଯେ ଖ୍ରୀଷ୍ଟ ସେହିପରି ଏକ କନ୍ୟାକୁ ନେବାକୁ ଯାଉ ନାହାଁନ୍ତି। କଅଣ ଆପଣ ଆଜିର ଆଧୁନିକ ମଣ୍ଡଳୀକୁ କନ୍ୟା ରୂପରେ ଗ୍ରହଣ କରିବାଟା କଳ୍ପନା କରିପାରନ୍ତି? ମୋର ପ୍ରଭୁ ନୁହେଁ। ମୁଁ

ନୁହେଁ...ମୁଁ ତାହା କ୍ୱଚିତ୍ ହିଁ ଦେଖିପାରେ । ନା । ମନେରଖନ୍ତୁ, ତେବେ, ଜଣେ ପୁରୁଷ ଏବଂ ତାହାଙ୍କ ସ୍ତ୍ରୀ ଏକ ଅଟନ୍ତି । କଅଣ ଆପଣ ନିଜକୁ ସେହିଭଳି ଜଣେ ବ୍ୟକ୍ତିଙ୍କ ସହ ଯୋଗ କରିବେ କି? ଯଦି ଆପଣ କରନ୍ତି, ତାହାହେଲେ ଏହା ନିଶ୍ଚିତ ଭାବରେ ଆପଣଙ୍କ ଉପରେ ମୋର ବିଶ୍ୱାସକୁ ନିରାଶ କରିଦେବ ।

82 ପୁଣି, ତାହାହେଲେ, ପରମେଶ୍ୱର ନିଜକୁ ସେହିପରି ଏକ ବିଷୟ ସହିତ, ଜଣେ ନିୟମିତ ନାମଧାରୀ ବେଶ୍ୟା ସହିତ ଯୋଗ କରିବା ସମ୍ବନ୍ଧରେ କଅଣ ଅଟେ? କଅଣ ଆପଣ ଭାବୁଛନ୍ତି ଯେ ସେ ଏହା କରିବେ, "ଭକ୍ତିର ଏକ ଭେଖ ଧରିବା ମାତ୍ର ଏହାର ଶକ୍ତିକୁ ଅସ୍ୱୀକାର କରିବା"? ସେ ତାହା କଦାପି କରିବେ ନାହିଁ । ସେହି ସ୍ତ୍ରୀକୁ ତ ନିଜଠାରେ ତାହାର ଚରିତ୍ର ରଖିବା ଜରୁରୀ । ସେହି ପ୍ରକୃତ, ସତ୍ୟ, ନୂତନ-ଜନ୍ମ ହୋଇଥିବା ମଣ୍ଡଳୀ ପାଖରେ ନିଶ୍ଚିତ ରୂପେ ସେହି—ସେହି ଚରିତ୍ର ଥିବା ଉଚିତ୍ ଅଟେ ଯାହାକି ଖ୍ରୀଷ୍ଟଙ୍କଠାରେ ଥିଲା, କାରଣ ସ୍ୱାମୀ ଏବଂ ସ୍ତ୍ରୀ ଏକ ଅଟନ୍ତି । ଏବଂ ଯଦି ଯୀଶୁ କେବଳ ତାହାହିଁ କଲେ ଯାହାକି ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରିଥିଲା, ତାହାଙ୍କର ବାକ୍ୟ ପାଳନ କରିଥିଲେ ଏବଂ ତାହାଙ୍କ ବାକ୍ୟ ପ୍ରକଟିତ କରିଥିଲେ, ତାହାଙ୍କର କନ୍ୟାକୁ ଠିକ୍ ସେହି ସମାନ ପ୍ରକାର ଚରିତ୍ରର ହେବାକୁ ପଡ଼ିବ । ସେ କୌଣସି, ପ୍ରକାରେ ହେଲେ, ଏକ ନାମଧାରୀ ସଂସ୍ଥା ହୋଇପାରିବ ନାହିଁ । କାରଣ, ତେବେ, ଯାଏ ଆସେ ନାହିଁ ଯେ ଆପଣ କେତେ କହିବାକୁ ଚାହାଁନ୍ତି, "ନା," ସେ ତ କୌଣସିଠାରେ ଏକ ମଣ୍ଡଳ ଦ୍ୱାରା ନିୟନ୍ତ୍ରିତ ଅଟେ, ଯାହାକି ତାଙ୍କୁ ଏହା କହେ ଯେ କଅଣ କରିବାକୁ ଅଛି ଏବଂ କଅଣ ସେ କରିପାରିବ ନାହିଁ, ଆଉ, ଅନେକ ଥର ତ, ସତ୍ୟ ବାକ୍ୟଠାରୁ ଲକ୍ଷ ଲକ୍ଷ ମାଇଲ୍ ଦୂରରେ ରହିଥାନ୍ତି ।

83 ଏହା ଅତ୍ୟନ୍ତ ଖରାପ ଯେ ଆମେ କଦାଚିତ୍ ସେହି ପ୍ରକୃତ ନେତାଙ୍କଠାରୁ ଦୂରେଇ ଯାଇଥିଲୁ ଯାହାକି ପରମେଶ୍ୱର ମଣ୍ଡଳୀର ନେତୃତ୍ୱ କରିବା ପାଇଁ ଆମକୁ ଛାଡି ଯାଇଥିଲେ । ସେ କଦାପି ରାଜ୍ୟ ପ୍ରେସବାଇଟରମାନଙ୍କୁ ପଠାଇ ନ ଥିଲେ । ସେ କଦାପି ବିଶପ୍, କାର୍ଡିନାଲ୍, ପୁରୋହିତ, ପୋପ୍‌ଙ୍କୁ ପଠାଇ ନ ଥିଲେ । ସେ ମଣ୍ଡଳୀର ନେତୃତ୍ୱ କରିବା ପାଇଁ, ପବିତ୍ରଆତ୍ମାଙ୍କୁ ପଠାଇଥିଲେ । "ଯେତେବେଳେ ସେ ଅର୍ଥାତ୍ ପବିତ୍ରଆତ୍ମା ଆସିବେ, ସେ ତୁମକୁ ସମସ୍ତ ସତ୍ୟତାକୁ କଢ଼େଇ ନେବେ, ଏହିସମସ୍ତ ବିଷୟକୁ ତୁମଠାରେ ପ୍ରକାଶ କରିବେ, ଯାହା ମୁଁ ତୁମକୁ କହିଅଛି, ସେଗୁଡ଼ିକୁ ତୁମର ସ୍ମରଣକୁ ଆଣିବେ, ଏବଂ ଆଗାମୀ ବିଷୟଗୁଡ଼ିକୁ ତୁମକୁ ଦେଖାଇବେ ।" ସେହି ପବିତ୍ରଆତ୍ମାଙ୍କୁ ତାହା କରିବାର ଥିଲା । ତେବେ, ଆଧୁନିକ ମଣ୍ଡଳୀ ଏହାକୁ ଘୃଣା କରେ । ସେମାନେ ଏହାକୁ ପସନ୍ଦ କରନ୍ତି ନାହିଁ, ତେବେ ସେ କିପରି ଖ୍ରୀଷ୍ଟଙ୍କ କନ୍ୟା ହୋଇପାରିବ? ଆଜିର ଲୋକମାନେ ତ ଏକ ଆଧୁନିକ ନାମଧାରୀ ସଂସ୍ଥାକୁ ଚୟନ କରୁଛନ୍ତି । ଏହା କଅଣ କରେ, ଏହା କେବଳ ବାକ୍ୟ ସମ୍ବନ୍ଧରେ ସେମାନଙ୍କର ଅନୁନ୍ନତ ବୁଝାମଣାକୁ ପ୍ରତିଫଳିତ କରେ ।

84 ମୋର ଅଭିପ୍ରାୟ ଆଘାତ କରିବା ନୁହେଁ, ମାତ୍ର ମୋର କହିବାର ଅର୍ଥ ହେଉଛି ଏହା ଆପଣଙ୍କ ଭିତରେ ଯଥେଷ୍ଟ ଗଭୀର ଭାବେ ମଜ୍ଜିଯାଉ ଯେ ଆପଣ ଏହାକୁ ଦେଖିବେ ।

85 ମୁଁ ଅନେକ ଦମ୍ପତିଙ୍କୁ ବିବାହ ଦେଇଅଛି, ମାତ୍ର ଏହା ମୋତେ ସର୍ବଦା ଖ୍ରୀଷ୍ଟ ଏବଂ ତାହାଙ୍କର କନ୍ୟାର ମନେ ପକାଇଥାଏ । କିଛି ଦିନ ପୂର୍ବରୁ, ଗୋଟିଏ ବିବାହ ମୁଁ ଦେଇଥିଲି ଯାହାକି ଏଠାରେ କରିଥିବା ବିବାହଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିଲା, ଏହା—ଏହା ମୋ ଜୀବନରେ ଏକ ଉଲ୍ଲେଖନୀୟ ବିଷୟ ଥିଲା । ଏହା ଅନେକ ବର୍ଷ ପୂର୍ବର କଥା, ଯେତେବେଳେ ମୁଁ ଜଣେ ଯୁବା ସେବକ ହିଁ ଥିଲି ।

86 ମୋ ଭାଇ ସେହି—ସେହି ପିଡବ୍ଲୁଏରେ କାମ କରୁଥିଲେ । ମୁଁ ଜାଣେ ନାହିଁ ଯେ କାହାରିକୁ ଏହା କଦାଚିତ୍ ମନେ ଅଛି କି ନାହିଁ, ତଥାପି, କିଅବା ନୁହେଁ, ମୋ ବୟସ ସମତୁଲ୍ୟ ଯଦି କେହି ଅଛନ୍ତି । ଏବଂ ତାହା ଏକ—ଏକ ପ୍ରକଳ୍ପ ଥିଲା ଯାହାକି ସରକାରଙ୍କ ରହିଥିଲା । ଆଉ ମୋ ଭାଇ ପ୍ରାୟଃ ତିରିଶ ମାଇଲ୍, କାମ କରିଥିଲେ । ସେମାନେ କିଛି ହ୍ରଦ ଖୋଳୁଥିଲେ, ସଂରକ୍ଷଣ ପାଇଁ ଏକ ପ୍ରକଳ୍ପ ଥିଲା ।

87 ଏବଂ ସେଠାରେ ତାଙ୍କ ସହିତ, ଏକ ବାଳକ କାମ କରୁଥିଲା, ଯିଏକି ଇଣ୍ଡିଆନାପୋଲିସ୍ ସହରରୁ ଥିଲା, ଓଃ, ତାହା ପ୍ରାୟଃ ଶହେ ମାଇଲ୍ ଉପରେ ଜେଫର୍ସନ୍‌ଭିଲେଠାରୁ ଅଟେ ଯେଉଁଠାରେକି ମୁଁ—ମୁଁ ରୁହେ, କିମ୍ବା ରହୁଥିଲି । ଏବଂ ସେଠାରେ ଏକ…ସେ ଦିନେ, ମୋ ଭାଇକୁ କହିଲା, ସେ କହିଲା, "ଡକ୍," ସେ କହିଲା, "ମୁଁ—ମୁଁ ଚାହେଁ…ମୁଁ ବିବାହ ହେବାକୁ ଯାଉଅଛି, ଯଦି ମୋ ପାଖରେ କେବଳ ପ୍ରଚାରକଙ୍କୁ ଦେବା ପାଇଁ ଯଥେଷ୍ଟ ଅର୍ଥ ଥାଆନ୍ତା ।" ସେ କହିଲା, "ମୋ—ମୋ ପାଖରେ ମୋର ଲାଇସେନ୍‌ସ ପାଇବା ପାଇଁ ଯଥେଷ୍ଟ ଅର୍ଥ ଅଛି, ମାତ୍ର," କହିଲା, "ପ୍ରଚାରକଙ୍କୁ ଦେବା ପାଇଁ ମୋ ପାଖରେ ପର୍ଯ୍ୟାପ୍ତ ଅର୍ଥ ନାହିଁ ।"

88 ଡକ୍ କହିଲେ, "ତେବେ, ମୋ ଭାଇ ଜଣେ ପ୍ରଚାରକ, ଏବଂ—ଏବଂ ସେ—ସେ ତୁମକୁ ବିବାହ ଦେଇପାରନ୍ତି ।" ସେ କହିଲେ, "ସେ ଏହିପରି ବିଷୟଗୁଡ଼ିକ ପାଇଁ ଲୋକମାନଙ୍କଠାରୁ କେବେବି ଅର୍ଥ ନିଅନ୍ତି ନାହିଁ ।"

ସେ କହିଲା, "କଅଣ ତୁମେ ତାଙ୍କୁ ପଚାରିବ କି ଯଦି ସେ ମୋତେ ବିବାହ ଦେବେ କି?"

89 ତେବେ, ସେହି ରାତ୍ରି ମୋ ଭାଇ ମୋତେ ପଚାରିଲେ । ମୁଁ କହିଲି, "ଯଦି ସେ ପୂର୍ବରୁ କେବେ ବି ବିବାହ କରିନାହାଁନ୍ତି, ସେମାନଙ୍କ ମଧ୍ୟରୁ ଉଭୟେ, ଆଉ ସେମାନେ… ତାହାହେଲେ ସବୁକିଛି ଠିକ୍ ଅଛି ।"

ସେ କହିଲେ, "ତେବେ, ବେଶ୍, ମୁଁ ତାଙ୍କୁ ପଚାରିବି ।"

ଏବଂ ମୁଁ କହିଲି, "ଯଦି ଏହା ଅଟେ, ତାଙ୍କୁ କୁହ, ସେ ଆସି ଯାଆନ୍ତୁ ।"

90 ତେଣୁ, ଯେତେବେଳେ ଶନିବାର ହେଲା ଏବଂ ସେହି ପିଲାଟି ସେଠାକୁ ଆସିଲା । ପଛକୁ ଫେରି ଏହି ବିଷୟ ଉପରେ ସଦାବେଳେ ଦୃଷ୍ଟି କରିବା, ତାହା ମୋ ପାଇଁ ଏକ ବଡ଼ କଥା ଅଟେ । ମୁଁ ଥିଲି…ବର୍ଷା ହେଉଥିବା ଅପରାହ୍ନ, ଏବଂ ଏକ ପୁରୁଣା ଚେଭ୍ରୋଲେଟ୍ କାର୍, ତାହାର ମୂଖ୍ୟ ବତୀଗୁଡ଼ିକ ଏକ ବାଡ଼ ଘେରିବା ତାରରେ ବନ୍ଧା ହୋଇଥିଲା, ଯାହାକି ଆଗକୁ, ବାହାରି ଯାଇଥିଲା । ମୁଁ ମୋର ପତ୍ନୀଙ୍କୁ ହରାଇବାର ଠିକ୍ କିଛି ସମୟ ପରେ, ଏବଂ ମୁଁ ସମୂହରେ

ମିଶିକରି ରହୁଥିଲି, ଦୁଇଟି ଛୋଟ ବଖରା ଥିଲା । ଏବଂ—ଏବଂ ଡକ୍ ମୋ ସହିତ ସେଠାରେ ରହି, ସେମାନଙ୍କୁ ଅପେକ୍ଷା କରିଥିଲେ ।

91 ଏବଂ—ଏବଂ ଜଣେ ପିଲାଲୋକ କାରରୁ ଓହ୍ଲାଇଲା, ଏବଂ ସେ ନିଶ୍ଚିତ ଭାବରେ ମୋତେ, ବର ପରି ଦେଖାଯାଉ ନ ଥିଲା, କିମ୍ବା କାହାରିକୁ ବି ଦେଖାଯାଉ ନ ଥିଲା, ମୁଁ ଅନୁମାନ କରେ । ହଁ । ମୁଁ ଦେଢ଼ ଡଲାରରେ, ଏକ ସୁନ୍ଦର ଭଲ ଜୋତା ହଳେ କିଣି ପାରିଥାଏ । ଆଉ ତାହା ପାଖରେ ଏକ ଯୋଡ଼ି ଥିଲା, ଜହା ଘଷି ହୋଇଯାଇଥିଲା । ଏବଂ ତାହାର ପାଇଜାମା ପ୍ରକୃତରେ ହୁଗୁଳା ଥିଲା । ଆଉ ତାହା ପାଖରେ ଏହି ପୁରୁଣା ଠେକୁଆ ଚର୍ମର ଏକ ଜ୍ୟାକେଟ୍ ଥିଲା । ମୁଁ ଅନୁମାନ କରେ ନାହିଁ ଯେ ଆପଣଙ୍କ ମଧ୍ୟରୁ କେତେକ ବୟସ୍କ ବ୍ୟକ୍ତିଙ୍କୁ ତାହା ମନେଥିବ । ଏହା ଏପରି ଦିଶୁଥିଲା ଯେପରିକି ତାହା ଲୁଗା ଧୋଇବା ଯନ୍ତ୍ରରେ ଧୁଆ ହୋଇଥିଲା ମାତ୍ର ପାଣୀ ଶୁଖି ନ ଥିଲା, ଏବଂ ଏହା ଗାର ଗାର ହୋଇଯାଇଥିଲା, ଏହିପରି ବନ୍ଧା ହୋଇଥିଲା ଏବଂ ଗୋଟିଏ କୋଣ ଉପରକୁ ଉଠି ଯାଇଥିଲା ।

92 ଏବଂ ଜଣେ—ଜଣେ ସାନ ମହିଳା ସେହି ପାଖରୁ ବାହାରିଲେ, ଏକ ଅଳ୍ପ ଟିକିଏ, ଓଃ, ସେହି ଛୋଟ ଛୋଟ ବର୍ଗକ୍ଷେତ୍ର-ଦିଶୁଥିବା ପୋଷାକ ମଧ୍ୟରୁ କିଛି ଗୋଟାଏ ପିନ୍ଧିଥିଲା ।

93 ମୁଁ ଜାଣେ ନାହିଁ । ମୁଁ ସେହି ପ୍ରକାରର ବସ୍ତୁକୁ, ଥରେ କହିବାରେ ଭୁଲ୍ କରିଥିଲି । ଗିଙ୍ଗହାମ୍, ମୁଁ ବିଶ୍ୱାସ କରେ ଏହାକୁ ସେପରି କୁହାଯାଏ । ଆଉ ତେଣୁକରି ଏହା ଏକ ଥିଲା...[ମଣ୍ଡଳୀ ହସନ୍ତି—ଅନୁ ।] ମୁଁ ପୁଣି ଏହାକୁ ଭୁଲ୍ କହିଦେଲି । ମୁଁ—ମୁଁ ସବୁବେଳେ ଏହା କରୁଛି । ଆଉ ମୁଁ କହିଲି...

94 ସେହି ମହିଳା କାରରୁ ଓହ୍ଲାଇଲେ, ଏବଂ ସେମାନେ ପାହାଚ ଉପରକୁ ଆସିଲେ । ଏବଂ—ଏବଂ ଯେତେବେଳେ ସେମାନେ ଭିତରକୁ ଆସିଲେ, ବେଚାରା ସେହି ଛୋଟ ସ୍ତ୍ରୀଲୋକ, ସେ...ମୁଁ ଅନୁମାନ କରୁଛି, ସେ, ଯାହାକିଛି ସେ ପିନ୍ଧିଥିଲା ତାହା କେବଳ ଏକ ସ୍କର୍ଟ ହିଁ ଥିଲା । ଏବଂ ତାଙ୍କ ପାଖରେ କୌଣସି ଜୋତା ନ ଥିଲା, କଦାଚିତ୍, ହିଁ ପିନ୍ଧିଥିବ । ସେ ତଳୁ, ଇଣ୍ଡିଆନପୋଲିସରୁ ଏଆଡୁ ସେଆଡୁ ଯାତ୍ରା କରି ଆସିଥିଲା । ଅଳ୍ପ ଟିକିଏ କେଶ ଝୁଲି ରହିଥିଲା, ପିଠିରେ, ଲମ୍ବା ଭାବରେ, ତାଙ୍କ ପିଠି ପଛରେ ଏକ ପ୍ରକାର ବେଣୀ ରହିଥିଲା । ଅତି ଯୁବା ଦିଶୁଥିଲା ।

ଏବଂ ମୁଁ ତାଙ୍କୁ ପଚାରିଲି, "କଅଣ ତୁମେ ବିବାହ କରିବାକୁ ଯଥେଷ୍ଟ ବୟସପ୍ରାପ୍ତ କି?"

95 ସେ କହିଲା, "ହଁ ଆଜ୍ଞା ।" ଏବଂ ସେ କହିଲା, "ମୋ ପାଖରେ ମୋ ବାପା ଏବଂ ମାଆଙ୍କଠାରୁ ମୋର ଲିଖିତ ଅନୁମତି ଅଛି ।" ସେ କହିଲା, "ମୋତେ ମୋର ଲାଇସେନ୍ସ ପାଇବା ପାଇଁ, ଏହାକୁ ଏଠାରେ ନ୍ୟାୟାଳୟରେ—ରେ ଦେଖାଇବାକୁ ପଡିଥିଲା ।"

96 ମୁଁ କହିଲି, "ଠିକ୍ ଅଛି ।" ମୁଁ କହିଲି, "ଏହି ବିବାହ କାର୍ଯ୍ୟକୁ କରିବା ପୂର୍ବରୁ ମୁଁ ତୁମ ସହିତ ଟିକିଏ କଥା ହେବାକୁ ଚାହେଁ ।" ସେମାନେ ବସି ପଡ଼ିଲେ । ପିଲାଟି କୋଠରୀ ଚାରିପାଖରେ ଚାହିଁ ରହିଲା; ସେ ପ୍ରକୃତରେ ଏକ କେଶ କାଟିବା ପ୍ରୟୋଜନ କରୁଥିଲା । ଏବଂ ସେ କୋଠରୀ

ଚାରିପାଖରେ ଚାହିଁ ରହିଲା । ସେ ମୋ କଥା ଶୁଣୁ ନ ଥିଲା । ମୁଁ କହିଲି, "ପୁଅ, ମୁଁ ଚାହୁଁଛି ଯେ ତୁମେ ତାହା ଶୁଣ ଯାହା ମୁଁ କହୁଅଛି ।"

କହିଲା, "ହଁ ଆଜ୍ଞା ।"

ଆଉ ମୁଁ କହିଲି, "ତୁମେ ଏହି ଝିଅକୁ ଭଲ ପାଅ?"

ସେ କହିଲା, "ହଁ ଆଜ୍ଞା । ମୁ ପାଏ ।"

ମୁଁ ପଚାରିଲି, "ତୁମେ ତାଙ୍କୁ ଭଲ ପାଅ?"

"ହଁ ଆଜ୍ଞା । ମୁ ପାଏ ।"

97 ମୁଁ କହିଲି, "ତେବେ, କଅଣ ବିବାହ ପରେ ତାଙ୍କୁ ନେଇଯିବା ପାଇଁ ତୁମ ପାଖରେ ଏକ ସ୍ଥାନ ଅଛି କି?"

କହିଲା, "ହଁ ଆଜ୍ଞା ।"

98 ମୁଁ କହିଲି, "ଠିକ୍ ଅଛି । ବର୍ତ୍ତମାନ," ମୁଁ କହିଲି, "ମୁଁ ତୁମକୁ କିଛି ପଚାରିବାକୁ ଚାହେଁ । ମୁଁ ବୁଝୁଛି, ତୁମେ ଏଠାରେ ଏହି ପିଡବ୍ଲୁ ଏଠାରେ କାର୍ଯ୍ୟ କରୁଛ ।"

ଆଉ ସେ କହିଲା, "ହଁ ଆଜ୍ଞା ।" ତାହାର ଦରମା ହେଉଛି ସପ୍ତାହରେ ପ୍ରାୟଃ ବାର ଡଲାର ।

ମୁଁ ପଚାରିଲି, "କଅଣ ତୁମେ ଭାବୁଛ ଯେ ତୁମେ ତାଙ୍କ ପାଇଁ ଜୀବିକା ବହନ କରିପାରିବ?"

ସେ କହିଲା, "ମୁଁ ଯାହା କରିପାରିବି ତାହା ସବୁ କରିବି ।"

99 ଏବଂ ମୁଁ କହିଲି, "ତେବେ, ତାହା ସବୁ ଠିକ୍ ଅଛି ।" ଆଉ ମୁଁ କହିଲି, "ତେବେ, କଅଣ ହେବ ଯଦି ସେ ବାହାରି ଯାଆନ୍ତି…ଭଉଣୀ, ଯଦି ସେ ଏହି ଚାକିରି ହରାଇ ଦିଅନ୍ତି ତେବେ କଅଣ ହେବ? ତୁମେ କଅଣ କରିବାକୁ ଯାଉଛ, ମାଆ, ବାପା ପାଖକୁ, ଘରକୁ ଫେରିଯିବାକୁ ଯାଉଛ?"

ସେ କହିଲା, "ନା, ଆଜ୍ଞା । ମୁଁ ତାଙ୍କ ସହିତ ରହିବାକୁ ଯାଉଛି ।"

100 ଆଉ ମୁଁ କହିଲି, "ମହାଶୟ, କଅଣ ହେବ, ଯଦି ତୁମର ତିନି କିମ୍ବା ଚାରି ସନ୍ତାନ ହୁଅନ୍ତି, ସେମାନଙ୍କୁ ଖୁଆଇବା ପାଇଁ କିଛି ନ ଥାଏ, ଏବଂ ତୁମ ପାଖରେ କୌଣସି କାମ ନ ଥାଏ । ତୁମେ କଅଣ କରିବାକୁ ଯାଉଛ, ତାକୁ ପଠାଇ ଦେବ?"

101 କହିଲା, "ନା, ଆଜ୍ଞା । ମୁଁ ଠିକ୍ ସଂଘର୍ଷ କରି ରହିବି । ଆମେ ଏହାକୁ କୌଣସି ଉପାୟରେ ବି, ଠିକ୍ କରିନେବୁ ।"

102 ମୁଁ ଟିକିଏ ଅନୁଭବ କଲି । ଆଉ ମୁଁ ଦେଖିଲି ଯେ ସେ ପ୍ରକୃତରେ ତାକୁ ଭଲ ପାଉଥିଲା, ଏବଂ ସେମାନେ ପରସ୍ପରକୁ ଭଲ ପାଉଥିଲେ । ମୁଁ ସେମାନଙ୍କୁ ବିବାହ ଦେଲି ।

103 ତାହାପରେ ମୁଁ ଚିନ୍ତା କଲି ଯେ ସେ ତାକୁ ନେଇକରି କେଉଁଠାକୁ ଗଲା । କିଛି ଦିନ ପରେ, ମୁଁ ମୋ ଭାଇ, ଡକ୍ କୁ ପଚାରିଲି, ଏହା କେଉଁଠାରେ ଅଛି । ସେ କହିଲେ, "ନ୍ୟୁ ଆଲବାନୀକୁ ଯାଆନ୍ତୁ," ଆମ ସହର ତଳେ ଏକ ଛୋଟ ସହରଟିଏ ।

104 ଏବଂ ନଦୀ ତଳ ପାର୍ଶ୍ୱରେ, ଯେଉଁଠାରେ ମୁଁ କିଛି ଟିଣ ରଖିଥିଲି, ଯେଉଁଠାକୁ ମୁଁ ପ୍ରତିଦିନ ଯାଉଥିଲି ଯେତେବେଳେ ମୁଁ—ମୁଁ ଜଣେ ବିଜୁଳିକର୍ମୀ ଥିଲି । ତେଣୁ ଯେତେବେଳେ ଅନ୍ୟାନ୍ୟ ସାଥୀମାନେ, ସେମାନେ ସମସ୍ତେ ଚାରିଆଡ଼େ ବସିଯାଆନ୍ତି, ଥଟ୍ଟା କରନ୍ତି ଏବଂ ବିଷୟଗୁଡ଼ିକ କୁହନ୍ତି, ମୁଁ ଟ୍ରକରେ ଚଢ଼ି ନଦୀର କୂଳେ କୂଳେ ଚାଲିଯାଏ ଏବଂ ସେହି ସମୟ ମଧ୍ୟରେ, ସେଠାରେ ପ୍ରାର୍ଥନା କରିଥାଏ, ଓ ଏକ ବଡ଼ ଟିଣ ତଳେ ବସି ମୋର ବାଇବଲ ପାଠ କରିଥାଏ, ଯେଉଁଠାରେକି ଏକ ପୁରୁଣା ଲୁହା କାରଖାନା ଥିଲା । ସେଠାରେ କେତେକ ପୁରୁଣା ବାକ୍ସକାର୍ ପଡ଼ି ରହିଥିଲା ।

105 ଏବଂ ଏହି ପିଲାଟି ସେଠାକୁ ଚାଲି ଯାଇଥିଲା ଏବଂ ସେହି ବାକ୍ସକାର୍ ମଧ୍ୟରୁ ଗୋଟିଏକୁ ନେଇ ତାହାକୁ କାଟି ସେଥିରେ ଏକ କବାଟ ତିଆରି କରିଥିଲା । ଆଉ ଏକ ଖବରକାଗଜ ଏବଂ ଟ୍ୟାକୀ ବଟନ୍‌ମାନ ନେଇଥିଲା ।

106 କେତେଜଣ ଜାଣନ୍ତି ଯେ ଏକ ଟ୍ୟାକୀ ବଟନ୍ କଅଣ ଅଟେ? ତେବେ, ଏଠାରେ କେହି କେଣ୍ଟକିନିବାସୀ ନାହାଁନ୍ତି । ଏହା ହେଉଛି, ଖଣ୍ଡେ ବୁଢାପଟାଟିଏ ନିଅନ୍ତୁ, ସେଥିରେ ଗୋଟିଏ ପିନ୍ କଣ୍ଟା ରଖନ୍ତୁ, ଏକ ଛୋଟିଆ କଣ୍ଟା । ଏବଂ ତାହାପରେ ଏହାକୁ ପୂରାଇ ଦିଅନ୍ତୁ…ତାହା ଏକ ଟ୍ୟାକୀ ବଟନ୍ ଅଟେ ।

107 ତେଣୁ, ସେମାନେ ଏହାକୁ ସବୁଆଡ଼େ ଲଗାଇଥିଲେ । ଆଉ ସେ ସେଠାରେ ଉପରେ ଲୁହା କାରଖାନାକୁ ଯାଇଥିଲା ଓ ନିଜ ପାଇଁ କିଛି ସାମଗ୍ରୀ ଆଣିଥିଲା, ଏବଂ ଉପରକୁ ଚଢିବା ପାଇଁ, ଏକ ପାହାଚ ତିଆରି କରିଥିଲା । ଏବଂ କିଛି ପୁରୁଣା ବାକ୍ସ ଆଣିଥିଲା, ଓ ସେଥିରେ ନିଜ ପାଇଁ ଏକ ମେଜ ତିଆରି କରିଥିଲା । ଆଉ ଦିନେ, ମୁଁ ଭାବିଲି, "ମୁଁ ତଳକୁ ଯିବି ଏବଂ ଦେଖିବି ଯେ ସେମାନେ କିପରି କରୁଛନ୍ତି ।"

108 ଏହାର ପ୍ରାୟଃ ଛଅ ମାସ ପୂର୍ବରୁ, ମୁଁ ଇ. ୱି. ନାଇଟର ଝିଅକୁ ଇ. ଟି. ସ୍ଲାଇଡରଙ୍କ ପୁଅ ସହିତରେ ବିବାହ ଦେଇଥିଲି । ଇ. ୱି. ନାଇଟ, ଯିଏକି ଓହାୟୋ ନଦୀ ପାର୍ଶ୍ୱରେ ରହୁଥିବା ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ, ଏବଂ, ଓଃ, ସେଠାକାର ବଡ଼ ବଡ଼ କାରଖାନାଗୁଡ଼ିକୁ ଚଲାନ୍ତି, ଏହି ପୂର୍ବ ନିର୍ମିତ ସ୍ଥାନାନ୍ତରିତ ଘରଗୁଡ଼ିକୁ ନିର୍ମାଣ କରନ୍ତି, ଓ ପ୍ରଭୃତି ବିଷୟ କରନ୍ତି । ଏବଂ—ଏବଂ ସ୍ଲାଇଡର୍, ଇ. ଟି. ସ୍ଲାଇଡର, ହେଉଛି ବାଲୁକା ଏବଂ କଙ୍କଡ ଗେଟୀ କମ୍ପାନୀ, କୋଟିପତିଙ୍କ ପିଲା । ଆଉ ମୁଁ ସେମାନଙ୍କୁ ବିବାହ ଦେଇଥିଲି ।

109 ଏବଂ ମୁଁ ଏକ ସ୍ଥାନକୁ ଯାଇଥିଲି, ପ୍ରାୟଃ ଦୁଇ ସପ୍ତାହ ନିମନ୍ତେ ଏହାକୁ ଅଭ୍ୟାସ କରିଥିଲି, ଆଉ ଏକ ଅସ୍ଥାୟୀ ଘରେ ଯାଇ ତକିଆ ଉପରେ ଆଣ୍ଠୁମାଡି ବସୁଥିଲି । ଏବଂ ସମସ୍ତ ଆଡମ୍ବର ଓ ସବୁକିଛି ଯାହାଦେଇ ମୁଁ କେବେ ଯାଇଥିଲି, ପ୍ରାୟଃ, ସେହି ଦମ୍ପତିଙ୍କୁ ବିବାହ ଦେବା ପାଇଁ,

ଯିବାକୁ ପଡିଥିଲା । ଏବଂ ଯେତେବେଳେ ସେମାନେ ବାହାରକୁ ଆସିଲେ, କାହିଁକି, ସେମାନେ ଥିଲେ…ଏହି ଅନ୍ୟ ଛୋଟ ଦମ୍ପତିଦ୍ୱୟ ଏକ ଛୋଟ ପୁରୁଣା କୋଠରୀରେ ଛିଡ଼ା ହୋଇଥିଲେ ଯେଉଁଠାରେକି ଆମର ଏକ ଛୋଟ ବୈଠକ ଥିଲା ଏବଂ ଏକ ଭାଙ୍ଗ କରିବା ବିଛଣା ଥିଲା, ମାତ୍ର ସେମାନେ ଉଭୟେ ସେହି ସମାନ ସମାରୋହ ଦ୍ୱାରା ବିବାହ ହୋଇଥିଲେ ।

110 ଏବଂ ତାହାପରେ, ଦିନେ, ମୁଁ ଭାବିଲି ମୁଁ ତଳକୁ ଯାଇ ଏହି ଧନୀ ଦମ୍ପତିଙ୍କୁ ଦେଖା କରିବି । ସେମାନଙ୍କୁ କାମ କରିବାକୁ ପଡୁ ନ ଥିଲା, ସେମାନଙ୍କର ପିତାମାନେ କୋଟିପତି ଥିଲେ, ସେମାନଙ୍କ ପାଇଁ ଏକ ସୁନ୍ଦର ଘର ନିର୍ମାଣ କରି ଦେଇଥିଲେ । ଖୋଲାଖୋଲି ଭାବରେ, ଏହି ଇ. ୱି. ନାଇଟ, ଏଠାରେ ଉପରେ, ପାହାଡରେ ଯିଏ ରହୁଥିଲେ, ତାଙ୍କ ବଡ଼ ପ୍ରାସାଦରେ ତାଙ୍କର କବାଟର ମୁଠିଗୁଡ଼ିକ ଚଉଦ କରାଟ ସୁନାର ରହିଥିଲା, ତେଣୁ ଆପଣ କଳ୍ପନା କରି ପାରୁଥିବେ ଯେ ସେମାନେ କେଉଁ ପ୍ରକାରର ଘରେ ରହୁଥିଲେ । ସେମାନଙ୍କୁ କାମ କରିବାକୁ ପଡୁ ନ ଥିଲା । ସେମାନଙ୍କୁ ପ୍ରତିବର୍ଷ ଏକ ସୁନ୍ଦର କ୍ୟାଡିଲାକ୍ କାର୍ ଦିଆଯାଉଥିଲା । ଏବଂ କେବଳ, ମାତ୍ର ଏକକ ସନ୍ତାନମାନେ, ଆଉ ସେମାନଙ୍କ ପାଖରେ ତାହା ସବୁକିଛି ଥିଲା ଯାହା ସେମାନେ ଚାହିଁଥିଲେ । ଯେତେବେଳେ ଦିନେ ମୁଁ ଚାଲିଗଲି…

111 ତେବେ, ମୁଁ ସେମାନଙ୍କ ସହିତ କିପରି ପରିଚିତ ହେଲି, ସେମାନଙ୍କର ଜଣେ ବନ୍ଧୁ ମୋର ଜଣେ ଭଲ ବନ୍ଧୁ ଥିଲେ । ଆମେ ସମସ୍ତେ ଏକ ପ୍ରକାର ଏକତ୍ର ଘନିଷ୍ଠ ଥିଲୁ । ଏବଂ ସେହିପରି ଭାବରେ ମୁଁ ପରିଚିତ ହେଲି, ଯେତେବେଳେ ସେମାନେ ଚାହିଁଲେ ଯେ ମୁଁ ସେମାନଙ୍କୁ ବିବାହ ଦିଏ ।

112 ତେଣୁ ମୁଁ ସେମାନଙ୍କୁ ଦେଖା କରିବାକୁ ଗଲି । ମୁଁ ମୋର ପୁରୁଣା ଫୋର୍ଡ କାରକୁ, ବାହାରେ ରଖିଦେଲି, ଓ ପାହାଚ ଚଢି ଉପରକୁ ଗଲି । ଏବଂ—ଏବଂ ମୁଁ ଗଲି, ଟିକିଏ ଅତି ନିକଟତର ହେଲି, ଆଉ ମୁଁ ସେମାନଙ୍କୁ ଶୁଣିଲି । ଏବଂ ସେମାନେ ପ୍ରକୃତରେ ଝଗଡା କରୁଥିଲେ । ସେମାନେ ପରସ୍ପର ଜଣେ ଅନ୍ୟକୁ ଈର୍ଷା କରୁଥିଲେ । ସେମାନେ ଏକ ନୃତ୍ୟକୁ ଯାଇଥିଲେ । ସେ ଏକ ବହୁତ ସୁନ୍ଦର ଝିଅ ଥିଲେ । ଆଉ ସେ ଏକ ପ୍ରକାର ଏହି ସୌନ୍ଦର୍ଯ୍ୟ ରାଣୀମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ସେଠାରେ ଅନେକ ପୁରସ୍କାରମାନ ପାଇଥିଲେ ଏବଂ ସୌନ୍ଦର୍ଯ୍ୟ ରାଣୀ ହୋଇଥିବା ସକାଶୁ, କେତେକ କାର୍ ଓ ବିଷୟମାନ ଜିତିଥିଲେ । ଆଉ ମୁଁ ସେମାନଙ୍କୁ ଦେଖିଲି, ଏବଂ ଜଣେ ଗୋଟିଏ କୋଣରେ ଏବଂ ଆଉ ଜଣେ ଅନ୍ୟ କୋଣରେ ବସିଥିଲେ, ସେହି ଝିଅ ସହିତ ନାଚିଥିବା କୌଣସି ପିଲା ସମ୍ବନ୍ଧରେ, ବା କୌଣସି ଝିଅ ସମ୍ବନ୍ଧରେ, କୌଣସି ବିଷୟକୁ ନେଇ ଆପତ୍ତି କରୁଥିଲେ ।

113 ଯେତେବେଳେ ମୁଁ ଆସିଲି, ସେମାନେ ପ୍ରକୃତରେ ଶୀଘ୍ର ଡେଇଁପଡି ଭୂଇଁ ଉପରେ ପରସ୍ପରକୁ ଧରି ପକାଇଲେ, ଏବଂ ସେମାନଙ୍କର—ସେମାନଙ୍କର ହାତ, ଚଟାଣ ଆଡ଼େ ଥାଇ, ସେମାନେ କବାଟ ଆଡକୁ ଚାଲି ଚାଲି ଆସିଲେ । କହିଲେ, "କାହିଁକି, କିପରି ଅଛନ୍ତି, ଭାଇ ବ୍ରାନହାମ୍! ଆପଣଙ୍କର କିପରି ଚାଲିଛି?"

କହିଲି, "ଠିକ୍ ଅଛି । ତୁମେ ସମସ୍ତେ କିପରି ଅଛ?"

114 ଏବଂ, "ଓଃ," ସେ କହିଲା, "ମୁଁ—ମୁଁ...ଆମେ ବହୁତ ଖୁସି ଅଛୁ । କଅଣ ଆମେ ନୋହୁଁ, ପ୍ରିୟେ?"

ଏବଂ ସେହି ଝିଅ କହିଲା, "ହଁ, ପ୍ରିୟେ ।" ବୁଝିଲେ?

115 ତେବେ, ଆପଣ ଦେଖନ୍ତୁ, ଆପଣ ଏପରି କିଛି ଧାରଣ କରୁଅଛନ୍ତି ଯାହା ବାସ୍ତବ ନୁହେଁ । ତେବେ, ଆପଣ ଏକ ଚିତ୍ରିତ ଅଗ୍ନି ଦ୍ୱାରା ଉଷୁମ ହୋଇପାରିବେ ନାହିଁ, ଯେପରିକି ମଣ୍ଡଳୀମାନଙ୍କ ମଧ୍ୟରୁ କେତେକ ଏଠାରେ ପେଣ୍ଟିକଷ୍ଟକୁ ରଙ୍ଗ କରିବାକୁ ଚେଷ୍ଟା କରନ୍ତି, ଏପରି କିଛି ବିଷୟ ସମ୍ବନ୍ଧରେ ଯାହାକି ଏକ ହଜାର ବର୍ଷ ପୂର୍ବେ ଘଟିଥିଲା । ଆପଣ ଏକ ଚିତ୍ରିତ ଅଗ୍ନି ଦ୍ୱାରା ଉଷୁମ ହୋଇପାରିବେ ନାହିଁ । ପେଣ୍ଟିକଷ୍ଟ ଆଜି ମଧ୍ୟ ସେତିକି ବାସ୍ତବିକ ଅଟେ ଯେତିକି ତାହା ସେଦିନ ଥିଲା । ବୁଝିଲେ? ହଁ । ଅଗ୍ନି ଏବେ ବି ପଡୁଛି । ଏହା ଏକ ଚିତ୍ରିତ ଅଗ୍ନି ନୁହେଁ । ଏହା ଏକ ବାସ୍ତବ ଅଗ୍ନି ଅଟେ ।

116 ତେଣୁ, ସେମାନେ, ସେମାନେ କେବଳ ସେହିପରି ସେଠାରେ ଥିଲେ । ବୁଝିଲେ? ମୁଁ—ମୁଁ ସେହିପରି ରହିବାକୁ ଚାହିଁବି ନାହିଁ ।

117 "ଓଃ," ମୁଁ ଭାବିଲି, "ଆପଣ ଜାଣନ୍ତି, ଠିକ୍ ସେଠାରେ ସେହି ପାହାଡ଼ ତଳେ ଏବଂ ନଦୀ କଡ଼ରେ, ଯେଉଁଠାରେକି ଏହି ଅନ୍ୟ ଦମ୍ପତି ରହୁଥିଲେ ।" ମୁଁ ଭାବିଲି, "ଗୋଟିଏ ଶନିବାର ଅପରାହ୍ନରେ ମୁଁ ଚୁପ୍ କରି ସେଠାକୁ ଯିବି ଏବଂ ଦେଖିବି ଯେ ସେମାନଙ୍କର କିପରି ଚାଲିଛି ।"

118 ତେଣୁ ମୁଁ, ମୁହଁରେ ମଇଳା, ଏବଂ ମୋ ପିନ୍ଧିଥିବା ବସ୍ତ୍ର ମଇଳା, ମୋ ଉପକରଣଗୁଡ଼ିକ ସହିତ ରହିଥିଲା । ମୁଁ ଭାବିଲି, "ମୁଁ ଚୁପ୍ କରି ସେମାନଙ୍କୁ ଦେଖିବି ।" ମୁଁ ଚୁପ୍ କରି ଦେଖିବାକୁ ଗଲି ଯେପରିକି ମୁଁ ବଜ୍ରପାତ କିମ୍ବା ସେପରି କିଛି ବିଷୟ ଦ୍ୱାରା ବିଦ୍ୟୁତ ଅବରୋଧକଗୁଡ଼ିକ ଫାଟିଯାଉଥିବାର ଦେଖୁଥିଲି, ଆଉ ଯେତେବେଳେ ମୁଁ ଟେଲିଫୋନ୍ ତାର କଡ଼ରେ କଡ଼ରେ ଗଲି, ନଦୀ କୂଳରେ ଥିବା ବୈଦ୍ୟୁତିକ ତାର କଡ଼ ଦେଇ । ଏବଂ ସେଠାରେ ସେହି ପୁରୁଣା ଚେଭ୍ରୋଲେଟ୍ କାର୍ ଥିଲା, ଆଗରେ ରଖା ହୋଇଥିଲା । ମୁଁ ସେମାନଙ୍କୁ ବିବାହ ଦେବାର, ପ୍ରାୟଃ ଗୋଟିଏ ବର୍ଷ ପରେ । ଏବଂ ସେଠାରେ ଏକ—ଏକ...ଦ୍ୱାରଟି ଖୋଲା ଥିଲା, ଏବଂ ମୁଁ ସେମାନଙ୍କୁ କଥା ହେଉଥିବାର ଶୁଣିବାକୁ ପାଇଲି । ତେଣୁ ଏହା ଏକ କପଟୀ ପରି ଶୁଭାଯାଏ, ମାତ୍ର ମୁଁ ଆହୁରି ନିକଟବର୍ତ୍ତୀ ହେବାକୁ ଗଲି ଯେପର୍ଯ୍ୟନ୍ତକି ମୁଁ ତାହା ଶୁଣିପାରିଲି, ଦେଖିପାରିଲି ଯେ ସେମାନେ କଅଣ କହୁଛନ୍ତି । ସେଠାରେ ଛିଡ଼ା ହୋଇରହିଲି । ଆଉ ମୁଁ କେବଳ ମୋ ପାଇଁ, ଜାଣିବାକୁ ଚାହିଁଲି ।

119 ମୁଁ ଏହା ଜାଣିବାକୁ ଓ ସୁନିଶ୍ଚିତ ହେବାକୁ ପସନ୍ଦ କରେ ଯେ ମୁଁ ତାହା ଜାଣେ ଯେଉଁ ବିଷୟରେ ମୁଁ କହୁଅଛି । ପରମେଶ୍ୱରଙ୍କ ବାକ୍ୟ ବିଷୟରେ ମୁଁ ସେହିପରି କରେ । ଏହା ସତ୍ୟ ଅଟେ, କି ଏହା ସତ୍ୟ ନୁହେଁ? କଅଣ ସେ ତାହାଙ୍କର ବାକ୍ୟ ରକ୍ଷା କରିବେ, କିଅବା ସେ ତାହାଙ୍କର ବାକ୍ୟ ରକ୍ଷା କରିବେ ନାହିଁ? ଯଦି ସେ ତାହାଙ୍କର ବାକ୍ୟ ରକ୍ଷା ନ କରନ୍ତି, ତେବେ ସେ

ପରମେଶ୍ୱର ନୁହଁନ୍ତି । ବୁଝିଲେ? ଯଦି ସେ ତାହାଙ୍କର ବାକ୍ୟ ରକ୍ଷା କରନ୍ତି, ସେ ପରମେଶ୍ୱର ଅଟନ୍ତି । ବୁଝିଲେ?

120 ଏବଂ ତେଣୁକରି ମୁଁ ଦେଖିବାକୁ ଚାହିଁଲି ଯେ ସେମାନଙ୍କର କିପରି ଭାବରେ ଚାଲିଛି । ଆଉ ମୁଁ ଅତି ସହଜରେ, ଚୁପ୍ କରି ପାର୍ଶ୍ୱକୁ ଖସିଗଲି । ମୁଁ ସେହି ପିଲାକୁ କହୁଥିବାର ଶୁଣିଲି, "ଓଃ, ପ୍ରିୟେ, ମୁଁ କେତେ ଯତ୍ନ ସହକାରେ, ତୁମ ପାଇଁ ତାହା ଆଣିବାକୁ ଚାହୁଁଥିଲି ।"

121 ସେହି ସ୍ତ୍ରୀଲୋକଟି କହିଲା, "ତେବେ, ଦେଖ, ପ୍ରିୟେ ।" ସେ କହିଲା, "ଏହି ପୋଷାକଟି ଠିକ୍ ଅଛି ।" ସେ କହିଲା, "କାହିଁକି, ଏହା ତ ସମ୍ପୂର୍ଣ୍ଣରୂପେ ଠିକ୍ ଅଛି ।" କହିଲା, "ମୁଁ ତାହା ପ୍ରଶଂସା କରେ । ମାତ୍ର ତୁମେ ଦେଖ..."

122 ମୁଁ ଚୁପ୍ କରି ପାଖକୁ ଗଲି, ଯେପରିକି ମୁଁ ସେହି ଫାଟ ଦେଇ ଦେଖିପାରେ, ଯେଉଁଠାରେକି ସେହି ବାକ୍ସକାରରେ କବାଟଟି ଖୋଲା ହୋଇଥିଲା । ଆଉ ସେ ସେଠାରେ ଥିଲା, ସେଠାରେ ବସିଥିଲା, ଏବଂ ସେହି ସ୍ତ୍ରୀଲୋକଟି ତାହାର କୋଳରେ ବସିଥିଲା; ଏବଂ ତାହାର ବାହୁ ସେହି ସ୍ତ୍ରୀଲୋକର ଚାରିପାଖରେ ଥିଲା, ଏବଂ ଏହାର ବାହୁ ତାହାର ଚାରିପାଖରେ ଥିଲା । ଆଉ ସେ ଏହି ପୁରୁଣା ବଙ୍କେଇଥିବା ଟୋପିଗୁଡ଼ିକ ମଧ୍ୟରୁ ଗୋଟିଏ ପିନ୍ଧିଥିଲା, ଏବଂ ସେଥିରେ ଏକ ଛୋଟ ଛିଦ୍ର ରହିଥିଲା, ଉପର ପଟରୁ, ଏହା ଦବି ଯାଇଥିଲା, ଆଉ ସେଥିରେ, ତାହାର ଦରମା ଚେକ୍ ବାହାର କଲା । ସେ—ସେ ଏହାକୁ ମେଜ ଉପରେ ଥୋଇଦେଲା । କହିଲା, "ଖାଦ୍ୟ ସାମଗ୍ରୀ ପାଇଁ ଏତେ । ବୀମା ପାଇଁ ଏତେ । ଏବଂ କାର ପାଇଁ ଏତେ ।" ଆଉ ସେମାନେ ସେମାନଙ୍କର ପ୍ରୟୋଜନକୁ ପୂରଣ କରିପାରୁ ନ ଥିଲେ । ଜାଣିବାକୁ ପାଇଲି, ଯେ ସେ ସେଠାରେ ଏକ ଝରକାରେ ଏକ ଛୋଟ ପୋଷାକଟିଏ ଦେଖିଥିଲା, ଏହାକୁ କିଛି ସପ୍ତାହ ହେଲାଣି ଦେଖି ଆସୁଥିଲା, ଯାହାର ମୂଲ୍ୟ ଏକ ଡଲାର ଏବଂ କିଛି ଗୋଟାଏ ଥିଲା । ସେ ଏହାକୁ କିଣିବାକୁ ଚାହୁଁଥିଲା । କହିଲା, "ତେବେ, ପ୍ରିୟେ, ତୁମେ ଏଥିରେ ବହୁତ ସୁନ୍ଦର ଦେଖାଯିବ ।" ଏବଂ ସେ କହିଲା...

123 ସେହି ସ୍ତ୍ରୀଲୋକ କହିଲା, "ମାତ୍ର, ପ୍ରିୟେ, ମୋ—ମୋ ପାଖରେ ଏକ ପୋଷାକ ଅଛି । ମୋତେ—ମୋତେ ପ୍ରକୃତରେ ଏହାର ଦରକାର ନାହିଁ ।" ବୁଝିଲେ? ଏବଂ ସେହି ଛୋଟ ରାଣୀ...

124 ଆଉ ମୁଁ ପଛକୁ ଘୁଞ୍ଚି ଗଲି, ଓ ଉପରକୁ ଚାହିଁଲି । ମୁଁ ଅନ୍ୟ ଘରର ସେହି—ସେହି ଉପରି ଶୃଙ୍ଗକୁ ଦେଖିପାରୁଥିଲି । ମୁଁ ସେଠାରେ ଛିଡ଼ା ହୋଇ, କିଛି ମିନିଟ୍ ଅନାଇଲି । ମୁଁ ଭାବିଲି, "ଧନୀ ବ୍ୟକ୍ତି କିଏ?" ମୁଁ ଭାବିଲି, "ଯଦି, ବିଲ୍ ବ୍ରାନହାମ୍, ଯଦି ତୁମେ କେଉଁ ସ୍ଥାନ ନେବାକୁ ଚାହିଁବ, ତେବେ ତୁମେ କେଉଁଠାକୁ ଯିବ?" ମୋ ପାଇଁ, ମୁଁ ସେହି ପାହାଡ଼ ଉପରେ ଥିବା ସୁନ୍ଦର ବିଷୟକୁ ନେବି ନାହିଁ । ମୁଁ ତ ଏଠାରେ ତଳେ ଏହି ଚରିତ୍ରକୁ ନେବି, ଜଣେ ପ୍ରକୃତ ଗୃହ ନିର୍ମାଣକାରୀ ଭାବରେ, ଏପରି ଜଣେ ଯିଏକି ମୋତେ ଭଲ ପାଏ ଏବଂ ମୋ ସହିତ ରୁହେ, ଏପରି ଜଣେ ଯିଏକି ଏକ ଘର ତିଆରି କରିବାକୁ ଚେଷ୍ଟା କରେ; ଏବଂ ସବୁକିଛି ପାଇଁ, ଉତ୍ତମ ବିଷୟଗୁଡିକ

ପାଇଁ ତୁମକୁ ରକ୍ତପୀଡ଼ା ଦିଏ ନାହିଁ; ଏବଂ ଏପରି ଜଣେ ଯିଏକି ତୁମ ସହିତ ରହିଥାଏ, ତୁମର ଅଂଶ ଅଟେ।

125 ତାହା ସର୍ବଦା ମୋ ସହିତ ଲାଗି ରହିଥିଲା, ଯେ ତାହା କିପରି ଅଟେ। ଜଣେ ଏକ ସୁନ୍ଦର ଝିଅକୁ ବାଛିଲା, ଅନ୍ୟ ଜଣକଟି ଚରିତ୍ରକୁ ବାଛିଲା। ତେବେ, ତାହା ହିଁ ଏକମାତ୍ର ଉପାୟ ଯେ ଆପଣ ବାଛି ପାରିବେ। ପ୍ରଥମେ, ଚରିତ୍ରକୁ ଖୋଜନ୍ତୁ; ଏବଂ ତାହାପରେ, ଯଦି ଆପଣ ତାଙ୍କୁ ଭଲ ପାଉଛନ୍ତି, ଉତ୍ତମ ଅଟେ।

126 ଧ୍ୟାନ ଦିଅନ୍ତୁ, ପରମେଶ୍ୱରଙ୍କର ପ୍ରଥମ ଆଦମଙ୍କ ପାଖରେ ନିଜର ପତ୍ନୀ ଗ୍ରହଣ କରିବା ନିମନ୍ତେ, କୌଣସି ଚୟନର ବିକଳ୍ପ ନ ଥିଲା। ସେ କୌଣସି ପସନ୍ଦ ପାଇ ନ ଥିଲେ। ପରମେଶ୍ୱର ତାଙ୍କ ପାଇଁ କେବଳ ଗୋଟିଏ ହିଁ ନିର୍ମାଣ କରିଥିଲେ, ଏବଂ ସେ ତାହାଙ୍କୁ ବାଛିବାର ବିକଳ୍ପ ପାଇ ନ ଥିଲେ। ତେଣୁକରି ଆମେ ପାଇଲୁ ଯେ ସେହି ନାରୀ ତାହାଙ୍କୁ ପରମେଶ୍ୱରଙ୍କ ବାକ୍ୟରୁ ବିପଥଗାମୀ କରିଥିଲା। ସେ ଏହି ବିଷୟରେ ପ୍ରାର୍ଥନା କରିବାକୁ ସୁଯୋଗ ପାଇ ନ ଥିଲେ। ସେ—ସେ—ସେ ତୁମ ପରି ଓ ମୋ ପରି ନୁହଁନ୍ତି। ସେ କୌଣସି ଚୟନର ବିକଳ୍ପ ପାଇ ନ ଥିଲେ। ଏବଂ ପୁନର୍ବାର, ତାହା କରିବା ଦ୍ୱାରା, ସେହି ନାରୀ ତାହାଙ୍କୁ ପରମେଶ୍ୱରଙ୍କ ପୁତ୍ର ଭାବରେ ଥିବା ତାଙ୍କର ଯଥାର୍ଥ ସ୍ଥାନରୁ ଓହରାଇ ନେଲା। ଆଉ ସେହି ନାରୀ ତାହାଙ୍କୁ ଏହା ଏକ ଅଧିକ ଉତ୍ତମ ଆଧୁନିକ ଜୀବନଶୈଳୀ ଦେଖାଇବା ଦ୍ୱାରା କରିଥିଲା, ଏପରି କିଛି ଯାହାକି ସେମାନେ ପ୍ରକୃତରେ କରିବାର ଉଚିତ୍ ନ ଥିଲା। ମାତ୍ର ସେହି ନାରୀର ଚରିତ୍ର ଦର୍ଶାଇଲା ଯେ ସେ ଭୁଲ୍ ଥିଲା। ତାହାର ଉଦ୍ଦେଶ୍ୟମାନ ଏବଂ ଅଭିପ୍ରାୟଗୁଡ଼ିକ କେବଳ ଭୁଲ ହିଁ ଥିଲା। ଏବଂ ନିଜର ଯୁକ୍ତିତର୍କ ଦ୍ୱାରା, ଆଦମଙ୍କୁ ପ୍ରବର୍ତ୍ତାଇଲା, ଯେ ସେହି ଆଧୁନିକ ନୂତନ ଆଲୋକ ଯାହା ସେ ପାଇଥିଲା, ଯାହାକି ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧରେ ଥିଲା, ତାହା ବଞ୍ଚି ରହିବାର ଏକ ଅଧିକ ଉତ୍ତମ ଉପାୟ ଅଟେ।

127 ଏବଂ ଆଜି କେତେ ସ୍ତ୍ରୀଲୋକମାନେ, ଏବଂ ବିପରୀତ ଭାବରେ, ପୁରୁଷମାନେ, ଯିଏକି ଜଣେ ଭଲ ସ୍ତ୍ରୀଲୋକଙ୍କୁ ପରମେଶ୍ୱରଙ୍କଠାରୁ ଦୂରେଇ ନେଇ ଯାଇପାରନ୍ତି, କିମ୍ବା ଜଣେ ଭଲ ପୁରୁଷଙ୍କୁ ପରମେଶ୍ୱରଙ୍କଠାରୁ ଦୂରେଇ ନେଇ ଯାଇପାରନ୍ତି, ଏହା କହିବାକୁ ଚେଷ୍ଟା କରିବା ଦ୍ୱାରା ଯେ, "ଏହି ଧର୍ମ, ତୁମେ ପେଣ୍ଟିକଷ୍ଟାଲ ପିଲାମାନେ, ସେହି ଧର୍ମ," ସେମାନେ କୁହନ୍ତି, "ଓଃ, ଏହା ପୁରୁଣା-କାଳିଆ ଅଟେ, ଏହା ପୁରୁଣା ଯୁଗର ଅଟେ, ତୁମେ ତାହା ବିଶ୍ୱାସ କର ନାହିଁ।" ଆପଣଙ୍କ ପାଇଁ ଏହା ଉତ୍ତମ ହେବ ଯେ ସେହି ଝିଅକୁ ବିବାହ କରିବା ପୂର୍ବରୁ ଆପଣ ଭଲ ଭାବରେ ପ୍ରାର୍ଥନା କରନ୍ତୁ, ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ ସେ କେତେ ସୁନ୍ଦର ଅଟେ। ସେହି ସମାନ ବିଷୟ ଜଣେ ପୁରୁଷ ପାଇଁ ମଧ୍ୟ ପ୍ରଯୁଜ୍ୟ।

128 ସେ ତାହାଙ୍କୁ ପରମେଶ୍ୱରଙ୍କ ଇଚ୍ଛାର ବାହାରକୁ ନେଇଗଲା ଓ ତାହାଙ୍କୁ ଏପରି କିଛି କରିବାକୁ ପ୍ରବର୍ତ୍ତାଇଲା ଯାହା ତାଙ୍କର କରିବାର ଉଚିତ୍ ନ ଥିଲା, ଏବଂ, ଏହା ଦ୍ୱାରା, ସମଗ୍ର ମାନବ ଜାତି ପ୍ରତି ମୃତ୍ୟୁ ଘଟାଇଥିଲା। ସେଇଥିପାଇଁ ବାଇବଲ ସ୍ତ୍ରୀଲୋକକୁ କୌଣସି

ପ୍ରକାରେ ଶିକ୍ଷାଦାନ କରିବାକୁ, କିମ୍ବା ପ୍ରଚାର କରିବାକୁ, କିଅବା ପରମେଶ୍ୱରଙ୍କ ବାକ୍ୟ ପରିଚାଳନା କରିବାକୁ ବାରଣ କରେ ।

129 ମୁଁ ଜାଣେ, ଭଉଣୀମାନେ, ଆପଣମାନଙ୍କ ମଧ୍ୟରୁ ଅନେକେ କହିବେ, "ପ୍ରଭୁ ମୋତେ ପ୍ରଚାର କରିବାକୁ ଡାକିଛନ୍ତି ।"

130 ମୁଁ ଆପଣଙ୍କ ସହିତ ଯୁକ୍ତି କରିବାକୁ ଯାଉନାହିଁ । ମାତ୍ର ମୁଁ ଆପଣଙ୍କୁ କହିବାକୁ ଯାଉଛି, ଯେ ବାକ୍ୟ ଆପଣଙ୍କୁ ତାହା ନ କରିବାକୁ କୁହେ । "ସେ କୌଣସି ଶିକ୍ଷା ଦେବ ନାହିଁ, କିଅବା କର୍ତ୍ତୃତ୍ୱ କରିବ ନାହିଁ, ବରଂ ନୀରବ ରହିବ ।"

"ତେବେ," ଆପଣ କୁହନ୍ତି, "ପ୍ରଭୁ ମୋତେ ଏହା କରିବାକୁ କହିଛନ୍ତି ।"

131 ମୁଁ ସେଥିରେ ତିଳେ ମାତ୍ର ସନ୍ଦେହ କରେ ନାହିଁ । କଅଣ ଆପଣ ଅନ୍ୟ ରାତ୍ରି ବିଲିୟାମ ବିଷୟରେ ମୋର ବାର୍ତ୍ତା ଶୁଣିଲେ କି? ବିଲିୟାମ ପ୍ରଥମ ଥର, ପରମେଶ୍ୱରଙ୍କ ସିଧା-ସଳଖ ନିଷ୍ପତ୍ତି ପାଇଲେ, "ତାହା କର ନାହିଁ ।" ମାତ୍ର ସେ ବାହାନା କରିବାକୁ ଲାଗିଲେ ଏପରିକି ଶେଷରେ ପରମେଶ୍ୱର ତାଙ୍କୁ ତାହା ଯାଇ କରିବାକୁ କହିଥିଲେ ।

132 ପରମେଶ୍ୱର ଆପଣଙ୍କୁ ପ୍ରଚାର କରିବାକୁ ଅନୁମତି ଦେଇପାରନ୍ତି । ମୁଁ କହୁ ନାହିଁ ଯେ ସେ ତାହା କରିନାହାଁନ୍ତି । ମାତ୍ର ଏହା ତାହାଙ୍କର ମୂଳ ବାକ୍ୟ ଏବଂ ଯୋଜନା ଅନୁଯାୟୀ ନୁହେଁ । "କାରଣ ବ୍ୟବସ୍ଥା ମଧ୍ୟ କୁହେ, ସ୍ତ୍ରୀଲୋକକୁ ଆଜ୍ଞାଧୀନ ରହିବାକୁ ଅଛି ।" ଏହା ସତ୍ୟ ଅଟେ । ତେଣୁ, ସେ ଏହା କରିବା ଉଚିତ ନୁହେଁ ।

133 ତେବେ, ପୁନର୍ବାର ଧ୍ୟାନ ଦିଅନ୍ତୁ ଯେ ପ୍ରାକୃତିକ କନ୍ୟା କିପରି ଭାବରେ ଆତ୍ମିକ କନ୍ୟାର ପ୍ରତିଛାୟା ଅଟେ । ବାକ୍ୟ କୁହେ, ଯେ, "ସ୍ତ୍ରୀ ପୁରୁଷ ନିମନ୍ତେ ନିର୍ମାଣ କରା ଯାଇଥିଲା, ଏବଂ ପୁରୁଷ ତାହା ପାଇଁ ନିର୍ମାଣ କରା ଯାଇନାହିଁ ।"

134 ତେବେ ମୁଁ କହିବାକୁ ଯାଉଛି, ଆଉ କାହିଁକି, କିଛି ମିନିଟରେ, ଖ୍ରୀଷ୍ଟଙ୍କ କନ୍ୟା ଉପରେ, ମାତ୍ର ମୁଁ ଏହାର ପୃଷ୍ଠଭୂମି ଦେଖାଇବାକୁ ଚେଷ୍ଟା କରୁଛି ।

135 "ସ୍ତ୍ରୀକୁ ପୁରୁଷ ପାଇଁ ନିର୍ମାଣ କରାଯାଇଥିଲା, ସ୍ତ୍ରୀ ପାଇଁ ପୁରୁଷ ନୁହେଁ ।" ସେହି କାରଣ ହେଉଛି, ପୁରାତନ ନିୟମ ଅନୁଯାୟୀ, ଯେ ବହୁବିବାହ ଆଇନଗତ ଥିଲା । ଦେଖନ୍ତୁ ଯେ ଦାଉଦ ସେଠାରେ ପାଞ୍ଚ ଶହ ପତ୍ନୀଙ୍କ ସହିତ ବସିଥିଲେ, ଏବଂ ବାଇବଲ କୁହେ, "ସେ ପରମେଶ୍ୱରଙ୍କ ନିଜର ମନର ମତ ଜଣେ ବ୍ୟକ୍ତି ଥିଲେ ।" ପାଞ୍ଚ ଶହ ପତ୍ନୀଙ୍କ ସହିତ, ଏବଂ ଶଲୋମନ ଏକ ହଜାର ପତ୍ନୀଙ୍କ ସହିତ, ମାତ୍ର ସେହି ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ଜଣେ ହେଲେ କେହି ଅନ୍ୟ ସ୍ୱାମୀ କରିପାରନ୍ତି ନାହିଁ ।

136 *ବିବାହ ଏବଂ ଛାଡ଼ପତ୍ର* ଉପରେ ଆପଣ ମୋର ଟେପ୍ ନିଅନ୍ତୁ । ତାହା, ଏଠାରେ କିଛି ସମୟ ପୂର୍ବରୁ, ଟ୍ୟୁସାନ୍‌ଠାରେ ପର୍ବତ ଉପରେ, ମୁଁ ସେଠାରେ ଉପରେ ଏହା ବିଷୟରେ ପ୍ରାର୍ଥନା କରୁଥିଲି । ସେମାନେ ବିଦ୍ୟାଳୟଗୁଡ଼ିକୁ ବରଖାସ୍ତ କରି ଦେଇଥିଲେ, ସେହି

ଅଗ୍ନିସ୍ତମ୍ଭକୁ ପର୍ବତ ଉପରେ ଘୁରୁଥିବାର ଏବଂ ଏକ କାହାଳୀ ଆକାରରେ ଆଗକୁ ପଛକୁ ହେଉଥିବାର, ଉପର ତଳକୁ, ଯାଉଥିବାର ଦେଖିବା ପାଇଁ। ଆଖପାଖର ଲୋକମାନେ ଏଠାରେ ଏହା ଜାଣନ୍ତି, ସେଠାରେ, ଏବଂ ଏହା ଦେଖିଛନ୍ତି; ଏବଂ ଏହା...ଯେତେବେଳେ ସେ ମୋତେ ଏହି ବିବାହ ଏବଂ ଛାଡ଼ପତ୍ର ବିଷୟକ ପ୍ରଶ୍ନଗୁଡ଼ିକର ସତ୍ୟତା କହିଥିଲେ। ଯଦି ଗୋଟିଏ ଦଳ ଏହି ପଥରେ ଯାଉଅଛି, ଏବଂ ଆଉ ଗୋଟିଏ *ସେହି* ପଥରେ ଯାଉଅଛି, ତାହାହେଲେ ସେଠାରେ କୌଣସିଠାରେ ଏକ ସତ୍ୟତା ରହିବାକୁ ଅଛି। ସେହି ସପ୍ତ ମୁଦ୍ରାଗୁଡ଼ିକ ପରେ, ସେ ଦେଖାଇଥିଲେ ଯେ ଏହାର ସତ୍ୟତା କଅଣ ଥିଲା।

137 ଧ୍ୟାନ ଦିଅନ୍ତୁ, ତେବେ, ସେ କେବଳ ଏକ ସ୍ୱାମୀ ବ୍ୟତୀତ ଆଉ ଅନ୍ୟ କରିପାରିବ ନାହିଁ, କାରଣ, "ସ୍ତ୍ରୀକୁ ପୁରୁଷ ପାଇଁ ନିର୍ମାଣ କରା ଯାଇଥିଲା, ସ୍ତ୍ରୀ ପାଇଁ ପୁରୁଷ ନୁହେଁ।" ସେହି ସମଗ୍ର ପାଞ୍ଚ ଶହ ସ୍ତ୍ରୀଲୋକ କେବଳ ଦାଉଦଙ୍କ ପତ୍ନୀ ଥିଲେ ଏବଂ ଏହା ଏକ ପ୍ରତିଛାୟା ଥିଲା। ଯେତେବେଳେ ଖ୍ରୀଷ୍ଟ ସହସ୍ରାବ୍ଦୀରେ ସିଂହାସନ ଉପରେ ବସିବେ, ତାହାଙ୍କର କନ୍ୟା ଜଣେ ବ୍ୟକ୍ତି ହେବ ନାହିଁ, ମାତ୍ର ଏହା ଦଶ ସହସ୍ର ସହସ୍ର ହେବେ, ସେହି କନ୍ୟା, ସମସ୍ତେ ଗୋଟିଏରେ ହେବେ। ଏବଂ ଦାଉଦଙ୍କର ଅନେକ ପତ୍ନୀ ଥିଲେ, ବ୍ୟକ୍ତିଗତ ଜଣ ଜଣ କରି, ମାତ୍ର ସମସ୍ତେ କେବଳ ଏକତ୍ର ମିଶି ତାହାଙ୍କର ପତ୍ନୀ ଥିଲେ। ଯେପରିକି ବିଶ୍ୱାସୀମାନଙ୍କର ସମଗ୍ର ଦେହଟା ଖ୍ରୀଷ୍ଟଙ୍କ କନ୍ୟା ଅଟେ, କାରଣ ଏହା ସେ ଅଟେ, ସେହି ସ୍ତ୍ରୀଲୋକ। ସେ ତ ପୁରୁଷ ଥିଲେ। ତେବେ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ପାଇଁ ସୃଷ୍ଟି ହୋଇଅଛୁ। ଖ୍ରୀଷ୍ଟ ଆମ ପାଇଁ ସୃଷ୍ଟି ହୋଇ ନାହାଁନ୍ତି।

138 ତାହାହିଁ ଅଟେ ଯାହାକି ଆଜି ଆମେ ଆମର ପାଠ୍ୟ ପୁସ୍ତକରେ କରିବାକୁ ଚେଷ୍ଟା କରୁଅଛୁ, ଯେ ବାକ୍ୟକୁ (ଯାହାକି ଖ୍ରୀଷ୍ଟ ଅଟନ୍ତି) ଆମ ଅନୁସାରେ ଅନୁକୂଳ କରିବାକୁ ଚେଷ୍ଟା କରୁଅଛୁ, ଏହା ପରିବର୍ତ୍ତେ ଯେ ଆମେ ନିଜକୁ ବାକ୍ୟ ଅନୁସାରେ ଅନୁକୂଳ କରିବାକୁ ଚେଷ୍ଟା କରୁଥାନ୍ତୁ। ତାହାହିଁ ପାର୍ଥକ୍ୟ ଅଟେ।

139 ଯେତେବେଳେ ଜଣେ ପୁରୁଷ ଏକ ନିର୍ଦ୍ଦିଷ୍ଟ ଝିଅକୁ ପରିବାରରୁ ବାଛିଥାଏ, ସେତେବେଳେ ସେ ସୌନ୍ଦର୍ଯ୍ୟ ଉପରେ ନିର୍ଭର କରିବା ଉଚିତ୍ ନୁହେଁ, କାରଣ ସୌନ୍ଦର୍ଯ୍ୟ ପ୍ରତାରଣାଦାୟକ ଅଟେ। ଏବଂ ସୌନ୍ଦର୍ଯ୍ୟ, ଆଧୁନିକ ସାଂସାରିକ ସୁନ୍ଦରତା, ଶୟତାନର ଅଟେ।

"ଓଃ," ମୁଁ କାହାରି ଜଣକାକୁ ସେଠାରେ କହୁଥିବାର ଶୁଣିଲି, "ପ୍ରଚାରକ, ଏଠାରେ ସାବଧାନ ଥାଅ!"

140 ମୁଁ କହୁଛି ଯେ ଏହି ପୃଥିବୀରେ ଥିବା ଏହି ବିଷୟଗୁଡିକ, ଯାହାକୁ ସୁନ୍ଦର ବୋଲି କୁହାଯାଏ, ସଂପୂର୍ଣ୍ଣ ଭାବରେ ଶୟତାନର ଅଟେ। ମୁଁ ଆପଣଙ୍କୁ ଏହା ପ୍ରମାଣ କରିବି। ତାହାପରେ, ଏହି ଟିପ୍ପଣୀକୁ ଦୃଷ୍ଟିରେ ରଖି, ଆସନ୍ତୁ ପରମେଶ୍ୱରଙ୍କ ପବିତ୍ର ବାକ୍ୟକୁ ଖୋଜିବା, ଏହା ଦେଖିବା ପାଇଁ ଯେ ଏହା ଠିକ୍ କି ନୁହେଁ। ଏବଂ ଆପଣମାନଙ୍କ ମଧ୍ୟରୁ କେତେକ ମହିଳା ଅତି ସୁନ୍ଦର ହେବାକୁ ଚାହାଁନ୍ତି! ଦେଖନ୍ତୁ ଯେ ଏହା କେଉଁଠାରୁ ଆସିଥାଏ। ଆରମ୍ଭରେ,

ଆମେ ପାଉ ଯେ ଶୟତାନ ଏତେ ସୁନ୍ଦର ଥିଲା ଯେ ଏପରିକି ସେ ଦୂତମାନଙ୍କୁ ପ୍ରତାରିତ କରିଥିଲା । ଏବଂ ସେ ସମସ୍ତଙ୍କ ମଧ୍ୟରେ ସବୁଠାରୁ ସୁନ୍ଦର ଦୂତ ଥିଲା । ଏହା ଦର୍ଶାଏ ଯେ, ଏହା ଶୟତାନଠାରେ ରହିଅଛି । ହିତୋପଦେଶ ବ୍ୟକ୍ତ କରେ, ଶଲୋମନ କହିଲେ, "ସୌନ୍ଦର୍ଯ୍ୟ ବୃଥା ।" ତାହା ଠିକ୍ । ପାପ ସୁନ୍ଦର ଅଟେ । ନିଶ୍ଚିତରେ, ଏହା ଅଟେ । ଏହା ଆକର୍ଷକ ଅଟେ ।

141 ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ, ଏବଂ ଏଠାରେ ଆପଣଙ୍କୁ କିଛି କହିବାକୁ ଚାହେଁ । ମୁଁ ଚାହେଁ ଯେ, ଆପଣ କିଛି ମିନିଟ୍ ଧ୍ୟାନ ଦିଅନ୍ତୁ । ଜଗତର ସମସ୍ତ ପକ୍ଷୀ, ପଶୁ, ପ୍ରଜାତିମାନଙ୍କ ମଧ୍ୟରୁ, ଆମେ ପାଉ ଯେ ପଶୁ ଜୀବନରେ, ମାନବ ବ୍ୟତୀତ, ଏହା ଅଣ୍ଡିରା ଅଟେ ଯାହାକି ସୁନ୍ଦର ଥାଏ, ଏବଂ ମାଈଟି ନୁହେଁ । ତାହା କାହିଁକି ଅଟେ? ଦେଖନ୍ତୁ...ସେହି ହରିଣକୁ ଦେଖନ୍ତୁ, ସେହି—ସେହି ସୁନ୍ଦର ବଡ଼ ଅଣ୍ଡିରା ହରିଣକୁ ତାହାର ଶିଙ୍ଗ ସହିତ, ଏବଂ ସେହି ଛୋଟ ନମ୍ର ମାଈ ହରିଣକୁ । ସେହି—ସେହି କୁକୁଡ଼ାକୁ ଦେଖନ୍ତୁ, ସେହି ଛୋଟ, ଚିତକାବରା କୁକୁଡ଼ାକୁ ଏବଂ ସେହି ବଡ଼ ସୁନ୍ଦର-ପରଥିବା ଗଞ୍ଜାକୁ । ଅଣ୍ଡିରା ପକ୍ଷୀ ଏବଂ ମାଈ ପକ୍ଷୀକୁ ଦେଖନ୍ତୁ । ସେହି ଅଣ୍ଡିରା ବତକକୁ ଏବଂ ମାଈକୁ ଦେଖନ୍ତୁ । ବୁଝିଲେ? ଆଉ ଦୁନିଆରେ ଏପରି ଗୋଟିଏ ହେଲେ ପ୍ରଜାତି ନାହିଁ, ଯାହାକି ନିର୍ମିତ ଅଟେ, ଯିଏକି ଜଣେ ସ୍ତ୍ରୀଲୋକଙ୍କ ପରି ପ୍ରତାରଣା କରିପାରେ ଓ ଏତେ ତଳକୁ ପତିତ ହୋଇପାରେ ।

142 ତେବେ, ଭଉଣୀ, ଉଠି ବାହାରକୁ ଚାଲିଯାଆନ୍ତୁ ନାହିଁ । ଆମେ ଏହାର ନିଷ୍କର୍ଶ ଶୁଣିବା ପର୍ଯ୍ୟନ୍ତ କେବଳ ଅପେକ୍ଷା କରିଥାଆନ୍ତୁ । ବୁଝିଲେ? ବୁଝିଲେ?

143 କୌଣସି ନୁହେଁ, ଜଣେ ସ୍ତ୍ରୀଲୋକଙ୍କ ବ୍ୟତୀତ ଅନ୍ୟ କୌଣସି ମାଈ ପ୍ରଜାତି, ଅନୈତିକ ହୋଇପାରନ୍ତି ନାହିଁ । ଆପଣ କୁକୁରକୁ "ଏକ ଅପରିଚ୍ଛିନ୍ନା" ବୋଲି ଡାକିଥାନ୍ତି, ଆପଣ ଏକ ଘୁଷୁରୀକୁ "ଏକ—ଏକ ଅପରିଷ୍କାର" ବୋଲି କହିଥାନ୍ତି, ମାତ୍ର, ନୈତିକତା ଦୃଷ୍ଟିରୁ, ସେମାନଙ୍କ ପାଖରେ ଏଠାରେ ରହିଥିବା ଅର୍ଦ୍ଧେକ ଚଳଚ୍ଚିତ୍ର ତାରକାଙ୍କ ଅପେକ୍ଷା ଅଧିକ ନୈତିକତା ରହିଛି । ସେମାନେ ନୈତିକ ବ୍ୟତୀତ ଆଉ ଅନ୍ୟ କିଛି ହୋଇପାରିବେ ନାହିଁ ।

144 ଏବଂ ନାରୀ ହିଁ ସେହି ଜଣକା ଥିଲା ଯିଏକି ବିକୃତତା ହେତୁ, ପରିବର୍ତ୍ତିତ ହୋଇଥିଲା । ତାହା ଠିକ୍ ଅଟେ । ଦେଖନ୍ତୁ ଯେ ସୌନ୍ଦର୍ଯ୍ୟ ତାଙ୍କୁ କେଉଁଠାକୁ ନେଇଯାଏ? ତେବେ, ସେଇଥିପାଇଁ ତ ତାହା, ଆଜି, ଆମେ ପାଉ ଯେ ସ୍ତ୍ରୀଲୋକମାନେ ସୌନ୍ଦର୍ଯ୍ୟରେ ବୃଦ୍ଧି ପାଉଛନ୍ତି । ଆପଣ ପର୍ଲ୍ ବ୍ରାୟନ୍‌କୁ ନିଅନ୍ତୁ, କଅଣ ଆପଣ କେବେ ତାହାର ଚିତ୍ର ଦେଖିଛନ୍ତି? ଆମେରିକାର ସବୁଠୁ ଅତ୍ୟନ୍ତ ସୁନ୍ଦରତମ ବୋଲି ମନେ କରାଯାଏ । ଏପରି କୌଣସି ବିଦ୍ୟାଳୟରୁ ଜଣେ ବି ବିଦ୍ୟାର୍ଥୀ ପିଲା ନ ଥିବ ମାତ୍ର ଯାହାର ପଛ—ପଛ ଭାଗରେ ତାଙ୍କର ଫଟୋଚିତ୍ର ନ ଥିବ । କଅଣ ଆପଣ ଜାଣିଛନ୍ତି କି ଏହାକୁ ସେପରି ହେବାର ଉଚିତ୍ ଥିଲା? କଅଣ ଆପଣ ଜାଣିଛନ୍ତି କି ବାଇବଲ ଏହା ବ୍ୟକ୍ତ କରେ ଯେ ତାହା ସେହିଭଳି ହିଁ ହେବାକୁ ଯାଉଅଛି?

145 କଅଣ ଆପଣ ଜାଣିଛନ୍ତି କି ଯେ ପତ୍ତନ ଆରମ୍ଭରେ ସ୍ତ୍ରୀମାନଙ୍କ ଦ୍ୱାରା ଆସିଥିଲା? ଏବଂ ପତ୍ତନ...ଶେଷଟି ମଧ୍ୟ ସେହି ସମାନ ଭାବରେ ଘଟିବାକୁ ଯାଉଅଛି, ସ୍ତ୍ରୀମାନେ କ୍ଷମତାପନ୍ନ ହେବେ ଏବଂ ପୁରୁଷଙ୍କ ଉପରେ ଶାସନ କରିବେ, ଓ ଇତ୍ୟାଦି। କଅଣ ଆପଣ ଜାଣନ୍ତି ଯେ ଶାସ୍ତ୍ର ତାହା କହେ? ଆପଣ ଜାଣନ୍ତି, ଯେ ସେହି ଦିନ ଯେତେବେଳେ ସେ ପୁରୁଷର ପୋଷାକ ପିନ୍ଧେ ଏବଂ କେଶକୁ କାଟେ, ସେସବୁ ବିଷୟ ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧରେ ଅଟେ। ଆଉ କଅଣ ଆପଣ ଜାଣନ୍ତି ଯେ ସେ ମଣ୍ଡଳୀର ପ୍ରତିନିଧିତ୍ୱ କରେ? ଯେତେବେଳେ ଆପଣ ଦେଖନ୍ତି ଯେ ସ୍ତ୍ରୀଲୋକମାନେ କଅଣ କରୁଛନ୍ତି, ଆପଣ ଦେଖିବେ ଯେ ମଣ୍ଡଳୀ କଅଣ କରୁଅଛି। ତାହା ଅବିକଳ ଠିକ୍ ଅଟେ। ତେବେ, ବର୍ତ୍ତମାନ, ତାହା ସେତିକି ସତ୍ୟ ଅଟେ ଯେତିକି ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ।

146 ଅନ୍ୟ କୌଣସି ମାଈ ପ୍ରଜାତିକୁ ସେପରି ତିଆରି କରା ହୋଇନାହିଁ ଯାହାକି ଜଣେ ସ୍ତ୍ରୀଲୋକ ପରି ସେତିକି ତଳକୁ ଖସି ଯାଇପାରେ। ଆଉ ତଥାପି, ତାହା ମାଧ୍ୟମରୁ, ଏକ ଉତ୍ସର୍ଗୀକୃତ ବଳୀ-...

147 ସେ ମୂଳ ସୃଷ୍ଟିରେ ନ ଥିଲା। ଅନ୍ୟ ସମସ୍ତ ମାଈ ପ୍ରଜାତିମାନେ ମୂଳ ସୃଷ୍ଟିରେ ଅଛନ୍ତି: ପକ୍ଷୀ, ଅଣ୍ଡିରା ଏବଂ ମାଈ; ପଶୁ, ଅଣ୍ଡିରା ଏବଂ ମାଈ। ମାତ୍ର, ମାନବ ଜୀବନରେ, ପରମେଶ୍ୱର କେବଳ ଜଣେ ପୁରୁଷକୁ ସୃଷ୍ଟି କରିଥିଲେ, ଏବଂ ସେ ତାହାଙ୍କଠାରୁ ନେଇଥିଲେ। ଆଉ ଜଣେ ସ୍ତ୍ରୀ ଏକ ପୁରୁଷର ଉପ-ଉତ୍ପାଦ ଅଟେ, କାରଣ ପରମେଶ୍ୱର ଏପରି ବିଷୟକୁ ପ୍ରତିଷ୍ଠା କରିନାହାଁନ୍ତି। ଶାସ୍ତ୍ରଗୁଡ଼ିକୁ ଖୋଜନ୍ତୁ। ଅବିକଳ ଠିକ୍ ଅଟେ। ପରମେଶ୍ୱର, ନା, ଆଜ୍ଞା, ତାହାଙ୍କର ମୂଳ ସୃଷ୍ଟିରେ। ନାରୀକୁ ସେଠାରେ ରଖାଯାଇଥିଲା।

148 ମାତ୍ର ଯଦି ସେ ଆପଣାକୁ ଠିକ୍ ଭାବରେ ତୋଳି ଧରିପାରେ, ତାହାହେଲେ ପୁରୁଷଙ୍କ ଅପେକ୍ଷା ତାହାର କେତେ ଅଧିକ ଏକ ପୁରସ୍କାର ଅଛି। ତାହାକୁ ଏକ ପରୀକ୍ଷଣ କ୍ଷେତ୍ରରେ ରଖାଯାଇଛି। ତାହା ମାଧ୍ୟମରେ ମୃତ୍ୟୁ ଆସିଥିଲା। ସେ ସମସ୍ତ ମୃତ୍ୟୁ ପାଇଁ ଦୋଷୀ। ମାତ୍ର ତାହାପରେ ପରମେଶ୍ୱର ଘୁରିଗଲେ ଏବଂ ଜୀବନକୁ ପୁନର୍ବାର ଫେରାଇ ଆଣିବା ପାଇଁ ଜଣକାକୁ ବ୍ୟବହାର କଲେ; ଜଣେ ଆଜ୍ଞାକାରୀ, ସ୍ତ୍ରୀଲୋକ ଦ୍ୱାରା ତାହାଙ୍କର ପୁତ୍ରକୁ ଆଣିଲେ। ମାତ୍ର ଜଣେ ମନ୍ଦ ସ୍ତ୍ରୀଲୋକ ସେଠାରେ—ସେଠାରେ ରହିଥିବା ସବୁଠାରୁ ଖରାପ ବିଷୟ ଅଟେ; ତାହା ଭଳିଆ ସେତିକି ନିକୃଷ୍ଟ ବିଷୟ ଆଉ କିଛି ହୋଇପାରେ ନାହିଁ।

149 ଶୟତାନର ପୁତ୍ର, କୟିନ, ଭାବିଲା ଯେ ପରମେଶ୍ୱର ସୌନ୍ଦର୍ଯ୍ୟକୁ ଗ୍ରହଣ କରନ୍ତି। ସେ ଆଜି ବି ତାହା କରନ୍ତି। କୟିନ ଶୟତାନର ପୁତ୍ର ଥିଲା। "ଓଃ, ବର୍ତ୍ତମାନ!" ଆପଣ କୁହନ୍ତି। ଆମେ ସେ ବିଷୟରେ ବିସ୍ତୃତ ଭାବରେ ଯିବା ନାହିଁ, ମାତ୍ର ମୋତେ କେବଳ ତାହା ଆପଣମାନଙ୍କ ପାଇଁ ସଳଖ କରିବାକୁ ଦିଅନ୍ତୁ। ବାଇବଲ ବ୍ୟକ୍ତ କରେ ଯେ ସେ "ସେହି ମନ୍ଦରୁ ଉତ୍ପନ୍ନ ଥିଲା।" ତେଣୁ, ତାହା ଏହାକୁ ସମାଧାନ କରେ। ଠିକ୍ ଅଛି। ତେବେ, ସେ ଶୟତାନର ପୁତ୍ର ଥିଲା। ଏବଂ ସେ ଭାବିଲା ଯେ, ଏକ ବେଦୀକୁ ନେଇ ଆସିବା ଏବଂ ପୂଜା

ଅର୍ଚ୍ଚନା ପାଇଁ ଏହାକୁ ପ୍ରକୃତରେ ସୁନ୍ଦର କରି ତୋଳିବା, ତାହାହିଁ ଅଟେ ଯାହାକି ପରମେଶ୍ବର ସମ୍ମାନ କରିବେ।

150 ସେମାନେ ଭାବନ୍ତି, ଆଜି ବି ସେହି ସମାନ କଥା ଭାବନ୍ତି। ନିଶ୍ଚିତ ଭାବରେ। ଏହା, "ଆମେ ଏକ ବିରାଟ ଭବନ ନିର୍ମାଣ କରିବା। ଆମମାନଙ୍କର ବଡ଼ ବଡ଼ ନାମଧାରୀ ସଂସ୍ଥାମାନ ହେବ। ଆମେମାନେ ସବୁଠୁ ବଡ ଭବନ ନିର୍ମାଣ କରିବା ଏବଂ ସର୍ବୋତ୍ତମ-ପୋଷାକଧାରୀ ଲୋକମାନେ ରହିବେ, ସବୁଠାରୁ ସୁସଂସ୍କୃତ ପୁରୋହିତ ରହିବେ।" ବେଳେବେଳେ ପରମେଶ୍ବର ଏହାଠାରୁ ଦଶ ଲକ୍ଷ ମାଇଲ ଦୂରରେ ଥାଆନ୍ତି। ତାହା ଠିକ୍। ତଥାପି, ଏହା ଏକ ମଣ୍ଡଳୀ ଅଟେ।

151 ତେଣୁ, ଯଦି ପରମେଶ୍ବର କେବଳ ଉପାସନା, ନିଷ୍ଠାପରତା, ବଳିଦାନକୁ ସମ୍ମାନ କରନ୍ତି, ତେବେ କୟିନ ମଧ୍ୟ ହେବଲଙ୍କ ପରି ସେତିକି ଧାର୍ମିକ ଥିଲା। ମାତ୍ର ଏହା ତ ପ୍ରକାଶନ ଦ୍ଵାରା ହିଁ ଥିଲା, ଯେ ସେ ବୁଝିଥିଲେ ଯେ ଏହା ସେଉ ନ ଥିଲା ଯାହାକି ତାଙ୍କର ପିତାମାତା ଖାଇଥିଲେ।

152 ମୁଁ ଏଠାରେ କିଛି କହିବାକୁ ଯାଉଛି ଯାହାକି ଜଣେ ସେବକଙ୍କ ପାଇଁ ଭଲ ଶୁଭାଯାଏ ନାହିଁ, ମାତ୍ର ମୁଁ ଏହାକୁ ଯେପରି ଭାବରେ ହେଲେ, କହିବାକୁ ଯାଉଛି। ମୁଁ ଏହି ଅନ୍ୟମାନଙ୍କୁ କିଛି ବିଷୟ କହୁଥିବାର ଶୁଣିଅଛି, ତେଣୁ ମୁଁ...ଛୋଟ ମଜାଳିଆ କଥା କହିବା, ଆଉ ମୋର ଅଭିପ୍ରାୟ ତାହା ନୁହେଁ। ମୁଁ ଏହା କହୁଛି, ତଥାପି, "ଯଦି ସେଉଗୁଡ଼ିକ ଖାଇବା ଦ୍ଵାରା ସ୍ତ୍ରୀଲୋକମାନେ ଏହା ଉପଲବଧି କଲେ ଯେ ସେମାନେ ଉଲଗ୍ନ ଅଟନ୍ତି, ତେବେ ଉତ୍ତମ ହେବ ଯେ ଆମେ ପୁନର୍ବାର ସେଉଗୁଡ଼ିକୁ ବଢେଇ ଦେଉ।" ବୁଝିଲେ? ବୁଝିଲେ? ଉ-ହୁଁ। ଏଥିପାଇଁ ମୋତେ କ୍ଷମା କରନ୍ତୁ, ମାତ୍ର କେବଳ ଏଇଥି ପାଇଁ ଯେ ଏହା ଯେପରି ବଦଳି ଯିବ। ମୁଁ ଆପଣମାନଙ୍କୁ ଏଠାରେ କେନ୍ଦ୍ରିତ କରି ରଖିଦେଇଛି, ଓ ସ୍ତ୍ରୀଲୋକମାନଙ୍କ ବିଷୟରେ, ଏବଂ ପ୍ରଭୃତି ବିଷୟରେ କଥାବାର୍ତ୍ତା କରୁଛି। ପରବର୍ତ୍ତୀ ଆସୁଥିବା ବିଷୟ ପାଇଁ, ମୁଁ—ମୁଁ—ମୁଁ ଆପଣମାନଙ୍କୁ ଗୋଟିଏ ମିନିଟ୍ ଆରାମ ଦେବାକୁ ଚାହୁଁଛି। ତେବେ, ଧ୍ୟାନ ଦିଅନ୍ତୁ, ଆପଣ... ଏହା ସେଉ ନ ଥିଲା। ଆମେ ତାହା ଜାଣୁ।

153 ମଣ୍ଡଳୀଟି ଏହି ଦିନମାନଙ୍କରେ, ନିଜର ସଫଳତା ସହିତ ଏପରି ହୋଇଯାଇଛି, ଯେପରିକି ଅନ୍ୟ ସମସ୍ତ ମନୁଷ୍ୟ-କୃତ ସଫଳତା ଥାଏ, ବୈଜ୍ଞାନିକ ହୋଇଯାଉଅଛି। ସେମାନେ ଚିତ୍ରଗୁଡ଼ିକ ଏବଂ ବିରାଟ ଉଚ୍ଚ ଶୃଙ୍ଗମାନର ଆକର୍ଷଣ ଦ୍ଵାରା, ଏକ ବୈଜ୍ଞାନିକ ଦୃଷ୍ଟିସମ୍ପନ୍ନ ମଣ୍ଡଳୀକୁ ଗଢିବାକୁ ଚେଷ୍ଟା କରୁଛନ୍ତି। ଆଉ ଏହା ଅତ୍ୟନ୍ତ ଖରାପ ଅଟେ ଯେ ପେଣ୍ଟିକଷ୍ଟାଲ୍ ସେହି ପଚାଶଢା ବିଷୟ ମଧ୍ୟକୁ ପ୍ରବେଶ କରିଅଛି। ଆପଣଙ୍କ ପାଇଁ ତ ଏହା ଉତ୍ତମ ହେବ ଯେ ଆପଣ ଏକ ତାରବାଦ୍ୟ ଯନ୍ତ୍ର ସହିତ, ସେହି କୋଣରେ ରହିଥାନ୍ତି, ଏବଂ ପରମେଶ୍ବରଙ୍କ ଆତ୍ମା ଆପଣଙ୍କ ଚତୁର୍ଦ୍ଦିଗରେ ରହିଥାଏ। ମାତ୍ର ଆପଣ ତ ସେହି ଅବଶିଷ୍ଟ ଲୋକମାନଙ୍କ ସହିତ ତୁଳନା କରିବାକୁ ଚେଷ୍ଟା କରୁଛନ୍ତି, କାରଣ ଆପଣ ନାମଧାରୀ

ସଂସ୍ଥାଯୁକ୍ତ। ଏହାହିଁ ଥିଲା ଯାହାକି ତାହା କରିଥିଲା। ବୁଝିଲେ? ମଣ୍ଡଳୀଗୁଡ଼ିକ ବୈଜ୍ଞାନିକ ଦୃଷ୍ଟିସମ୍ପନ୍ନ ହେବାକୁ ଚେଷ୍ଟା କରୁଛନ୍ତି।

154 ଏବଂ ମନେରଖନ୍ତୁ, ମଣିଷ ବିଜ୍ଞାନ ଦ୍ୱାରା ଅଗ୍ରଗତି ହାସଲ କରୁଥିବା ବେଳେ, ସେ ପ୍ରତିଦିନ ନିଜକୁ ହତ କରୁଅଛି। ଯେତେବେଳେ ସେ ବନ୍ଧୁକ ପାଉଡର ଉଦ୍ଭାବନ କଲା, ଦେଖନ୍ତୁ ଏହା କଅଣ ସାଧନ କଲା। ଯେତେବେଳେ ସେ ଏକ ଗାଡ଼ି ଉଦ୍ଭାବନ କଲା, ଏହା ବନ୍ଧୁକ ପାଉଡର ଅପେକ୍ଷା ଅଧିକ ହତ୍ୟା କଲା। ବର୍ତ୍ତମାନ ସେ ନିଜ ପାଖରେ ଏକ ହାଇଡ୍ରୋଜେନ୍ ବୋମା ରଖିଛି। ଆଶ୍ଚର୍ଯ୍ୟ କରେ ଯେ ସେ ତାହା ସହିତ କଅଣ କରିବାକୁ ଯାଉଅଛି? ଠିକ୍।

155 ଆଉ ମଣ୍ଡଳୀ ସହିତ ମଧ୍ୟ ତାହାହିଁ ଅଟେ, ଯେତେବେଳେ ଏହା ବିଜ୍ଞାନ ଦ୍ୱାରା, ମଣିଷ-କୃତ ଯୋଜନା ଦ୍ୱାରା ହାସଲ କରିବାକୁ ଚେଷ୍ଟା କରିଥାଏ, ଏହା ଆପଣଙ୍କୁ ପରମେଶ୍ୱରଙ୍କଠାରୁ ଆହୁରି ଅଧିକ ଦୂରକୁ, ପୁଣି ମୃତ୍ୟୁ ଆଡକୁ ନେଇଯାଉଥାଏ, ଯେତିକି ତାହା ପ୍ରଥମ ସ୍ଥାନରେ ନେଇଥିଲା। ତାହା ଠିକ୍। ଆପଣ ନିଜର ମଣ୍ଡଳୀକୁ ସେପରି ବାଛନ୍ତୁ ନାହିଁ ଯେପରି ଆପଣ ନିଜର ପତ୍ନୀଙ୍କୁ ବାଛିଥିଲେ। ବୁଝିଲେ? ବିଜ୍ଞାନ ତାହା ପାଇଁ ଯାହା କଲା ତାହା ଏକ ଆଶ୍ଚର୍ଯ୍ୟଜନକ ବିଷୟ ଥିଲା, ମାତ୍ର ଉତ୍ତମ ହେବ ଯେ ଆପଣ ତାହାକୁ ନିଜର ମଣ୍ଡଳୀଠାରୁ ଦୂରରେ ରଖନ୍ତୁ; ସେ ରଙ୍ଗ, ପାଉଡର ଏବଂ ଏହି ଅନ୍ୟାନ୍ୟ ଜିନିଷ ତିଆରି କଲା। ତାହାଙ୍କ ବାକ୍ୟର ଚରିତ୍ର ଅନୁଯାୟୀ ବାଛନ୍ତୁ।

156 ତେବେ ଆସନ୍ତୁ ଆଜିର ପ୍ରାକୃତିକ କନ୍ୟାକୁ ଆଜିର ତଥା-କଥିତ ମଣ୍ଡଳୀ କନ୍ୟା ସହିତ ତୁଳନା କରିବା। ଆଜି ବିବାହ କରିବାକୁ ଯାଉଥିବା, ଜଣେ ସ୍ତ୍ରୀଲୋକଙ୍କୁ ତୁଳନା କରନ୍ତୁ।

157 ତେବେ, ଦେଖନ୍ତୁ ଯେ ବିଜ୍ଞାନ ସେହି ସ୍ତ୍ରୀଲୋକ ପାଇଁ କଅଣ କରିଛି। ପ୍ରଥମେ, ସେ ନିଜର କେଶ କାଟି, ବାହାରକୁ ଆସେ, ଦେଖନ୍ତୁ, ଏହି ଜ୍ୟାକଲିନ୍ କେନେଡି କେଶବିନ୍ୟାସ ଶୈଳୀ ମଧ୍ୟରୁ ଗୋଟିଏ ସହିତ, କିମ୍ବା ସେହିପରି କିଛି ସହିତ। ଏବଂ କଅଣ ଆପଣ ଜାଣନ୍ତି ଯେ ବାଇବଲ କଅଣ କୁହେ? ବାଇବଲ ପ୍ରକୃତରେ ଜଣେ ପୁରୁଷକୁ, ଯଦି ସେ ଚାହାଁନ୍ତି, ସେହି ସ୍ତ୍ରୀକୁ ଛାଡପତ୍ରରେ ଛାଡିବାର ଅଧିକାର ଦିଏ, ଯଦି ସେହି ସ୍ତ୍ରୀ ତାହା ସେହିପରି କରେ। "ସେ ଜଣେ ଅପମାନଜନକ ସ୍ତ୍ରୀଲୋକ ଅଟେ, ଯିଏକି ନିଜର କେଶ କାଟିବ।" ବାଇବଲ ତାହା ବ୍ୟକ୍ତ କରେ। ଠିକ୍ ଅଛି। କଅଣ ଆପଣ ଜାଣି ନ ଥିଲେ? ହୁଁ? ଓଃ, ହାଁ! ମୁଁ କାଲିଫର୍ଣିଆରେ ଏହାକୁ ଏତେ ଅଧିକ ପ୍ରଚାର କରିଛି ଯେ ଆପଣ ଯେପରି ଏହାକୁ ଜାଣିବାରୁ ବଞ୍ଚିତ ନ ହୁଅନ୍ତି। ତାହା ଠିକ୍ ଅଟେ। ଓଃ, ହାଁ! ଏହା ମୋହର କଅଣ ଉପକାର କରେ? ଯାହା ବି ହେଉ, ସେମାନେ ତାହା କରନ୍ତି। ଆପଣ ଘୁଷୁରିକୁ ନେଇ ତାହାର ନାମ ପରିବର୍ତ୍ତନ କରି, ତାକୁ ଏକ ମେଷଶାବକ କରିପାରିବେ ନାହିଁ। ଧ୍ୟାନ ଦିଅନ୍ତୁ।

158 ଏହା ପରେ ଆପଣ ମୋତେ ଘୃଣା କରିବାକୁ ଯାଉଛନ୍ତି, ମାତ୍ର ଆପଣ ସତ୍ୟ ଜାଣିବାକୁ ଯାଉଛନ୍ତି। ବୁଝିଲେ?

159 ଦେଖନ୍ତୁ । ଆସନ୍ତୁ ଏହାକୁ ତୁଳନା କରିବା । ଏଠାରେ ସେହି ସ୍ତ୍ରୀଲୋକ ଅତ୍ୟଧିକ ରଙ୍ଗ ବୋଳି ଆସେ, ଏପରି କିଛି ଯାହାକି ସେ ନୁହେଁ, ଏକ ଆଧୁନିକ କନ୍ୟା ଭାବରେ । ତାହାର ମୁହଁ ଧୋଇ ଦିଅନ୍ତୁ, ବୋଧହୁଏ, ସେହି ପୁରୁଷ ତାହାଠାରୁ ଦୌଡ଼ି ପଳାଇବ । ତାହାଠାରୁ ସେହି ସମସ୍ତ ଜିନିଷ କାଢି ନିଅନ୍ତୁ, ଆପଣଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଭୟାକ୍ରାନ୍ତ କରି ପକାଇବ । ଏବଂ ଠିକ୍ ସେହିପରି ସେହି ମଣ୍ଡଳୀଟି ଅଟେ ଯାହାର ସମ୍ମୁଖରେ ଏକ ବଡ଼, ଚିତ୍ରିତ ବିଷୟ ହୋଇଥାଏ, ଏକ ସମ୍ପୂର୍ଣ୍ଣ ଧାର୍ମିକ ଜ୍ଞାନସମ୍ପନ୍ନ ମ୍ୟାକ୍ସ ଫ୍ୟାକ୍ଟର୍ ସୌନ୍ଦର୍ଯ୍ୟ ପ୍ରସାଧନ ସହିତ ଥାଏ । ଉ-ହୁଁ । ଉଭୟ ନିଜ ଉପରେ ଏକ—ଏକ ସୁନ୍ଦର, ନକଲି ଚେହେରା, ମନୁଷ୍ୟ-କୃତ ସୌନ୍ଦର୍ଯ୍ୟ ରଖିଥାନ୍ତି ପୁଣି ପରମେଶ୍ୱର-କୃତ ସୌନ୍ଦର୍ଯ୍ୟ ନୁହେଁ । ଉଭୟଙ୍କଠାରେ ଅଧିକ କିଛି ଚରିତ୍ରର ବିଷୟ ନ ଥାଏ ।

160 ଧ୍ୟାନ ଦିଅନ୍ତୁ, ଠିକ୍ ଶୟତାନ ପରି, ପ୍ରତାରିତ କରିବାକୁ ଯଥେଷ୍ଟ, ତେବେ ଆଧୁନିକ କନ୍ୟାକୁ ତାହା ସହିତ ତୁଳନା କରନ୍ତୁ: ଛୋଟ ଛୋଟ ପେଣ୍ଟ୍ସ ପିନ୍ଧନ୍ତି, ରଙ୍ଗ ପ୍ରସାଧନ ଲଗାନ୍ତି, କେଶ କାଟନ୍ତି, ପୁରୁଷ ପରି ଦେଖାଯାଉଥିବା ପୋଷାକ ପିନ୍ଧନ୍ତି, ଏବଂ ଏପରି ଜଣେ ପାଳକଙ୍କ କଥା ଶୁଣନ୍ତି, ଯିଏକି ତାଙ୍କୁ କୁହେ ଯେ ତାହା ଠିକ୍ ଅଛି । ସେ ଜଣେ ପ୍ରତାରକ ଅଟନ୍ତି । ସେ ଏହା ପାଇଁ ସୁଦୂର ସେହି ଅଞ୍ଚଳରେ ଯନ୍ତ୍ରଣା ଭୋଗିବେ । ତାହା ଠିକ୍ । ପ୍ରତାରଣା ହେତୁ ତାହା କରେ, ଏପରି କିଛି ହେବା ପାଇଁ ଯାହାକି ସେହି ସ୍ତ୍ରୀ ନୁହେଁ ।

161 ମଣ୍ଡଳୀ ମଧ୍ୟ ଠିକ୍ ସେହିଭଳି କରେ, ବଡ଼ ବଡ଼ ଉପାଧିମାନ ଡିଡି., ପିଏଚ.ଡି., ଏଲଏଲ୍.ଡି. ଗ୍ରହଣ କରେ । ତେଣୁ ଆପଣ କୁହନ୍ତି, "ଆମ ପାଳକ ହେଉଛନ୍ତି *ଏହା*, *ତାହା*, ଏବଂ *ଅନ୍ୟ*," ହୋଇପାରେ ଯେ ପରମେଶ୍ୱଙ୍କ ବିଷୟରେ ତାହାଠାରୁ ଅଧିକ ଜାଣନ୍ତି ନାହିଁ ଯେତିକି ଜଣେ ହଟେଣ୍ଟୋଟ୍ ଜନଜାତିର ଲୋକ ମିସରର ରାତି ବିଷୟରେ ଜାଣିଥାଏ । ତାହା ଠିକ୍ । ଠିକ୍ ଅଟେ । ସେଠାରେ କୌଣସି ପରମାର୍ଥିକ ବିଦ୍ୟାଳୟର ଅଭିଜ୍ଞତା ରଖିଥାନ୍ତି, ପୁଣି ପରମେଶ୍ୱରଙ୍କ ବିଷୟରେ କିଛି ହେଲେ ଜାଣି ନ ଥାନ୍ତି ।

162 ଆଧୁନିକ ମଣ୍ଡଳୀ ଏବଂ ସେମାନଙ୍କର ପରମାର୍ଥିକ ରଙ୍ଗ ପ୍ରସାଧନ, ହଁ, ସେମାନଙ୍କର ସ୍ତ୍ରୀଲୋକମାନେ ସମସ୍ତେ ନିଜ ନିଜର ମହିମା ଛେଦନ କରାଯାଇ ଅଛନ୍ତି, ସେମାନଙ୍କର କୌଣସି ରିକି ବାଳୁଙ୍ଗା ଓ ଏକ ପାଳକଙ୍କ ଦ୍ୱାରା ଯାହା ସେମାନେ ପାଇଥାନ୍ତି, ଯେପରିକି ଏକ ଯିଜେବଲ ଥିଲେ ଯଦି ସେପରି କେହି ଜଣେ ଥାଆନ୍ତି । ଛୋଟ କରି କଟାଯାଇଥିବା କେଶ, ଛୋଟ ପେଣ୍ଟ୍ସ, ରଙ୍ଗ ପ୍ରସାଧନ, ସମସ୍ତ କିଛିକୁ ଏକ ପରମାର୍ଥିକ ସ୍ୱାଦରେ ମିଶ୍ରିତ କରାଯାଇଛି, ସେହିପରି ଭାବରେ ହଁ ତ ମଣ୍ଡଳୀ ଛିଡ଼ା ହୋଇଛି । ଠିକ୍ ଅଛି । ମାତ୍ର ତାହାର ଆତ୍ମିକ ଚରିତ୍ର ସେହି ଗୃହିଣୀ ହେବା ବିଷୟଠାରୁ ବହୁତ ଦୂରରେ ଅଟେ ଯାହା ଯୀଶୁ ଖ୍ରୀଷ୍ଟ ଗ୍ରହଣ କରିବାକୁ ଆସୁଛନ୍ତି ।

163 ଯଦି କୌଣସି ଖ୍ରୀଷ୍ଟିଆନ ସେହିଭଳି ଜଣେ ସ୍ତ୍ରୀଲୋକକୁ ବିବାହ କରିବେ, ଏହା ଦର୍ଶାଏ ଯେ ସେ ଅନୁଗ୍ରହରୁ ପତିତ ହୋଇ ଯାଇଅଛି । ପରମେଶ୍ୱର ବିଷୟକ ତାହାଙ୍କର ସ୍ୱାଦ ଏବଂ

ଏକ ଗୃହ ବିଷୟକ ତାହାଙ୍କର ସ୍ୱାଦ, ଯେ ଏକ ଗୃହ କଅଣ ହେବା ଉଚିତ୍, ଏହା ତାହାଠାରୁ ବହୁତ ଦୂରରେ ଅଟେ, ଯେତେବେଳେ ସେ ସେହିଭଳି ଜଣେ ସ୍ତ୍ରୀଲୋକଙ୍କୁ ଚୟନ କରିଥାନ୍ତି। ନା, ଆଜ୍ଞା। ସେ ନିଶ୍ଚିତରେ ଜଣେ ଖ୍ରୀଷ୍ଟିଆନଙ୍କ ସ୍ୱାଦକୁ ଖାପ ଖାଇବ ନାହିଁ। ତାହାର ଆତ୍ମିକ ଚରିତ୍ର ସର୍ବନିମ୍ନ ସ୍ତରର ଅଟେ, ନାମଧାରୀ ସୌନ୍ଦର୍ଯ୍ୟ ଏବଂ ଜଗତର ଅଭିଳାଷରେ, ମୃତ ଅଟେ।

164 ଆଜି ମଣ୍ଡଳୀ ଅବିକଳ ଭାବରେ ଠିକ୍ ସେହିଠାରେ ହିଁ ଛିଡ଼ା ହୋଇଛି, ଏକ ବୈଜ୍ଞାନିକ ମନୁଷ୍ୟ-କୃତ ଧର୍ମ ପାଇଁ, ନିଜର ବାକ୍ୟ-ଦତ୍ତ ଚରିତ୍ରକୁ ଶୟତାନଠାରେ ବିକ୍ରି କରି ଦେଇଛି। ଯେତେବେଳେକି, ପରମେଶ୍ୱରଙ୍କ ଏକ ମଣ୍ଡଳୀ ଭାବରେ, ବାକ୍ୟ ସହିତ ରହିବାକୁ ଏବଂ ଆପଣା ମଧ୍ୟରେ ପବିତ୍ରଆତ୍ମାଙ୍କ କାର୍ଯ୍ୟ କରାଯିବାକୁ, ତାହା ପାଖରେ ସେହି ଅଧିକାର ରହିଥିଲା, ଯେପରିକି ପରମେଶ୍ୱରଙ୍କ ବାକ୍ୟ ଏବଂ ପ୍ରେମ ସହିତ ଶରୀରକୁ ଏକାଠି ଯୋଡ଼ି ରଖାଯାଏ। ତାହା ବଦଳରେ, ସେହି ସ୍ତ୍ରୀଲୋକଟି ଏଷୌ ପରି, ନିଜର ଜନ୍ମସିଦ୍ଧ ଅଧିକାରଗୁଡ଼ିକୁ ବିକ୍ରୟ କରିଦେଲା, ଓ ଏକ ନାମଧାରୀ ସଙ୍ଗଠନକୁ ଗ୍ରହଣ କରି ନେଲା, ତାକୁ ତାହା କରିବାକୁ ଅନୁମତି ଦିଆ ହେଲା, ଯାହା ତାହାର ଇଚ୍ଛା ଥିଲା, ଠିକ୍ ଅଛି, ଠିକ୍ ତାହାର ମାଆ ପରି ଯେପରି କେବଳ ଲୋକପ୍ରିୟ ହୋଇପାରେ ଯେପରିକି ସେ ରୋମ୍‌ର, ନିସିଆରେ କରିଥିଲା। ପରମେଶ୍ୱରଙ୍କ ବାକ୍ୟ!

165 ଓଃ, ଏହା କିପରି ଭାବରେ ଆମର ପେଣ୍ଟିକଷ୍ଟାଲ୍ କ୍ଷେତ୍ରରେ ପ୍ରବେଶ କରିଯାଇଛି! ଏହା ଅତ୍ୟନ୍ତ ଖରାପ ଅଟେ, ମାତ୍ର ଏହା ତାହା କରିଅଛି।

166 ଧ୍ୟାନ ଦିଅନ୍ତୁ, ମାତ୍ର ଗୋଟିଏ ମିନିଟ୍ ପାଇଁ, କ୍ୟାଥୋଲିକ୍ ମଣ୍ଡଳୀରେ ଥିବା ଜଣେ ନନ୍‌କୁ। ସେହି ସ୍ତ୍ରୀଲୋକଟି, ଜଣେ ନନ୍ ହେବା ପାଇଁ, ଏବଂ ସେହି ଶେଷ ଆବରଣକୁ କାଢ଼ି ନେବା ପାଇଁ, ସେ ସଂପୂର୍ଣ୍ଣ ଭାବରେ ସେହି ମଣ୍ଡଳୀଠାରେ ବିକ୍ରୟ ହୋଇଯାଏ। ସେ (ପ୍ରାଣ, ଶରୀର, ଏବଂ ଆତ୍ମା) ସେହି ମଣ୍ଡଳୀର ସମ୍ପତ୍ତି ଅଟେ। ତାହାର ନିଜର କୌଣସି ମନ ନାହିଁ। ସେ ରଖିପାରେ ନାହିଁ, ଯେତେବେଳେ ସେ ସେହି ଶେଷ ଆବରଣକୁ କାଢିନିଏ, ତାହାର ନିଜର କୌଣସି ମନ ନ ଥାଏ, ନିଜର କୌଣସି ଇଚ୍ଛା ନ ଥାଏ। ଏଠାରେ ଦେଖନ୍ତୁ, ଯେ ଶୟତାନ ସେମାନଙ୍କୁ ତାହାର ନକଲି କରିଦିଏ, ଯେପରିକି ସତ୍ୟ ଥାଏ।

167 ଖ୍ରୀଷ୍ଟଙ୍କର ପ୍ରକୃତ ମଣ୍ଡଳୀ, ସେହି କନ୍ୟା, ତାହାଙ୍କ ପ୍ରତି ଏବଂ ତାହାଙ୍କର ପ୍ରତିଜ୍ଞାତ ବାକ୍ୟ ପ୍ରତି ଏତେ ବିକ୍ରୟ ହୋଇଯାଇଛି, ଯେ ଏପରିକି ଖ୍ରୀଷ୍ଟଙ୍କଠାରେ ଥିବା ସେହି ମନ ଠିକ୍ ଆପଣଙ୍କ ଭିତରେ ଅଛି। କି ଏକ ପାର୍ଥକ୍ୟ ଅଟେ!

168 ଏବଂ ଆମେ ଆଜି ପାଉ, ଯେ, ସେହି ଆଧୁନିକ ମଣ୍ଡଳୀ, ଏକ ଆଧୁନିକ ବିଶ୍ୱ ମଣ୍ଡଳୀ, ସେହି ଆଧୁନିକ ବିଶ୍ୱ ମଣ୍ଡଳୀ ଏବଂ ସେହି ଆତ୍ମିକ ମଣ୍ଡଳୀ ମଧ୍ୟ ଉଭୟେ, ପୁତ୍ରମାନଙ୍କୁ ଜନ୍ମ ଦେବା ପାଇଁ ଗର୍ଭବତୀ ଅଟନ୍ତି।

169 ସେମାନଙ୍କ ମଧ୍ୟରୁ ଜଣେ, ଏକ ନାମଧାରୀଗତ ଜନ୍ମ, ଦେବାକୁ ଯାଉଅଛି, ଏକ... ଦିନ ମଧ୍ୟରୁ, ଏହି ଦିନଗୁଡିକ...ରେ, ବିଶ୍ୱ ଗୀର୍ଜା ପରିଷଦଠାରେ, ଯାହାକି ଏକ ନାମଧାରୀ ସଙ୍ଗଠନ ମାଧ୍ୟମରେ, ବିଶ୍ୱ ପ୍ରତି ସେହି ଖ୍ରୀଷ୍ଟାରିକୁ ଉତ୍ପନ୍ନ କରିବ। ତାହା ଅବିକଳ ସତ୍ୟ ଅଟେ। ମୁଁ ଏହାକୁ ଦେଖିବା ପାଇଁ ଜୀବିତ ନ ଥାଇପାରେ। ମୁଁ ବିଶ୍ୱାସ କରେ ଯେ ମୁଁ ଥିବି। ମାତ୍ର, ତୁମେ ଯୁବା ଲୋକମାନେ, ମନେରଖ ଯେ ତୁମେ ଜଣେ ସେବକଙ୍କୁ ତାହା କହୁଥିବାର ଶୁଣିଅଛ। ତାହା ଶେଷରେ ସେଥିରେ ସମାୟୋଜିତ ହେବ। ଏବଂ ତାହା ହେଉଛି ସେହି ପଶୁର ଚିହ୍ନ, ଯେତେବେଳେ ସେ ସେହି ବିଶ୍ୱ ଗୀର୍ଜା ପରିଷଦକୁ ଗଠନ କରିବ। ଏବଂ ସେ ତାହାର ପୁତ୍ର, ଖ୍ରୀଷ୍ଟାରିକୁ ଜନ୍ମ ଦେବ।

170 ଅନ୍ୟ ଜଣଟି ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଗର୍ଭବତୀ ଅଟେ ଏବଂ ସେହି ଶରୀରକୁ, ଯୀଶୁ ଖ୍ରୀଷ୍ଟଙ୍କର ସେହି ପରିସମାପ୍ତ ଶରୀରକୁ ଯାହାକି କନ୍ୟା ଅଟେ, ନେଇକରି ଆସିବ। ଖ୍ରୀଷ୍ଟଙ୍କ ଶରୀର ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ। କେତେ ଜଣ ତାହା ଜାଣନ୍ତି? ଜଣେ ପୁରୁଷ ଏବଂ ସ୍ତ୍ରୀ ଏକ ଅଟନ୍ତି। ଆଉ ଖ୍ରୀଷ୍ଟ ଏକ ଶରୀର, ସେହି ବାକ୍ୟ ଅଟନ୍ତି। ସେହି କନ୍ୟାକୁ ସେହି ଅବଶିଷ୍ଟ ଶରୀର ହେବାକୁ ପଡିବ। ଏବଂ ସେହି ଦୁଇଜଣ, ଏକତ୍ର, ପୁନର୍ବାର ଏକ ଶରୀରକୁ ତିଆରି କରିବେ। ଯେପରିକି ଆଦମ ଆରମ୍ଭରେ ଥିଲେ: ପୁରୁଷ, ତାଙ୍କ ସ୍ତ୍ରୀ, ଏକ ଥିଲେ। ବର୍ତ୍ତମାନ, ସେ, ସେହି ପ୍ରକୃତ କନ୍ୟା, ଖ୍ରୀଷ୍ଟଙ୍କ ପ୍ରତି ଏପରି ଭାବରେ ବିକ୍ରୟ ହୋଇଯାଇଅଛି, ଯେ ସେ ନିଜର କୌଣସି ମନ ବ୍ୟବହାର କରେ ନାହିଁ। ଖ୍ରୀଷ୍ଟଙ୍କର ମନ, ଅବଶ୍ୟ, ତାହାଙ୍କର ଇଚ୍ଛା ଅଟେ, ଏବଂ ତାହାଙ୍କର ଇଚ୍ଛା ହେଉଛି ତାହାଙ୍କର ବାକ୍ୟ।

171 ତେବେ ମନୁଷ୍ୟ ଦ୍ୱାରା ମନୋନୀତ ତଥା-କଥିତ ସେହି କନ୍ୟାକୁ ଦେଖନ୍ତୁ, ଏବଂ ସେହି ଆତ୍ମିକକୁ ଆଜିର ପ୍ରାକୃତିକ ସହିତ ତୁଳନା କରନ୍ତୁ, ଏକ ଆଧୁନିକ ଯିଜେବଲ୍ ତାହାର ଆହାବ୍, ମ୍ୟାକ୍ସ ଫ୍ୟାକ୍ଟର୍ ସୌନ୍ଦର୍ଯ୍ୟ ପ୍ରସାଧନ, ସବୁକିଛି ଦ୍ୱାରା ମନ୍ତ୍ରମୁଗ୍ଧ ଅଟେ। ଠିକ୍ ସେହି ସମାନ ପ୍ରକାରେ, ମଣ୍ଡଳୀକୁ ଦେଖନ୍ତୁ, ମାତ୍ର ଯିଏକି ଜୀବନ୍ତ ପରମେଶ୍ୱରଙ୍କ ବାକ୍ୟ ପ୍ରତି ଜଣେ ବେଶ୍ୟା ଅଟେ; ବଡ଼ ନାମଧାରୀ ସଂସ୍ଥାମାନ, ବଡ଼ ଭବନମାନ, ବହୁଳ ଟଙ୍କା, ବଡ଼ ଦରମା, ସବୁକିଛି ବିକ୍ରିରେ ହୋଇଯାଇଛି। ପ୍ରଚାର ମଞ୍ଚ ଉପରେ ଛିଡ଼ା ହୋଇ ପୁରୁଷମାନେ ଏହା ଠିକ୍ ବୋଲି ସମର୍ଥନ କରୁଛନ୍ତି, ଏବଂ ସେମାନଙ୍କୁ ଏହା ସହିତ ବଞ୍ଚିତ ହୋଇଯିବାକୁ ଅନୁମତି ଦେଉଛନ୍ତି। କେବଳ ପ୍ରତାରଣା, ତାହାହିଁ ସବୁକିଛି ଅଟେ। ପ୍ରକୃତରେ ଏକ ଅନ୍ଧ ଲାଅଦିକୀଆ ମଣ୍ଡଳୀ ଯୁଗ, ଠିକ୍ ଅବିକଳ ଭାବେ ବାଇବଲ ଯେପରି କହେ ଯେ ସେ ତାହା ହେବ। "କୁହେ, 'ମୁଁ ଧନୀ। ମୁଁ ରାଣୀ ଭାବରେ ବିରାଜିତ। ମୋର କିଛି ଅଭାବ ନାହିଁ।' ଏବଂ ତୁମେ ଜାଣ ନାହିଁ ଯେ ତୁମେ ଦରିଦ୍ର, ଦୁର୍ଭାଗା, ଅନ୍ଧ, ଦୀନହୀନ, ଉଲଙ୍ଗ: ଏବଂ ଏହା ଜାଣ ନାହିଁ।" ଯଦି ତାହା ପ୍ରକାଶିତ ବାକ୍ୟ ୩ର, **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ନୁହେଁ, ତେବେ ମୁଁ ଏହାକୁ କେବେବି ପାଠ କରି ନାହିଁ। ତାହାହିଁ ହେଉଛି ସେ, ଏବଂ ଏହା ଜାଣେ ନାହିଁ! ଏହା ବିଷୟରେ ଚିନ୍ତା କରନ୍ତୁ।

172 ଯଦି ଆପଣ ରାସ୍ତାରେ, ଜଣେ ପୁରୁଷ କିମ୍ବା ସ୍ତ୍ରୀଲୋକଙ୍କୁ କହିବେ, ଯିଏକି ସମ୍ପୂର୍ଣ୍ଣ ଉଲଗ୍ନ ଥାଆନ୍ତି, ଏବଂ ସେମାନଙ୍କୁ କହିବେ ଯେ ସେମାନେ ଉଲଗ୍ନ ଅଟନ୍ତି, ଆଉ ସେମାନେ କହନ୍ତି,

"ତୁମେ ତୁମର କାମପ୍ରତି ଧ୍ୟାନ ଦିଅ," କାହିଁକି, ସେଠାରେ ତ କୌଣସିଠାରେ ଏକ ମାନସିକ ଅଭାବ ରହିଛି । ସେମାନଙ୍କ ମସ୍ତିଷ୍କ ସହିତରେ କିଛି ଗୋଟାଏ ଭୁଲ ଅଛି ।

173 ଏବଂ ଯେତେବେଳେ ଆପଣ ପରମେଶ୍ୱରଙ୍କ ବାକ୍ୟ ପାଠ କରିପାରନ୍ତି, ଯେ ଲୋକମାନେ କିପରି ବ୍ୟବହାର କରିବା ଉଚିତ୍, ଏବଂ ଏହି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଯାହା ଆଜି ଆମ ପାଖରେ ଅଛି, ଏବଂ, ଲୋକମାନେ, କାହିଁକି, ସେମାନେ ଆପଣଙ୍କୁ ଏପରି ଅନାନ୍ତି ଯେପରିକି ଆପଣ ପାଗଳ ଅଟନ୍ତି । ଆପଣ ସେମାନଙ୍କୁ କୁହନ୍ତୁ: "ଆପଣଙ୍କୁ କରିବାକୁ ଅଛି…" ସେମାନଙ୍କୁ ନୂତନ ଜନ୍ମ ନେବାକୁ ଅଛି । ସେମାନଙ୍କୁ ବାଇବଲରେ ବିଶ୍ୱାସ କରିବାକୁ ଅଛି ।

174 ସେମାନେ କୁହନ୍ତି, "ଅନେକ ବର୍ଷ ଯାଏଁ, ଏହା ଏକ ଯିହୁଦୀ କାହାଣୀ ଥିଲା । ଆମ ମଣ୍ଡଳୀର ଉପାୟ ଅଛି ।" ଦୁର୍ଭାଗା, ଦୀନହୀନ, ଅନ୍ଧ, ଉଲଙ୍ଗ, ଏବଂ ଜାଣ ସୁଦ୍ଧା ନାହିଁ । କି ଏକ…ଆଉ ବାଇବଲ କୁହେ ଯେ ସେମାନେ ସେହି ଅବସ୍ଥାକୁ ଆସିବେ ।

ଜଣେ ପ୍ରକୃତ ଭବିଷ୍ୟଦ୍‌ବକ୍ତା ଏହାକୁ ଦେଖିବାରେ କିପରି ବିଫଳ ହେବେ? ମୁଁ ଜାଣେ ନାହିଁ ।

175 ଆମର ସମସ୍ତ ମଣ୍ଡଳୀଗୁଡିକରେ, ସବୁଆଡେ ମାଡି ଯାଉଅଛି । କେବଳ ତାହାକୁ ଅନାନ୍ତୁ, ଆଧୁନିକ ଧାରାରେ ରହିଛି । ପ୍ରକାଶିତ ବାକ୍ୟ 17ର "ସେହି ବୃଦ୍ଧ ବେଶ୍ୟା ଏବଂ କନ୍ୟାମାନେ," ସେହି "ଦରିଦ୍ର, ଅନ୍ଧ, ଦୁର୍ଭାଗା" ଲୋକମାନଙ୍କୁ ପରମେଶ୍ୱରଙ୍କ ବାକ୍ୟର ବିପରୀତରେ ତାହାର ନିଜର ପରମାର୍ଥିକ ଶିକ୍ଷାକୁ ଦେଉଥାଆନ୍ତି । "ଏବଂ ସେମାନେ ତାହାଠାରେ ଦାସମାନଙ୍କର ପ୍ରାଣଗୁଡ଼ିକ ପାଇଲେ, ପୁଣି ସବୁଆଡ଼ର—ର ପୁରୁଷ ଏବଂ ସ୍ତ୍ରୀମାନଙ୍କୁ ପାଇଲେ ।" ଲୋକମାନଙ୍କୁ ଆକର୍ଷିତ କରିବା ପରିବର୍ତ୍ତେ…

176 ଖ୍ରୀଷ୍ଟ ତାହାଙ୍କର ବାକ୍ୟକୁ ସୁପ୍ରମାଣିତ କରନ୍ତି, ଯାହାକି ଲୋକମାନଙ୍କୁ ଆକର୍ଷିତ କରିଥାଏ । ସେ ମଣ୍ଡଳୀଗୁଡ଼ିକରେ ଲୋକମାନଙ୍କୁ ଆକର୍ଷିତ କରନ୍ତି ନାହିଁ ଯେଉଁମାନେକି ବଡ଼ ଧରଣର ନାମଧାରୀ ସଂସ୍ଥା ଏବଂ ବଡ଼ ବଡ଼ କାର୍ଯ୍ୟ ଦ୍ୱାରା ଆକର୍ଷିତ ହୋଇଥାଆନ୍ତି, ଏବଂ ବଡ଼ ବଡ଼ ବିଷୟଗୁଡିକ ଏବଂ ଦେଖାଣିଆ ବିଷୟଗୁଡିକ ସାଧନ କରନ୍ତି । ମାତ୍ର ପରମେଶ୍ୱରଙ୍କ ବାକ୍ୟ ଖ୍ରୀଷ୍ଟଙ୍କ କନ୍ୟାକୁ ଆକର୍ଷିତ କରେ ।

177 ତେବେ ଧ୍ୟାନ ଦିଅନ୍ତୁ । ଏହା ଧ୍ୟାନ କରିବା—ବା କୌତୁହଳପ୍ରଦ ବିଷୟ ଅଟେ ଯେ—ଯେ କିପରି ସେହି ମଣ୍ଡଳୀ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥାଏ ସୂକ୍ଷ୍ମ ପୋଷାକମାନ ଏବଂ ଉତ୍ତମ ପୋଷାକ ପରିଧାନ କରିଥିବା ଗାୟନ ସମୂହ ଦ୍ୱାରା, ଏବଂ ଛୋଟ-କେଶ ବିଶିଷ୍ଟ ମହିଳାମାନ ଓ ରଙ୍ଗ ପ୍ରସାଧନ ଲଗାଇଥିବା ଚେହେରାଗୁଡ଼ିକ ଦ୍ୱାରା । ଆଉ ସେମାନେ ଭାବନ୍ତି…ଏବଂ ଏହା ଏକ ସ୍ୱର୍ଗଦୂତ ପରି ଗୀତ ଗାଇଲା । ଶୟତାନ ପରି ମିଛ କୁହେ, ରାତିସାରା ଏକ ନୃତ୍ୟକୁ ଦୌଡିଥାଏ ଯେପରିକି, ଏହା ବିଷୟରେ କିଛି ହେଲେ ଭାବେ ନାହିଁ । ଏବଂ ତାହାହିଁ ଅଟେ ଯାହା ସେମାନେ ଭାବନ୍ତି, "ଏହା ଠିକ୍ ଅଛି । ତାହା ବହୁତ

ସୁନ୍ଦର ଅଟେ।" ମାତ୍ର, ଆପଣ ଦେଖନ୍ତୁ, ତାହା ମିଥ୍ୟା-କୃତ ଅଟେ। ତାହା ପରମେଶ୍ୱରଙ୍କ ବାକ୍ୟ ନୁହେଁ।

178 ଯେତେବେଳେକି, ପ୍ରକୃତ କନ୍ୟା ପରମେଶ୍ୱରଙ୍କ ବାକ୍ୟ ପାଳନ କରିବା ଦ୍ୱାରା, ତାହାଙ୍କର ଦୃଷ୍ଟିକୁ ଆକର୍ଷଣ କରିଥାଏ। ବର୍ତ୍ତମାନ ଧ୍ୟାନ ଦିଅନ୍ତୁ। ତେବେ ଆସନ୍ତୁ ଖ୍ରୀଷ୍ଟଙ୍କୁ ଧ୍ୟାନ କରିବା।

179 ଆପଣ କୁହନ୍ତି, "ଆଚ୍ଛା, ତେବେ, ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ, ଏହି ସୌନ୍ଦର୍ଯ୍ୟ ବିଷୟରେ କଅଣ ଯାହା ଆପଣ କହୁଅଛନ୍ତି?"

180 ବାଇବଲ, ଯିଶାଇୟ 53:2 ରେ ବ୍ୟକ୍ତ କରେ, ଯେ, ଯେତେବେଳେ ଯୀଶୁ ଆସିବେ, "ତାହାଙ୍କୁ ଦେଖିଲେ ଆମ୍ଭେମାନେ ଯେ ଶ୍ରଦ୍ଧା କରିବା, ତାହାଙ୍କର ଏପରି ସୌନ୍ଦର୍ଯ୍ୟ ନାହିଁ।" କଅଣ ତାହା ଠିକ୍? କୌଣସି ସୌନ୍ଦର୍ଯ୍ୟ ନାହିଁ। ଯଦି ସେ ଶୟତାନ ପରି, ସାଂସାରିକ ସୌନ୍ଦର୍ଯ୍ୟରେ ଆସିଥାନ୍ତେ, ଲୋକମାନେ ତାଙ୍କର ଚାରିପାଖରେ ଦୌଡ଼ିଥାନ୍ତେ ଏବଂ ତାହାଙ୍କୁ ଗ୍ରହଣ କରିଥାନ୍ତେ ଯେପରିକି ସେମାନେ ଆଜି ମଣ୍ଡଳୀରେ କରନ୍ତି। ସେମାନେ ତାହାଙ୍କୁ ବିଶ୍ୱାସ କରିଥାନ୍ତେ, ତାହାଙ୍କୁ ଗ୍ରହଣ କରିଥାନ୍ତେ, ଯେପରି ସେମାନେ ଆଜି ଶୟତାନକୁ କରନ୍ତି। ନିଶ୍ଚିତ ଭାବରେ, ସେମାନେ କରନ୍ତି। କିନ୍ତୁ ସେ ସେହି ପ୍ରକାରର କୌଣସି ସୌନ୍ଦର୍ଯ୍ୟରେ ଆସିଲେ ନାହିଁ, ମାତ୍ର ସେ ସର୍ବଦା ଚରିତ୍ରର ସୌନ୍ଦର୍ଯ୍ୟରେ ଆସିଥାନ୍ତି। ସେଠାରେ, ଖ୍ରୀଷ୍ଟ ଜଣେ ସୁନ୍ଦର, ମହାନ, ଶକ୍ତିଶାଳୀ, ମଜବୁତ ମନୁଷ୍ୟ ନ ଥିଲେ। ପରମେଶ୍ୱର ସେହି ପ୍ରକାରକୁ ଚୟନ କରନ୍ତି ନାହିଁ।

181 ମୋର ମନେ ଅଛି ଥରେ ଜଣେ ଭବିଷ୍ୟଦ୍‌ବକ୍ତା ଏକ ରାଜା ଗ୍ରହଣ କରିବାକୁ—କୁ ଯାଇଥିଲେ, ଅନ୍ୟ ଜଣେ ରାଜା, ଶାଉଲଙ୍କର ସ୍ଥାନ ନେବା ପାଇଁ, ଯିଶୀଙ୍କ ପୁତ୍ରରୁ ଜଣେ ରାଜା କରିବାକୁ ଯାଇଥିଲେ। ଆଉ ତେଣୁ ଯିଶୀ ତାଙ୍କ ନିକଟକୁ ବାହାରକୁ, ନିଜର ବଡ଼, ବିରାଟ, ସୁନ୍ଦର ପୁଅକୁ ଆଣିଲେ। ସେ କହିଲେ, "ମୁକୁଟଟି ତାହାଙ୍କ ମସ୍ତକରେ, ଠିକ୍ ଦେଖାଯିବ।"

182 ଭବିଷ୍ୟଦ୍‌ବକ୍ତା ତାଙ୍କ ଉପରେ ତେଲ ଢାଳିବାକୁ ଗଲେ। ସେ କହିଲେ, "ପରମେଶ୍ୱର ତାହାକୁ ଅଗ୍ରାହ୍ୟ କରି ଦେଇଛନ୍ତି।" ଏବଂ ସେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଅଗ୍ରାହ୍ୟ କରିଦେଲେ, ଯେପର୍ଯ୍ୟନ୍ତକି ସେ ଏକ ଛୋଟ, କାନ୍ଧ-ସମ୍ମୁଖକୁ ଝୁଲୁଥିବା, ଈଷତ୍ ରକ୍ତବର୍ଣ୍ଣ-ଦେଖାଯାଉଥିବା ବାଳକ ନିକଟକୁ ଆସିଲେ। ଏବଂ ସେ ତାହାଙ୍କ ଉପରେ ତେଲ ଢାଳିଲେ, ଆଉ ସେ କହିଲେ, "ପରମେଶ୍ୱର ତାହାଙ୍କୁ ମନୋନୀତ କରିଛନ୍ତି।" ବୁଝିଲେ? ଆମେ ଦେଖିବା ଦ୍ୱାରା ବାଛିଥାଉ। ପରମେଶ୍ୱର ଚରିତ୍ର ଦ୍ୱାରା ବାଛନ୍ତି।

183 ଚରିତ୍ର, ଯୀଶୁ ଖ୍ରୀଷ୍ଟଙ୍କ ପରି ଏକ ଚରିତ୍ର କେବେ ହେଁ ନ ଥିଲା। ଏହା ଆପଣଙ୍କ ଭିତରେ ବାସ କରେ ଏବଂ ତାହାଙ୍କୁ ପ୍ରକଟିତ କରେ। ଆମେ ଦେଖୁ ଯେ ଏହା ସତ୍ୟ ଅଟେ। ଏହା ତାହାଙ୍କର ସାଂସାରିକ ସୌନ୍ଦର୍ଯ୍ୟ ନୁହେଁ ଯାହା ତାଙ୍କର କନ୍ୟାକୁ ଆକର୍ଷିତ କରିଥାଏ। ଏହା ତ ତାହାଙ୍କର ଚରିତ୍ର ଅଟେ, ମଣ୍ଡଳୀର ଚରିତ୍ର ଅଟେ, ଯାହାକି ଯୀଶୁ ଖୋଜନ୍ତି; ସେହିଠାରେ ନୁହେଁ

ଯେଉଁଠାରେକି ଏହା ବଡ଼ ବଡ଼ ଭବନମାନ ଅଟେ, ଯେଉଁଠାରେକି ଏହା ମହାନ ନାମଧାରୀ ସଂସ୍ଥାମାନ ଅଟେ, ଯେଉଁଠାରେକି ଏହା ବଡ଼ ସଦସ୍ୟତା ଅଟେ। ଯେଉଁଠାରେ ଦୁଇ କିମ୍ବା ତିନିଜଣ ଏକାଠି ହେବେ ସେଠାରେ ସାକ୍ଷାତ କରିବାକୁ ସେ ପ୍ରତିଶୃତି ଦେଇଛନ୍ତି। ପ୍ରକୃତରେ। ସେହିଠାରେ ହିଁ ଅଟେ ଯେଉଁଠାରେକି ପ୍ରକୃତ ବିଶ୍ୱାସୀ ନିଜର ଆଶାକୁ ରଖେ, ତାହା ହେଉଛି ପରମେଶ୍ୱରଙ୍କ ବାକ୍ୟ ଉପରେ ଯାହାକି ସତ୍ୟ ବୋଲି ସୁପ୍ରମାଣିତ ହେଉଥାଏ, ଯାହାକି ତାହା ଅଟେ। ତାହାଙ୍କର ବାକ୍ୟ ଦ୍ୱାରା ଚୟନ କରନ୍ତୁ, ଏକ ସାଂସାରିକ-ପ୍ରେମୀ ଦଳ ଦ୍ୱାରା ନୁହେଁ। ସେମାନେ ତାହା ଘୃଣା କରନ୍ତି।

184 ଏଥିରେ ଆଶ୍ଚର୍ଯ୍ୟ ନୁହେଁ ଯେ ସେ ତାହାଙ୍କଠାରୁ ଛାଡପତ୍ର ହୋଇଛି, କାରଣ ସେ ତାହାଙ୍କର ପ୍ରକାଶନକୁ ହରାଇଅଛି, ଏବଂ ଏହା ତାହା ପାଖରେ ନାହିଁ। ସେ ତାହା ପାଇଁ ଚିନ୍ତା କରନ୍ତି ନାହିଁ, ଯେପରି ଭାବରେ ସେ ଆଚରଣ କରେ ଓ ବ୍ୟବହାର କରେ, ଏବଂ ତାହା ପାଖରେ ଏହି ସାଂସାରିକ ବସ୍ତୁ କେତେ ଅଧିକ ଭାବରେ ରହିଥାଏ।

185 ସେ ତାହାର ଚରିତ୍ରକୁ, ଖ୍ରୀଷ୍ଟଙ୍କ ଚରିତ୍ରକୁ ଖୋଜନ୍ତି। ତେବେ, ବର୍ତ୍ତମାନ ଗୋଟିଏ ମୁହୂର୍ତ୍ତ ରୁହନ୍ତୁ। ଏହାହିଁ ତାହା ଅଟେ। ସେ ତାହାଙ୍କର ଚରିତ୍ରକୁ ପ୍ରତିଫଳିତ କରିବା ପାଇଁ ଏକ କନ୍ୟାକୁ ବାଛନ୍ତି, ଯାହାକୁ ଆଜିର ଆଧୁନିକ ମଣ୍ଡଳୀଗୁଡ଼ିକ ନିଶ୍ଚିତ ଭାବରେ ତାହାଙ୍କର—ତାହାଙ୍କର କାର୍ଯ୍ୟକ୍ରମକୁ ଏଠାରେ, ଲକ୍ଷେ ଲକ୍ଷେ ମାଇଲ୍ ବାଟରୁ ହରାଇଥାନ୍ତି, 'କାରଣ ସେମାନେ *ଏହାକୁ* ସତ୍ୟ ବୋଲି ଅସ୍ୱୀକାର କରନ୍ତି। ତେବେ ଏହା କିପରି ହୋଇପାରେ? ତେବେ, ସେ ସେହି ଦିନର ଅପେକ୍ଷା କରୁଛନ୍ତି ଯେବେ ସେହି କନ୍ୟା ଗଠିତ ହେବ, ଏବ୍ରୀ 13:8, ଠିକ୍ ସେପରିକି ତାହା ଥିଲା, ଯେପରିକି ସେ ଥିଲେ। ଏହାକୁ ତ ତାହାଙ୍କର ସମାନ ମାଂସ, ସମାନ ଅସ୍ଥି, ସମାନ ଆତ୍ମା, ସବୁକିଛି ସମାନ ହେବାକୁ ଅଛି, ଠିକ୍ ସମାନ ଭାବରେ ନିର୍ମାଣ ହୋଇଥିବ, ଏବଂ ତାହାପରେ ସେହି ଦୁଇଜଣ ଏକ ହୋଇଯିବେ। ଯେପର୍ଯ୍ୟନ୍ତ ମଣ୍ଡଳୀ ତାହା ନ ହୁଏ, ସେମାନେ ଏକ ନୁହଁନ୍ତି। ତାହାଙ୍କର ସେହି ଚରିତ୍ର, ସେହି ବାକ୍ୟ, ଏହି ଯୁଗ ପାଇଁ, ନିଶ୍ଚିତ ଭାବରେ ଗଢାଯିବା ଆବଶ୍ୟକ। ଖ୍ରୀଷ୍ଟ ଯେପରି ଅଟନ୍ତି ତାହାକୁ ମଧ୍ୟ ସେପରି ଗଢା ହେବା ଆବଶ୍ୟକ।

186 ତେବେ, ସମାପ୍ତ କରିବା ସମୟରେ, ମୁଁ ସେହି କାରଣ କହିବାକୁ ଚାହେଁ ଯେହେତୁରୁ ମୁଁ ଏହିସବୁ ବିଷୟ କହିଲି, ଏବଂ ମୁଁ କରିବି—ମୁଁ ସମାପ୍ତ କରିବି। ଅନ୍ୟ ଏକ ରାତ୍ରିରେ, ସକାଳର ପ୍ରାୟଃ ତିନିଟା ବେଳେ, ମୁଁ ଉଠି ପଡ଼ିଲି।

187 ଏହାର ଉତ୍ତର ଦେବା ପାଇଁ ମୁଁ ଆପଣମାନଙ୍କ ମଧ୍ୟରୁ କାହାରିକୁ ବି ନେଉଅଛି। କଅଣ ମୁଁ କେବେ ଆପଣଙ୍କୁ ପ୍ରଭୁଙ୍କ ନାମରେ ଏପରି କିଛି କହିଛି ଯାହାକି ସତ୍ୟ ଛଡା ଆଉ କିଛି ଥିଲା? ଏହା ସର୍ବଦା ଠିକ୍ ହିଁ ହୋଇଛି। ତେଣୁ ମୋତେ ସାହାଯ୍ୟ କରନ୍ତୁ, ପରମେଶ୍ୱର ଜାଣନ୍ତି ଯେ ଏହା ସତ ଅଟେ। ଜଗତରେ କେଉଁଠାରେ ହେଲେ, ଏପରି କେହି ନାହାଁନ୍ତି, ଯିଏକି ଏପରି

ହଜାର କଥା ଯାହାକି କୁହାଯାଇଅଛି, ଯେ କେବେବି ଏହାର ଗୋଟିଏ ସୁଦ୍ଧା ଶବ୍ଦ ସଫଳ ହେବାରୁ ସେ ବିଫଳ ହୋଇଥିବେ । ଏହା ସର୍ବଦା ସିଦ୍ଧ ରୂପେ ଘଟିଅଛି ।

188 ଏପରିକି ଯେତେବେଳେ ମୁଁ ଫିନିକ୍ସରେ ଥିଲି, ଅନ୍ୟ ଏକ ଦିନ, କିମ୍ବା ପ୍ରାୟଃ ଏକ ବର୍ଷ ପୂର୍ବେ ଏହା ହୋଇଥିଲା, ଏବଂ ଆପଣମାନଙ୍କୁ ସେହି ବାର୍ତ୍ତା ବିଷୟରେ—ରେ କହିଥିଲି *ମହାଶୟ, ଏହା କେଉଁ ସମୟ ଅଟେ?* ଏବଂ ଆପଣଙ୍କୁ କହିଥିଲି, "ସାତୋଟି ସ୍ୱର୍ଗଦୂତ ସେଠାରେ ସାକ୍ଷାତ କରିବେ," ଏବଂ ଏହି ମୁଦ୍ରାଗୁଡ଼ିକ ଫିଟା ହେବ, ଏବଂ କଅଣ ହେବ । ଏବଂ ସେଠାରେ ସେହି—ସେହି *ଲାଇଫ୍* ପତ୍ରିକା ଏହାକୁ ଉଲ୍ଲେଖ କରିଥିଲା, ଏହି ମହାନ ଅଗ୍ନିପିଣ୍ଡଟି ତିରିଶ ମାଇଲ ଉଚ୍ଚ, ସତେ-ଇଶ ମାଇଲ ପ୍ରସ୍ତ, ଆକାଶରେ ଉପରକୁ ଯାଉଥିଲା । ସେମାନେ କହିଲେ ଯେ ଏହା କଅଣ ଅଟେ ତାହା ସେମାନେ ଜାଣିପାରୁ ନାହାଁନ୍ତି; ଏପର୍ଯ୍ୟନ୍ତ ଜାଣିନାହାଁନ୍ତି । ଆଉ ଆଜି ରାତି ଏଠାରେ ଏହି ଭବନରେ ସେହି ଲୋକମାନେ ବସିଛନ୍ତି, ଯେଉଁମାନେକି ଠିକ୍ ସେହି ସମୟରେ ମୋ ସହିତ ସେଠାରେ ଛିଡ଼ା ହୋଇଥିଲେ, ଯେତେବେଳେ ଏହା ଘଟିଥିଲା । ସେ ମୋତେ ସେହି ବିଷୟସବୁ ଜଣାଇଥିଲେ ଯାହାକି ଘଟିବାକୁ ଯାଉଅଛି, ଏବଂ ତାହା ଠିକ୍ ସେହିପରି ଘଟିଥିଲା । ସେହି ମୁଦ୍ରାଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ କିପରି ଭାବରେ ଫିଟିଥିଲା, ଏବଂ ସେହି ନିଗୁଢ଼ ବିଷୟଗୁଡ଼ିକୁ, ସିଦ୍ଧ ରୂପେ ଜଣାଇଲେ ଯାହାକି ସେହି ସଂସ୍କାରକମାନଙ୍କର ଓ ସେହିପରି ପ୍ରଭୃତି ଯୁଗଗୁଡ଼ିକ ଧରି ଲୁଚି ରହିଥିଲା ।

189 କିପରି, ପାହାଡ ଉପରେ ଛିଡ଼ା ହୋଇ, ସେହି ଲୋକମାନେ, ସେମାନଙ୍କ ମଧ୍ୟରୁ ତିନି କିମ୍ବା ଚାରିଜଣ ବର୍ତ୍ତମାନ ଏଠାରେ ଛିଡ଼ା ଅଟନ୍ତି, ହଁ, ତାହାଠାରୁ ଅଧିକ ଥିଲେ । ପାହାଡ଼ ଉପରକୁ ଯାଉଥିବା ବେଳେ, ପବିତ୍ରଆତ୍ମା କହିଲେ, "ସେହି ପଥର ଉଠାଅ ।" ଆମେ ଶିକାର କରୁଥିଲୁ । ସେ କହିଲେ, "ଏହାକୁ ପବନରେ ଫୋପାଡ଼ ଏବଂ କୁହ, 'ସଦାପ୍ରଭୁ ଏହି କଥା କୁହନ୍ତି ।'" ମୁଁ କଲି । ସେଠାରୁ ତଳକୁ ପବନର ଏକ କାହାଳି ଆସିଲା । ମୁଁ କହିଲି, "ଚବି-ଶ ଘଣ୍ଟା ମଧ୍ୟରେ, ତୁମେ ପରମେଶ୍ୱରଙ୍କ ହାତ ଦେଖିବ ।" ସେହି ଲୋକମାନେ ବର୍ତ୍ତମାନ ଏଠାରେ ଉପସ୍ଥିତ ବସିଅଛନ୍ତି ।

190 ତାହାର ପରଦିନ, ପ୍ରାୟଃ ଦଶଟା ବେଳେ, ସେଠାରେ ଛିଡ଼ା ହୋଇ, ମୁଁ କହିଲି, "ପ୍ରସ୍ତୁତ ହୁଅ । ସେଠାରେ ସେହି କାର ତଳକୁ ପଳାଇଯାଅ," ଜଣେ ଯୁଦ୍ଧ ଅଭିଜ୍ଞ । ମୁଁ କହିଲି, "କିଛି ଗୋଟାଏ ଘଟିବାକୁ ଯାଉଅଛି ।" ଏହା ଏକ ସ୍ୱଚ୍ଛ ଆକାଶ ଥିଲା, ଠିକ୍ ଏକ ବଡ଼ ଉପତ୍ୟକା ମଧ୍ୟରେ । ଠିକ୍ ସ୍ୱର୍ଗରୁ ଏକ ଘୂର୍ଣ୍ଣିବଳୟ ତଳକୁ ଓହ୍ଲାଇ ଆସିଲା, ଯେତିକି ଜୋର୍ ତାହା ଚିତ୍କାର କରି ପାରିଥିଲା, କାନ୍ଥକୁ ସେପରି ଆଘାତ କଲା । ମୁଁ—ମୁଁ ଏହାର ଠିକ୍ ତଳେ ଛିଡ଼ା ହୋଇଥିଲି । ମୁଁ ମୋର ଟୋପି କାଢ଼ି ନେଲି, ମୋ ମୁଣ୍ଡକୁ ସ୍ଥିର କଲି । ଏହା ମୋଠାରୁ ପ୍ରାୟଃ ତିନି ଫୁଟ କିମ୍ବା ଚାରି ଫୁଟ ଉପରକୁ ଆସିଲା, ଏବଂ ସେହି କାନ୍ଥରେ ଠିକ୍ ସେହିପରି ଭାବରେ ଏକ ଖାଲ ଖଣ୍ଡ କାଟି ପକାଇଲା, ଓ ବିସ୍ଫୋରଣ ହେଲା । ଏବଂ ପୁଣି ଆକାଶକୁ ଉଠିଗଲା, ଓ ପୁଣି ଥରେ ଘୂରି ବୁଲିଲା, ଏବଂ ତଳକୁ, ତିନିଥର ଓହ୍ଲାଇ ଆସିଲା, ଏପରିକି ଦୁଇଶହ ପାହା ପର୍ଯ୍ୟନ୍ତ,

ସେହି ଡାଲି ପ୍ରଜାତିର କଣ୍ଟାଳିଆ ବୁଦାଗୁଡ଼ିକର ଶୀର୍ଷକୁ କାଟି ପକାଇଥିଲା। କଅଣ ସେହି ଲୋକମାନଙ୍କୁ, "ଆମେନ୍" କହୁଥିବାର ଶୁଣୁଛନ୍ତି? ସେମାନେ ସେତେବେଳେ ସେଠାରେ ଉପସ୍ଥିତ ଥିଲେ ଯେତେବେଳେ ଏହା ଘଟିଥିଲା, ଦେଖନ୍ତୁ, ଏବଂ ତିନୋଟି ବିସ୍ଫୋରଣ ହୋଇଥଲା।

191 ଯେତେବେଳେ ସେମାନେ କାର ତଳରୁ ଏବଂ ସବୁ ଜିନିଷରୁ ବାହାରି ଆସିଲେ, ଫେରି ଆସିଲେ, କହିଲେ, "ତାହା ଆପଣଙ୍କୁ ଆଘାତ କରିଥାନ୍ତା, ସେଠାରେ ଏକ ସୂକ୍ଷ୍ମ ଦାଗ ସୁଦ୍ଧା ହୋଇ ନ ଥାନ୍ତା।"

192 ମୁଁ କହିଲି, "ଏହା ଥିଲେ—ଏହା ସେ ଥିଲେ। ସେ ମୋ ସହିତ କଥାବାର୍ତ୍ତା କରୁଥିଲେ।" ପରମେଶ୍ୱର ଏକ ଘୂର୍ଣ୍ଣିବାତ୍ୟା ଦ୍ୱାରା କଥା କୁହନ୍ତି। ବୁଝିଲେ? ଆଉ ସେଠାରେ ସେହି ସମାନ ଅଗ୍ନିସ୍ତମ୍ଭ ଥିଲା ଯାହାକୁ ଆପଣ ଚିତ୍ରରେ ଦେଖୁଛନ୍ତି, ସେଠାରେ ଛିଡ଼ା ହୋଇଥିଲା।

ଆଉ ଯେତେବେଳେ ଏହା ଉପରକୁ ଗଲା, ସେମାନେ କହିଲେ, "ଏହା କଅଣ ଅଟେ?"

ମୁଁ କହିଲି, "ନ୍ୟାୟ ବିଚାର ପଶ୍ଚିମ ତଟକୁ ଆଘାତ କରୁଛି।"

193 ସେଠାରୁ ଦ୍ୱିତୀୟ ଦିନ ପରେ, ଆଲାସ୍କା ବୁଡ଼ିବା ଉପରେ ଥିଲା। ବୁଝିଲେ? ଏହା ଥରେ, ସେଠାରେ, ପ୍ରଥମ ଝଟକାରେ ହିଁ ଆଘାତ କଲା।

194 ଯେଉଁଠାରେକି, ଏହାକୁ ପ୍ରତୀକରେ ଦେବା ପାଇଁ, ଆପଣଙ୍କୁ କିଛି କରିବାକୁ ପଡ଼ିଥାଏ। ଯେପରିକି ଜଣେ ବ୍ୟକ୍ତି ଏକ ବୋତଲରେ କିଛି ଲୁଣ ପକାଇ, ପାଣିରେ ଫୋପାଡ଼ି ଦିଅନ୍ତି, ଓ କହନ୍ତି, "**ସଦାପ୍ରଭୁ ଏହି କଥା କୁହନ୍ତି**, ମଧୁର ଜଳ ହୋଇଯାଉ।" ଏବଂ ଆଉ ଜଣେ, ଯୀଶୁ, ଜଳ ଉଠାଇ ଏକ ପାତ୍ରରେ ଢାଳିଲେ, ଏବଂ—ଏବଂ ସେଥିରୁ ଦ୍ରାକ୍ଷାରସ ତିଆରି କଲେ।

195 ଆପଣଙ୍କୁ ପ୍ରତୀକ କରିବାକୁ ହେଲେ, କିଛି ଗୋଟାଏ ବିଷୟ ରଖିବା ଆବଶ୍ୟକ ଅଟେ। ଏହା ତାହା ହିଁ ଥିଲା, ଯାହାକି ଆକାଶ ଉପରକୁ ଯାଇ ତଳକୁ ଓହ୍ଲାଇଥିଲା। ତାହା ସେହି ଛୋଟ ଘୂର୍ଣ୍ଣିବାତ୍ୟାକୁ ଆରମ୍ଭ କରିଥିଲା। ଚବି-ଶ ଘଣ୍ଟା ମଧ୍ୟରେ, ଏହା ସେହି ପର୍ବତକୁ ଦୋହଲାଇ ଦେଇଥିଲା ଏପରିକି ଏହା ତାହାର ଚାରିପାଖରେ ଏକ ହିଡ଼ କାଟି ପକାଇଥିଲା।

196 ସମ୍ମାନୀୟ ଶ୍ରୀ ବ୍ଲେୟାର ଏଠାରେ ବସିଛନ୍ତି, ମୁଁ ବର୍ତ୍ତମାନ ତାଙ୍କୁ ଦେଖୁଅଛି, ସେ ସେଠାରେ ଉପରେ ଥିଲେ ଏବଂ ଏହାର କିଛି ଖଣ୍ଡ ଗୋଟାଇ ଥିଲେ, ଓ ପ୍ରଭୃତି। ଏଠାରେ ଟେରି ସୋଥମ୍ୟାନ୍, ସେମାନେ ଅଛନ୍ତି, ଏବଂ ଏଠାରେ ଛିଡ଼ା ହୋଇଛନ୍ତି, ଏବଂ ବିଲି ପଲ୍। ଏବଂ ଭାଇମାନେ, ଏହି ଅନ୍ୟମାନଙ୍କ ମଧ୍ୟରୁ କେତେକ ଏଠାରେ ବସିଛନ୍ତି, ଯେଉଁମାନେକି ଠିକ୍ ସେଠାରେ ତାହା ଦେଖିବା ପାଇଁ ଉପସ୍ଥିତ ଥିଲେ ଯେତେବେଳେ ଏହା ତାହାକୁ ଖଣ୍ଡ ଖଣ୍ଡ କରି କାଟି ପକାଇଥିଲା।

197 ତାହା କାଳ୍ପନିକ ନୁହେଁ। ତାହା ସତ୍ୟ ଅଟେ। ତାହା ସେହି ପୂର୍ବର ବାଇବଲ ଦିନଗୁଡ଼ିକରେ ନ ଥିଲା। ତାହା ବର୍ତ୍ତମାନ ଅଟେ। ବୁଝିଲେ? ତାହା ସେହି ସମାନ ପରମେଶ୍ୱର ଅଟନ୍ତି ଯିଏକି

ମୋତେ ସବୁବେଳେ ଏହି ବିଷୟଗୁଡ଼ିକ ଦେଖାଇଥାନ୍ତି, ଏବଂ ସେଗୁଡ଼ିକ ଠିକ୍ ଅକ୍ଷର ପର୍ଯ୍ୟନ୍ତ, ସେହିପରି ଭାବରେ ଘଟିଅଛି । ଗୋଟିଏ ଥର ବି ତାହା କେବେ ବିଫଳ ହୋଇନାହିଁ । ବର୍ତ୍ତମାନ ମୁଁ ତାହାଙ୍କ ଉପରେ ଗର୍ବ କରୁଛି ।

198 କିଛି ସପ୍ତାହ ପୂର୍ବରୁ, ମୁଁ ଏକ ଦର୍ଶନରେ ଥିଲି । ଆଉ ମୁଁ ଏକ—ଏକ ଉଚ୍ଚ ସ୍ଥାନରେ ଛିଡ଼ା ହୋଇଥିଲି, ଆଉ ମୋତେ ମଣ୍ଡଳୀର ପୂର୍ବାବଲୋକନ ଦେଖିବାର ଥିଲା । ଏବଂ ମୁଁ ଧ୍ୟାନ ଦେଲି, ମୋର ସେଥିରୁ ଆସୁଥିଲି…ମୁଁ ଅଧିକନ୍ତୁ ଏହି ପରି ଭାବରେ, ପଶ୍ଚିମ ଆଡ଼କୁ ମୁହଁ କରି ଛିଡ଼ା ହୋଇଥିଲି । ଏବଂ ଏହି ମାର୍ଗ ଦେଇ ସ୍ତ୍ରୀଲୋକମାନଙ୍କର ଏକ ସୁନ୍ଦର ସମୂହ ଆସିଲା, ପ୍ରକୃତ ସୁନ୍ଦର ପୋଷାକ, ଲମ୍ବା କେଶ ପଛଆଡ଼େ ଭଲ ଭାବରେ ବେଣୀ କରିଥିବା, ଲମ୍ବା ହାତ ଥିବା ବସ୍ତ୍ର, ଏବଂ ସ୍କର୍ଟଗୁଡିକ ସୁନ୍ଦର ଭାବରେ ତଳକୁ ରହିଥିଲା । ଏବଂ ସେମାନେ ସମସ୍ତେ ଏକ ଶୃଙ୍ଖଳା ସହ ଅଗ୍ରସର ହେଉଥିବା ସ୍ୱରରେ ଥିଲେ, ଯଥା, “ଆଗକୁ ମାଡ଼ି ଚାଲ, ଖ୍ରୀଷ୍ଟିଆନ ସୈନିକଗଣ, ଯେପରିକି ଯୁଦ୍ଧ ନିମନ୍ତେ ଯାଇଥାଅ, ଯୀଶୁଙ୍କ କ୍ରୁଶକୁ ଆଗରେ ଘେନି ।” ଆଉ ଯେତେବେଳେ ସେମାନେ ଅତିକ୍ରମ କରୁଥିଲେ, ମୁଁ ଛିଡ଼ା ହେଲି, ଏବଂ ସେଠାରେ କିଛି ଗୋଟାଏ ଥିଲା, କୌଣସି ଆତ୍ମା, ପରମେଶ୍ୱର ଥିଲେ, ଓ କହିଲେ, “ସେଠାରେ ସେହି କନ୍ୟା ଅଟେ ।” ଆଉ ମୁଁ ଦେଖିଲି, ଏବଂ ମୋ ହୃଦୟ ଖୁସି ହୋଇଗଲା । ଆଉ ସେ ଏହି ବାଟ ଦେଇ ଗଲା, ଏବଂ ମୋ ପଛ ପଟ ଦେଇ ଚାଲିଗଲା ।

199 କିଛି ସମୟ ପରେ, ଯେତେବେଳେ ସେ ଏହି ବାଟ ଦେଇ ଫେରି ଆସିଲା, ଏହା କହିଲା, “ବର୍ତ୍ତମାନ ଆଧୁନିକ ମଣ୍ଡଳୀ ପୂର୍ବାବଲୋକନକୁ ଆସିବ ।” ଏବଂ ଏଠାରେ ଏସୀୟ ମଣ୍ଡଳୀ ଉପରକୁ ଆସିଲା । ମୁଁ ସେହିପରି ଏକ ଅପରିଷ୍କାର ସମୂହ କେବେ ଦେଖିନାହିଁ ।

200 ଏଠାରେ ବିଭିନ୍ନ ରାଷ୍ଟ୍ରର, ଅନ୍ୟ ମଣ୍ଡଳୀଗୁଡ଼ିକ ଉପରକୁ ଆସିଲା । ସେମାନେ ଭୟଙ୍କର ଦେଖା ଯାଉଥିଲେ ।

201 ଆଉ ମୁଁ—ମୁଁ ଏହା ଏଇଥିପାଇଁ କହୁଛି କାରଣ ମୁଁ ପରମେଶ୍ୱରଙ୍କ ସମ୍ମୁଖରେ, ସତ କହିବାକୁ କର୍ତ୍ତବ୍ୟବଦ୍ଧ ଅଟେ । ଆଉ ଯେତେବେଳେ ସେ କହିଲେ, “ବର୍ତ୍ତମାନ ପୂର୍ବାବଲୋକନ କରିବା ହେତୁ, ଆମେରିକାର ମଣ୍ଡଳୀ ଆସୁଅଛି,” ଯଦି ମୁଁ କେବେ ଶୟତାନମାନଙ୍କର ଏକ ସମୂହ ଦେଖିଥାଏ, ତେବେ ଏହା ତାହା ହିଁ ଥିଲା । ସେହି ସ୍ତ୍ରୀଲୋକମାନେ ସମ୍ପୂର୍ଣ୍ଣ ଉଲଙ୍ଗ ଥିଲେ, ହାତୀ ଚର୍ମର ଏକ ରଙ୍ଗ ପରି, ଧୂସର ବର୍ଣ୍ଣର ଏକ ପୁରୁଣା-ଦିଶୁଥିବା ଜିନିଷ ସହିତ ଥିଲେ । ଏବଂ ସେମାନେ ଏହାକୁ ସେମାନଙ୍କ ସମ୍ମୁଖରେ ଧରି ରହିଥିଲେ, ଏଥିରେ କୌଣସି ଉପର ଅଂଶ ନ ଥିଲା । ଏବଂ ସେମାନେ ଏହି ପ୍ରକାରର ଅଙ୍ଗୀ ଭଙ୍ଗୀ କରୁଥିଲେ, ଯାହା, ଏହି—ଏହି ନୃତ୍ୟଗୁଡ଼ିକ ପରି ଥିଲା ଯାହାକି ଏହି ପିଲାମାନେ ଏଠାରେ କରିଥାନ୍ତି, ସେହି ଭାଙ୍ଗିବା ଏବଂ କାର୍ଯ୍ୟକଳାପ କରିବା, ଏବଂ ସେହି ପ୍ରକାରର ସଂଗୀତ ଚାଲିଥିଲା । ଆଉ ଯେତେବେଳେ ମୁଁ ମିସ୍ ୟୁ.ଏସ୍.ଏକୁ ଆସୁଥିବାର ଦେଖିଲି, ମୁଁ ପ୍ରାୟଃ ବେହୋଶ ହୋଇଗଲି ।

202 ତେବେ, ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଅଟେ । ଯଦି ଆପଣ ମୋତେ ତାହାଙ୍କର ସେବକ ବୋଲି ବିଶ୍ୱାସ କରନ୍ତି, ତେବେ ଆପଣ ମୋତେ ବର୍ତ୍ତମାନ ବିଶ୍ୱାସ କରନ୍ତୁ । ମୁଁ ଏହାକୁ ଏହି ଜଗତରେ ଅନ୍ୟ କୌଣସି ବିଷୟ ପାଇଁ କହି ନ ଥାନ୍ତି । ଯଦି ତାହା ସତ୍ୟ ନ ଥାଆନ୍ତା ତାହାହେଲେ ମୋତେ ଏହା କୁହାଇବା ହେତୁ ବାଧ୍ୟ କରିବା ପାଇଁ ସମଗ୍ର ବିଶ୍ୱରେ ପର୍ଯ୍ୟାପ୍ତ ଧନ ନ ଥିଲା ।

203 ଏବଂ ଯେତେବେଳେ ସେ ଆସିଲା, ତାହା ମୁଁ କଦାଚିତ୍ ଦେଖିଥିବା ସବୁଠୁଁ ଅପରିଷ୍କାର-ଦିଶୁଥିବା ବିଷୟ ଥିଲା । ମୁଁ ଭାବିଲି, "ହେ ପରମେଶ୍ୱର, ଯେତେ କଷ୍ଟ କରି ପ୍ରଚାରକମାନେ ଏବଂ ଆମେ ଭାଇମାନେ ତୁମ ନିମନ୍ତେ ଏକ କନ୍ୟା ଆଣିବା ପାଇଁ କଠିନ ପରିଶ୍ରମ କରିଅଛୁ, ଆଉ ତାହାହିଁ ସର୍ବୋତ୍ତମ ଅଟେ ଯାହାକି ଆମେ କରିପାରିଲୁ ।" ସେ *ଏହା*କୁ ନିଜ ସମ୍ମୁଖରେ ଧରି, ଅଙ୍ଗୀ ଭଙ୍ଗୀ କରୁଥିଲା, ଯେପରିକି ଏଠାରେ ଏହି ଝୁଲା ସ୍କର୍ଟଗୁଡ଼ିକ ମଧ୍ୟରୁ ଗୋଟିଏ ରହିଥିବା ପରି, ଏହାକୁ ତାହାର ଅଙ୍ଗ, ତାହାର ତଳ ଅଙ୍ଗ ସମ୍ମୁଖରେ, *ଏହି* ପରି ଭାବରେ ଧରି, ନାଚୁଥିଲା ଏବଂ ଭାଙ୍ଗି ହେଉଥିଲା ଯେପରିକି ଏହି ପିଲାମାନେ ଏଠାରେ କରିଥାନ୍ତି… ଏହି ଅଶ୍ଳୀଳ କାର୍ଯ୍ୟକ୍ରମଗୁଡ଼ିକରେ ଯାହାକି ସେମାନଙ୍କର ରହିଥାଏ, ସେମାନେ ଅଙ୍ଗୀ ଭଙ୍ଗୀ କରନ୍ତି । ତାହା ଥିଲା ଆମେରିକାର ମିସ୍ ଖ୍ରୀଷ୍ଟିଆନ ।

204 ତେଣୁ ପରମେଶ୍ୱରଙ୍କ ସାହାଯ୍ୟରେ, ମୋତେ ସାହାଯ୍ୟ କଲେ, ତାହାହିଁ ସେପରି ଥିଲା ଯାହାକି ତାହାଙ୍କର ମୁଖମଣ୍ଡଳରେ ଦେଖା ଯାଉଥିଲା । ମୁଁ—ମୁଁ କେବଳ…ମୁଁ ଆରମ୍ଭ କଲି… ମୁଁ ବେହୋଶ ହୋଇ ଯାଇଥାନ୍ତି । ମୁଁ ଭାବିଲି, "ସମସ୍ତ ଚେଷ୍ଟା, ଏବଂ ପ୍ରଚାର, ଓ ମନାଇବା ସତ୍ତ୍ୱେ?" ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଛୋଟ ଛୋଟ କେଶ ସହିତ, ଏବଂ ସେମାନେ *ଏହା*କୁ ସମ୍ମୁଖରେ ଧରି, ଅଣ୍ଟା ଭାଙ୍ଗି ନାଚୁଥିଲେ ଏବଂ ସବୁକିଛି କରୁଥିଲେ । ସେମାନେ ଚାରିପାଖ ବୁଲିକରି ଆସିଲେ, ଯେଉଁଠାରେ ମୁଁ ଏହି ସର୍ବ ଅଲୌକିକ ଜୀବ ସହିତ ଛିଡ଼ା ହୋଇଥିଲି । ମୁଁ ତାହାଙ୍କୁ ଦେଖିପାରୁ ନ ଥିଲି । ମୁଁ ତାହାଙ୍କୁ ମୋ ସହିତ କଥାବାର୍ତ୍ତା ହେଉଥିବାର ଶୁଣୁଥିଲି; ଠିକ୍ ମୋର ଚାରିପାଖରେ ଥିଲେ । ମାତ୍ର ଯେତେବେଳେ ସେମାନେ *ଏହି* ଆଡକୁ ବୁଲି ପଡ଼ିଲେ, ସେମାନେ *ଏହା*କୁ ଧରି ରଖିଥିଲେ । ଏବଂ *ଏହା*କୁ ନିଜର ସମ୍ମୁଖରେ ଧରି, କେବଳ ଅଣ୍ଟା ଭାଙ୍ଗି ନାଚିବା ଓ ହସିବା ଆଉ ସେହିପରି ଚାଲିବା, କାର୍ଯ୍ୟକଳାପ କରୁଥିବାର ରହିଥିଲା ।

205 ତେବେ, ମୁଁ ତାହାଙ୍କ ଉପସ୍ଥିତିରେ ଛିଡ଼ା ହୋଇ, ଏବଂ ତାହାଙ୍କର ସେବକ ଭାବରେ । "ଏବଂ ଯାହା ସବୁକିଛି ମୁଁ ଚେଷ୍ଟା କଲି, ତାହାହିଁ ହେଉଛି ସର୍ବୋତ୍ତମ ଯାହା ମୁଁ କରି ପାରିଲି?" ମୁଁ ଭାବିଲି, "ପରମେଶ୍ୱର, ଏହା ମୋର କି ଉପକାର କଲା? ଏହା କଅଣ ଉପକାର କଲା? ସମସ୍ତ କାନ୍ଦିବା, ଓ ବିନତୀ କରିବା, ଆଉ ମନାଇବା, ଏବଂ ସେହି ମହାନ ଚିହ୍ନମାନ ଏବଂ ଚମତ୍କାର ଏବଂ ଆଶ୍ଚର୍ଯ୍ୟକର୍ମମାନ ଯାହା ତୁମେ ଦେଖାଇଲ । ଏବଂ କିପରି ମୁଁ ସେଠାରେ ଛିଡ଼ା ହେଉଥିଲି, ଏବଂ ସେମାନଙ୍କୁ ସେହି ବିଷୟରେ ଏବଂ ସେ ଜିନିଷଗୁଡ଼ିକ ପ୍ରଚାର କରିବା ପରେ

ଘରକୁ ଯାଇ କାନ୍ଦି ଲି, ଆଉ ଏହା ମୋର କି ଉପକାର କଲା? ଆଉ ତାହାପରେ ମୋତେ ତୁମକୁ, ଏକ କନ୍ୟା ପାଇଁ, ସେହିପରି କିଛିକୁ ଉପସ୍ଥାପନ କରିବାକୁ ପଡ଼ିବ?"

206 ଏବଂ ଯେତେବେଳେ ମୁଁ ସେଠାରେ ଛିଡ଼ା ହୋଇ, ଦେଖୁଥିଲି, ସେ ଅତିକ୍ରମ କଲା। ଏବଂ ଆପଣ ତାହାର ପଛ ଭାଗକୁ କଳ୍ପନା କରିପାରନ୍ତି, କିଛି ହିଁ ନ ଥିଲା, *ଏହାକୁ* ନିଜର ସମ୍ମୁଖରେ ଧରି ରଖି ସେ ଯେତେବେଳେ ଲଜ୍ଜାଜନକ ଭାବରେ ଅତିକ୍ରମ କଲା, ସେହିପରି ଭାବରେ, ଏହି ଅଣ୍ଟା ଭଙ୍ଗାକୁ, ତାହାର ହାତଗୁଡ଼ିକୁ ସେପରି ଭାବରେ ବିସ୍ତାରିତ କରିଥିଲା। ଏବଂ, ତାହାର, ଓଃ, ଏହା ଅଶ୍ଳୀଳ ଥିଲା, ଯେପରି ଭାବରେ ସେ ଚାଲୁଥିଲା, ତାହାର ଦେହ ସେହିପରି ଦୋହଲୁଥିଲା। ତେବେ ମୁଁ...

207 ଆପଣ କୁହନ୍ତି, "ଭାଇ ବ୍ରାନହାମ୍ ଏହାର ଅର୍ଥ କଅଣ?" ମୁଁ ଜାଣେ ନାହିଁ। ମୁଁ ଯାହା ଦେଖିଲି କେବଳ ତାହା ଆପଣଙ୍କୁ କହୁଅଛି।

208 ଏବଂ ଯେତେବେଳେ ସେ ସେହିପରି ଭାବରେ ଅତିକ୍ରମ କଲା, ମୁଁ ତାହା ଆଡକୁ ଚାହିଁଲି। ଓଃ, ମୁଁ ପ୍ରକୃତରେ ବେହୋଶ ହୋଇଗଲି। ମୁଁ କେବଳ ବୁଲି ପଡିଲି। ମୁଁ ଭାବିଲି, "ପରମେଶ୍ୱର, ମୁଁ ନିନ୍ଦିତ ଅଟେ। ତେବେ ମୋର ସେଠାରେ—ସେଠାରେ ଚେଷ୍ଟା କରିବାର କୌଣସି ଆବଶ୍ୟକତା ନାହିଁ। ପରିତ୍ୟାଗ କରିବାଟା କେବଳ ଭଲ ହେବ।"

209 ଶ୍ରୀମତୀ କାର୍ଲ ୱିଲିୟମ୍ସ, ଯଦି ଆପଣ ଏଠାରେ ବସିଛନ୍ତି, ଏବଂ ସେହି ସ୍ୱପ୍ନ ଯାହା ବିଷୟରେ ଆପଣ ମୋତେ, କିଛି ସମୟ ପୂର୍ବରୁ କହିଥିଲେ, ଯାହାକି ଆପଣ ଅନ୍ୟ ରାତ୍ରି ଦେଖିଥିଲେ, ଯାହା ଆପଣଙ୍କୁ ବ୍ୟତିବ୍ୟସ୍ତ କରୁଥିଲା, ତାହା ସେଠାରେ ଅଛି। ମୋ ହାତରୁ ନିୟନ୍ତ୍ରଣ ଚକ୍ର ନେଇ ନିଆଯାଇଅଛି।

210 ତେବେ, ମୁଁ କେବଳ ଭାବିଲି, "ମୁଁ—ମୁଁ ମଧ୍ୟ ଏହାକୁ ଭୁଲି ଯାଇପାରେ।" ମୁଁ ଚାଲି ଯାଇଥିଲି।

211 ତାହାପରେ, ହଠାତ୍ ଥରକେ, ମୁଁ ଏହାକୁ ପୁନର୍ବାର ଆସୁଥିବାର ଶୁଣିଲି। ଏବଂ ଏହି ପାର୍ଶ୍ୱ ଦେଇ ସେହି ସମାନ କନ୍ୟାଟି ଆସୁଥିଲା ଯିଏକି ବୁଲି ପଡ଼ି ଏହି ପଟରୁ ଯାଇଥିଲା। ଏଠାରେ ପୁନର୍ବାର ସେହି ସାନ ସାନ ସ୍ତ୍ରୀଲୋକମାନେ ଆସିଲେ, ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ନିଜ ନିଜର ଜାତୀୟ ପୋଷାକ ପରିଧାନ କରିଥିଲେ ଯେଉଁଠାରୁ ସେମାନେ ଆସିଥିଲେ, ଯଥା ସ୍ୱିଜରଲ୍ୟାଣ୍ଡ, ଜର୍ମାନୀ, ଏବଂ ଇତ୍ୟାଦି, ପ୍ରତ୍ୟେକେ ଜଣ ସେହି ପ୍ରକାରର ପୋଷାକ ପିନ୍ଧିଥିଲେ, ସମସ୍ତଙ୍କର ଲମ୍ବା କେଶ ଥିଲା, ଠିକ୍ ଯେପରିକି ପ୍ରଥମ ଥରରେ ସେହି ଜଣକାର ରହିଥିଲା। ଏବଂ ଏଠାରେ ସେମାନେ ଚାଲିକରି ଆସୁଥିଲେ। "ଆଗକୁ ମାଡ଼ି ଚାଲ, ଖ୍ରୀଷ୍ଟିଆନ ସୈନିକଗଣ, ଯେପରିକି ଯୁଦ୍ଧ ନିମନ୍ତେ ଯାଇଥାଅ।" ଏବଂ ଯେତେବେଳେ ସେମାନେ ସମସ୍ତେ ସେହି ପୂର୍ବାବଲୋକନ ସ୍ଥାନ ଦେଇ ଅତିକ୍ରମ କରିଗଲେ ଯେଉଁଠାରେକି ଆମେମାନେ ଛିଡା ହୋଇଥିଲୁ, ହଠାତ୍ ଏକା ଥରକେ, ପ୍ରତ୍ୟେକ ଆଖି ସେହି ଆଡ଼କୁ ବୁଲି

ପଡ଼ିଲା । ଆଉ ତାହାପରେ ସେମାନେ ପଛକୁ ବୁଲି ପଡ଼ିଲେ, ଏବଂ ସେମାନେ ଅଗ୍ରସର ହୋଇ, ଶୃଙ୍ଖଳାରେ ଚାଲିଗଲେ ।

212 ଏବଂ ଠିକ୍ ଯେତେବେଳେ ସେମାନେ ଆକାଶ ଉପରକୁ ଯିବା ପାଇଁ ଆରମ୍ଭ କଲେ, ଏହି ଅନ୍ୟ ଜଣଟି ପାହାଡର କଡ଼କୁ ଯାଇ, *ସେପରି* ଭାବରେ ତଳକୁ ଖସିଗଲା ।

213 ଏମାନେ ଆକାଶକୁ ଶୃଙ୍ଖଳାବଦ୍ଧ ହୋଇ ଯିବାକୁ ଆରମ୍ଭ କଲେ । ଏବଂ ଯେତେବେଳେ ସେମାନେ ଶୃଙ୍ଖଳାବଦ୍ଧ ହୋଇ ଚାଲିଲେ, ମୁଁ ପଛରେ ଦୁଇଜଣ ସାନ ଝିଅଙ୍କୁ ଦେଖିଲି, ଏପରି ଦିଶୁଥିଲା ଯେପରିକି ସେମାନେ କୌଣସି ବିଦେଶୀ ଝିଅ ମଧ୍ୟରୁ କେହି ହୋଇଥିବେ, ସ୍ୱୀଡେନ କିମ୍ବା ସ୍ୱିଜରଲ୍ୟାଣ୍ଡ କିମ୍ବା ଅନ୍ୟ କୌଣସି ଦେଶର ହୋଇଥିବେ । ସେମାନେ ଏଣେ ତେଣେ ଦେଖିବାକୁ ଆରମ୍ଭ କଲେ, ଏବଂ ଗଲେ…ମୁଁ କହିଲି, "ତାହା କର ନାହିଁ! ସେହି ପାଦରୁ ବାହାରକୁ ଯାଅ ନାହିଁ!" ଏବଂ ଯେତେବେଳେ ମୁଁ ସେହିପରି ଚିତ୍କାର କଲି, ମୁଁ ଆସିଲି, ସେହି ଦର୍ଶନରେ, ମୋ ହାତକୁ *ସେପରି* ବିସ୍ତାରିତ କରି ଛିଡ଼ା ହୋଇଥିଲି । ମୁଁ ଭାବିଲି, "ତେବେ…"

214 ତାହାହିଁ କାରଣ ଅଟେ ଯେ ଆଜି ରାତିରେ ମୁଁ ତାହା କହିଲି ଯାହା ମୋ ପାଖରେ ଥିଲା । ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ । କଅଣ ଏହା ଆମେ ଭାବିବାଠାରୁ ମଧ୍ୟ ବିଳମ୍ବ ଅଟେ କି? କଅଣ ସେ ପୂର୍ବରୁ ଡକାହୋଇ ଚୟନ କରାଯାଇ, ମୁଦ୍ରାଙ୍କିତ ହୋଇ ସାରିଥିବ କି? ଗୋଟିଏ ହେଲେ ବି ଅତିରିକ୍ତ ହେବ ନାହିଁ, ଆପଣ ଜାଣନ୍ତି । ଏହା ସମ୍ଭବ ହୋଇପାରେ କି? ଓଃ, ହଁ । ଓଃ, ହଁ ।

215 ମନେ ପକାନ୍ତୁ ଯାହା ମୁଁ, ଅନ୍ୟ ଦିନ ଜଳପାନରେ କହିଥିଲି । ପୁରୁଷ ଏବଂ ମହିଳାଙ୍କ ପ୍ରଜନନ ପରାଗରେଣୁରେ, ଏକ ଲକ୍ଷ ଜୀବାଣୁ ରହିଥାଆନ୍ତି, ଏକ ଲକ୍ଷ ଅଣ୍ଡା ବାହାରିଥାନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ କେବଳ ଗୋଟିଏ ଜୀବିତ ରୁହେ, ଆଉ, ତଥାପି, ସେମାନେ ସମସ୍ତେ ଏକ ସମାନ ଅଟନ୍ତି: ଏକ ଲକ୍ଷରୁ ଗୋଟିଏ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ସେହି ସମାନ ଅଣ୍ଡା ଏବଂ ସେହି ସମାନ ପ୍ରକାରର ଜୀବାଣୁ । ସେମାନଙ୍କ ମଧ୍ୟରୁ ଜଣେ ଜୀବିତ ରୁହେ । ବାକି ସମସ୍ତେ ମରିଯାଆନ୍ତି ।

216 କେହିହେଲେ ଏହା କହିପାରିବେ ନାହିଁ ଯେ କେଉଁଟି ପରିପକ୍ୱ ଅଣ୍ଡା ଅଟେ, ଏବଂ, ଓଃ, ତାହା ବିଷୟରେ କଅଣ ଅଟେ । ପରମେଶ୍ୱରଙ୍କୁ ତାହା ସ୍ଥିର କରିବାକୁ ପଡ଼େ ଯେ, ଏହା ଏକ ପୁଅ ହେବ କିମ୍ବା ଝିଅ ହେବ, ସୁବର୍ଣ୍ଣ କେଶ ବା କଳା କେଶ ହେବ, କିଅବା ତାହା କଅଣ ହେବାକୁ ଯାଉଅଛି । ପରମେଶ୍ୱର ତାହା ନିଷ୍ପତ୍ତି ନିଅନ୍ତି । ଯାହା ପ୍ରଥମଟି ସାକ୍ଷାତ ହୁଏ ଏହା ତାହା ନୁହେଁ, ମାତ୍ର ଯାହା ପ୍ରଥମଟି ପରମେଶ୍ୱର ନିର୍ଣ୍ଣୟ କରିଥାନ୍ତି । ବୋଧହୁଏ ଗୋଟିଏ *ଏଠାକୁ* ଆସିବ, ଏବଂ ଗୋଟିଏ…ଯଦି ଆପଣ କେବେ ଧ୍ୟାନ ଦେଇଥିବେ, ଟେଷ୍ଟ ଟ୍ୟୁବ ପରୀକ୍ଷା ନଳିରେ, ସେମାନଙ୍କୁ ଏକାଠି ଆସୁଥିବାର ଦେଖିବା । ମୁଁ ଏହାକୁ ଦେଖିଅଛି । ପରମେଶ୍ୱରଙ୍କୁ ତାହା ସ୍ଥିର କରିବାକୁ ପଡ଼େ । ଗୋଟିଏ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ,

ଠିକ୍ ସମାନ ଥାଆନ୍ତି, ମାତ୍ର ନିର୍ବାଚନ ଦ୍ୱାରା । ପ୍ରାକୃତିକ ଜନ୍ମ ନିର୍ବାଚନ ଦ୍ୱାରା ହୋଇଥାଏ । ପରମେଶ୍ୱର ଦଶ ଲକ୍ଷରୁ ଗୋଟିଏକୁ ନିଅନ୍ତି ।

217 ଯେତେବେଳେ ଇସ୍ରାଏଲ, ପ୍ରତିଜ୍ଞାତ ଦେଶକୁ ଯିବା ବାଟରେ ମିସରକୁ ଛାଡିଲେ, ସେମାନେ ପ୍ରାୟଃ କୋଡ଼ିଏ ଲକ୍ଷ ଲୋକ ଥିଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ସେହି ସମାନ ବଳିକୃତ ମେଷଶାବକଙ୍କ ତଳେ ରହିଥିଲେ, ନଚେତ୍ ସେମାନେ ବଞ୍ଚି ନ ଥାନ୍ତେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ସେହି ଭବିଷ୍ୟଦ୍‌ବକ୍ତା, ମୋଶାଙ୍କ କଥା ଶୁଣିଥିଲେ । ସେମାନଙ୍କ ମଧ୍ୟରୁ ସମସ୍ତେ ତାହାଙ୍କ ଦ୍ୱାରା ସୁଫ ସାଗରରେ ବାପ୍ତିଜିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ସମସ୍ତେ ସ୍ତ୍ରୀଲୋକମାନେ, ମିରିୟାମଙ୍କ ସହିତ ନାଚିଥିଲେ, ସମୁଦ୍ର କୂଳର (କେତେବେଳେ) ଉପର-ଓ-ତଳରେ, ଯେତେବେଳେ ପରମେଶ୍ୱର ଶତ୍ରୁକୁ ବିନାଶ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଲୋକ ମୋଶାଙ୍କ ସହିତ ଛିଡ଼ା ହୋଇଥିଲେ, ଓ ତାହାଙ୍କୁ ଆତ୍ମାରେ ଗୀତ ଗାନ କରିଥିବାର ଶୁଣିଥିଲେ । ସେମାନେ, ପ୍ରତ୍ୟେକ ଜଣ, ପ୍ରାନ୍ତରରୁ ମାନ୍ନା ଖାଇଥିଲେ, ଯାହା ସ୍ୱର୍ଗରୁ ପଡ଼ିଥିଲା । ପ୍ରତ୍ୟେକ ରାତ୍ରି, ନୂତନ ମାନ୍ନା, ଯାହାକି ବାର୍ତ୍ତାର ଏକ ପ୍ରତିରୂପ ଅଟେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଏଥିରୁ ଭୋଜନ କରିଥିଲେ । ମାତ୍ର, କୋଡ଼ିଏ ଲକ୍ଷ ମଧ୍ୟରୁ, କେତେଜଣ ଏହାକୁ ପ୍ରାପ୍ତ କଲେ? ଦୁଇ ଜଣ । ଦଶ ଲକ୍ଷ ମଧ୍ୟରୁ ଗୋଟିଏ ।

218 ଆଜି ରାତିରେ ସମଗ୍ର ଜଗତରେ କ୍ୟାଥୋଲିକ୍ ଏବଂ ସମସ୍ତଙ୍କୁ ଗଣନା କରି, ପ୍ରାୟଃ ପଚାଶ କୋଟି ଖ୍ରୀଷ୍ଟିଆନ ଅଛନ୍ତି । ବିଶ୍ୱରେ ପଚାଶ କୋଟି ତଥା-କଥିତ ବିଶ୍ୱାସୀ ଅଛନ୍ତି । ଯଦି ଆଜି ରାତି ରାପ୍‌ଚର ବା ଉର୍ଦ୍ଧାନ୍ତିକରଣ ଆସେ, ଏହାର ଅର୍ଥ ହେବ…ଯଦି ଗଣନା ହେଉଛି ଦଶ ଲକ୍ଷ ମଧ୍ୟରୁ ଗୋଟିଏ । ମୁଁ କହୁ ନାହିଁ ଯେ ଏହା ଅଟେ । ମାତ୍ର ଯଦି ଏହା ହୁଏ, ପରବର୍ତ୍ତୀ ଚବି-ଶ ଘଣ୍ଟା ମଧ୍ୟରେ, ପାଞ୍ଚଶହ ଲୋକ, ନିଖୋଜ ହୋଇଯିବେ । ଏପରିକି ଆପଣ ଏହା ବିଷୟରେ କେବେ ଶୁଣିବେ ସୁଦ୍ଧା ନାହିଁ । ସେଠାରେ ଅନେକ ସେପରି ନିଖୋଜ ହେବେ, ଯେକୌଣସି ପ୍ରକାରେ, ଏହାର ହିସାବ ମଧ୍ୟ ରଖା ଯାଇପାରେ ନାହିଁ ।

219 ତେବେ ଏହା ହୋଇପାରେ, ଆମ ସହିତ ଘଟିପାରେ, ବନ୍ଧୁ, ଯେପରିକି ଏହା ସେତେବେଳେ ହୋଇଥିଲା ଯେତେବେଳେ ବାପ୍ତିଜକ ଯୋହନ ଆସିଥିଲେ । ଏପରିକି ଶିଷ୍ୟମାନେ ସୁଦ୍ଧା କହିଲେ, "ଶାସ୍ତ୍ର କାହିଁକି କୁହେ, କାହିଁକି ସେହି—ସେହି ପ୍ରେରିତ କିଅବା ଭବିଷ୍ୟଦ୍‌ବକ୍ତାମାନେ କୁହନ୍ତି, କାହିଁକି ଏହା କୁହେ ଯେ ଏଲିୟ ପ୍ରଥମେ ଆସି ସବୁ ବିଷୟକୁ ପୁନଃସ୍ଥାପନ କରିବେ?"

220 ସେ କହିଲେ, "ମୁଁ ତୁମମାନଙ୍କୁ କହୁଛି ଯେ ଏଲିୟ ଆସି ସାରିଲେଣି, ଏବଂ ତୁମେ ତାହା ଜାଣିଲ ନାହିଁ ।"

221 ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ ଆମେ ଏଠାରେ ଛଡାଯାଇ ବସି ରହିଥିବୁ, "କ୍ଲେଶ ଆରମ୍ଭ ହେବା ପୂର୍ବରୁ କଅଣ ରାପ୍‌ଚର ବା ଉର୍ଦ୍ଧାନ୍ତିକରଣ ହେବାର ନ ଥିଲା?"

"ଏହା ତ ହୋଇସାରିଛି ଏବଂ ତୁମେ ଏହା ଜାଣିଲ ନାହିଁ।"

222 ସମସ୍ତ ଦେହ, ମୁଦ୍ରାଙ୍କିତ ହୋଇ, ଏହାକୁ କେବଳ ଶୃଙ୍ଖଳାରେ ରଖାଯାଇଛି। ମୁଁ କହୁ ନାହିଁ ଯେ ଏହା ସେହିପରି ଅଟେ। ମୁଁ ଆଶା କରେ ଯେ ଏହା ସେପରି ନୁହେଁ। ମାତ୍ର, ହେ ବନ୍ଧୁ, ଯେତେବେଳେ ଏହା ହୁଏ...

223 ଯଦି ଆଜି ରାତ୍ରି, ଆମେ ନିଜ ହୃଦୟରେ ଏହା ଅନୁଭବ କରୁଅଛୁ, ଯେ ଆମେ ଆମର ଜୀବନଗୁଡ଼ିକୁ ଓ ସେହି ବିଷୟଗୁଡ଼ିକୁ ଯାହା ଆମେ କରିଅଛୁ, ସଳଖ କରିବା ଉଚିତ୍, ତେବେ ଜଣେ ସେବକ ଭାଇ ଭାବରେ ମୋତେ ଏହା ଆପଣଙ୍କୁ ପରାମର୍ଶ ଦେବାକୁ ଦିଅନ୍ତୁ। ମୁଁ ମୋ ନିଜ ପାଇଁ ପ୍ରଥମଥର କରି, ଏହାକୁ ମଞ୍ଚ ଉପରୁ କହିବାକୁ ଯାଉଅଛି। ଜନସାଧାରଣଙ୍କ ସମ୍ମୁଖରେ, କୌଣସି ପ୍ରକାରେ, କୌଣସି ସମୟରେ, ଅନ୍ୟ କୌଣସି ବିଷୟ ଅପେକ୍ଷା, ମୁଁ ଆଜି ରାତ୍ରି, *ଏହା* ଉପରେ ଅତ୍ୟଧିକ ଭାବରେ ବିସ୍ତାର କରିଅଛି, କାରଣ ଏହି ସଭାଗୁଡ଼ିକରେ ମୋର ଏକ ବଡ଼ ସ୍ୱାଧୀନତା ରହିଥାଏ। ଯଦି ଆପଣ ମୋତେ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ବୋଲି ବିଶ୍ୱାସ କରନ୍ତି, ତେବେ ଆପଣ ତାହା ଶୁଣନ୍ତୁ ଯାହା ମୁଁ ଆପଣଙ୍କୁ କହିଅଛି। ଯଦି ଆପଣଙ୍କ ହୃଦୟରେ ଗୋଟିଏ ବି ଛୋଟ ଅନୁଭବ ଅଛି, ଆପଣ ବର୍ତ୍ତମାନ ହିଁ ପରମେଶ୍ୱରଙ୍କ ନିକଟକୁ ଯାଆନ୍ତୁ। ଆପଣ ତାହା କରନ୍ତୁ।

224 ହେ ଲୋକମାନେ, ମାତ୍ର ଗୋଟିଏ ମିନିଟ୍ ଅଟକି ଯାଆନ୍ତୁ। ଆପଣ ନିଜର—ନିଜର ସେହି ଧର୍ମମତଗୁଡ଼ିକୁ ଦେଖନ୍ତୁ ଯାହାର ସେବା ଆପଣ କରନ୍ତି। ଆପଣଙ୍କର ମଣ୍ଡଳୀଗୁଡ଼ିକରେ ଦେଖନ୍ତୁ। କଅଣ ଏହା ଠିକ୍ ପରମେଶ୍ୱରଙ୍କ ବାକ୍ୟ ସହିତ ଅଛି କି? କଅଣ ଆପଣ ପ୍ରତ୍ୟେକ ଯୋଗ୍ୟତାକୁ ପୂରଣ କରିଛନ୍ତି କି? ଧରନ୍ତୁ, "ମୁଁ ଜଣେ ଭଲ ଲୋକ ଅଟେ।" ନିକଦୀମ ବି ସେପ୍ରକାର ଥିଲେ, ଏବଂ ଅନ୍ୟମାନେ ମଧ୍ୟ ସେହିପରି ଥିଲେ। ସେମାନେ—ସେମାନେ ଭଲ ଥିଲେ। ବୁଝିଲେ? ଏହା ସହିତ ତାହାର କୌଣସି ସମ୍ପର୍କ ନାହିଁ।

225 ଏବଂ, ହେ ସ୍ତ୍ରୀଲୋକମାନେ, ମୁଁ ଚାହେଁ ଯେ ଆପଣମାନେ ଦର୍ପଣରେ ଦେଖନ୍ତୁ, ଆଉ ଦେଖନ୍ତୁ ଯେ ଜଣେ ସ୍ତ୍ରୀଲୋକ କଅଣ କରୁ ବୋଲି ପରମେଶ୍ୱର ଆବଶ୍ୟକ କରନ୍ତି। ଏବଂ ପରମେଶ୍ୱରଙ୍କ ଦର୍ପଣରେ ଦେଖନ୍ତୁ, ଆପଣଙ୍କର ମଣ୍ଡଳୀର ଦର୍ପଣରେ ନୁହେଁ, ପରମେଶ୍ୱରଙ୍କ ଦର୍ପଣରେ ଦେଖନ୍ତୁ; ଆଉ ଦେଖନ୍ତୁ ଯେ, ଯଦି ଆପଣ ନିଜ ଜୀବନରେ, ଯୀଶୁ ଖ୍ରୀଷ୍ଟଙ୍କ ଆତ୍ମିକ କନ୍ୟା ହେବାର ଯୋଗ୍ୟତାକୁ ପାଇ ପାରୁଛନ୍ତି କି।

226 ସେବକଗଣ, ସେହି ସମାନ ଚିନ୍ତା କରନ୍ତୁ। କଅଣ ଆପଣ କେବେ କୌଣସି ଲୋକର ସେଠାକାର ଭାବନାଗୁଡ଼ିକୁ ରକ୍ଷା କରିବାକୁ ଯାଇ, *ଏଠା*ରେ କିଛି ମିଛଟାରେ କହିଛନ୍ତି କି? କଅଣ ଆପଣ *ଏହା* କରିଥାଆନ୍ତେ ଯଦି ଏହା ନ ଥାନ୍ତା...ଏବଂ ସେମାନେ ଆପଣଙ୍କୁ ମଣ୍ଡଳୀରୁ ବାହାର କରିଦେବେ? ମୋର ପ୍ରିୟ ଭାଇ, ଯଦି ଆପଣ ସେପରି ଅନୁଭବ କରୁଛନ୍ତି, ତେବେ ମୋତେ ଆପଣଙ୍କୁ ସତର୍କ କରାଇବାକୁ ଦିଅନ୍ତୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବର୍ତ୍ତମାନ ହିଁ ତାହାଠାରୁ ପଳାୟନ କରନ୍ତୁ।

227 ଏବଂ, ହେ ମହିଳା, ଯଦି ଆପଣ ଜଣେ ଖ୍ରୀଷ୍ଟିଆନର ଯୋଗ୍ୟତା ହାସଲ୍ କରିପାରୁ ନାହାଁନ୍ତି, ଜଣେ ନାମମାତ୍ର ଖ୍ରୀଷ୍ଟିଆନ ଭାବରେ ନୁହେଁ, ମାତ୍ର ନିଜ ହୃଦୟରେ, ଏବଂ ଆପଣଙ୍କର ଜୀବନଟା, ଏଠାରେ, ଠିକ୍ ପରମେଶ୍ବରଙ୍କ ବିବାହ ପ୍ରମାଣପତ୍ରର ନମୁନାରେ ହୋଇଅଛି, ଯାହା କୁହେ ଯେ ଏହା ହେବା ଆବଶ୍ୟକ...

228 ଏବଂ, ମଣ୍ଡଳୀ ସଦସ୍ୟ, ଯଦି ଆପଣଙ୍କର ମଣ୍ଡଳୀ ସେପରି ନୁହେଁ, ପରମେଶ୍ବରଙ୍କ ବାକ୍ୟର ଯୋଗ୍ୟତା ହାସଲ୍ କରିପାରୁ ନାହିଁ, ତେବେ ଏଥିରୁ ବାହାରି ଯାଆନ୍ତୁ ଏବଂ ଖ୍ରୀଷ୍ଟଙ୍କ ଭିତରକୁ ଆସିଯାଆନ୍ତୁ ।

229 ତାହା ଏକ ପବିତ୍ର ଚେତାବନୀ ଅଟେ । ଆମେ ଜାଣି ନାହୁଁ ଯେ କେଉଁ ସମୟ, ଏବଂ ଆପଣ ଜାଣି ନାହାଁନ୍ତି ଯେ କେଉଁ ସମୟ, ଏହି ସହରଟି ଦିନେ ଏହି ସମୁଦ୍ରର ତଳ ଭାଗରେ ଏଠାରେ ପଡ଼ି ରହିବାକୁ ଯାଉଅଛି ।

230 "ହେ, କଫର୍ନାହୂମ୍," ଯୀଶୁ କହିଲେ, "ତୁମ୍ଭେ ଯେ ସ୍ଵର୍ଗକୁ ଉନ୍ନୀତ ହୋଇଅଛ, ନରକକୁ ନିକ୍ଷେପ କରାଯିବ । କାରଣ, ଯଦି ଏହି ଶକ୍ତିଯୁକ୍ତ କାର୍ଯ୍ୟମାନ ସଦୋମ ଏବଂ ଗମରାରେ ହୋଇଥାନ୍ତା, ତେବେ ଏହା ଆଜି ପର୍ଯ୍ୟନ୍ତ ଛିଡ଼ା ହୋଇ ରହିଥାଆନ୍ତା ।" ଆଉ ସଦୋମ, ଗମରା ମୃତ ସାଗରର ତଳ ଭାଗରେ ପଡ଼ି ରହିଅଛି । ଏବଂ କଫର୍ନାହୂମ୍ ସମୁଦ୍ରର ତଳ ଭାଗରେ ଅଛି ।

231 ହେ ନଗରୀ, ତୁମେ ଯିଏକି ନିଜକୁ ଦୂତମାନଙ୍କ ନଗରୀ ବୋଲି ଦାବି କରିଥାଅ, ଯିଏକି ଆପଣାକୁ ସ୍ଵର୍ଗ ମଧ୍ୟକୁ ଉନ୍ନୀତ କରିଅଛ, ଏବଂ ବସ୍ତ୍ର ପରିଧାନ ଶୈଳୀ ଫ୍ୟାଶନ୍‌ରେ ଏବଂ ସେହିପରି ଜିନିଷଗୁଡ଼ିକର ସମସ୍ତ ଆବର୍ଜନା, ଅପରିଷ୍କାର ବିଷୟଗୁଡିକ ପଠାଇଅଛ, ଏପରିକି ବିଦେଶର ରାଷ୍ଟ୍ରମାନେ ଏଠାକୁ ଆମର ଆବର୍ଜନାକୁ ଉଠାଇବା ପାଇଁ ଏବଂ ଏହାକୁ ତୁମର ସୁନ୍ଦର ମଣ୍ଡଳୀଗୁଡ଼ିକରେ ଏବଂ ତାହାର ଶୃଂଗଗୁଡ଼ିକରେ ଏବଂ ଅନ୍ୟାନ୍ୟ ପ୍ରଭୃତିରେ, ପଠାଇବା ପାଇଁ ଆସିଥାନ୍ତି, ଠିକ୍ ଯେପରିକି ତୁମେମାନେ ଏଠାରେ କରିଥାଅ । ମନେ ରଖିଥାଅ, ଦିନେ ତୁମେ ସମୁଦ୍ରର ତଳ ଭାଗରେ ପଡ଼ି ରହିଥିବ, ତୁମର ଠିକ୍ ତଳ ଭାଗରେ ବର୍ତ୍ତମାନ ତୁମର ବିରାଟ ମହୁଫେଣା ରହିଛି । ପରମେଶ୍ବରଙ୍କ କ୍ରୋଧ ଠିକ୍ ତୁମର ତଳେ ପ୍ରଜ୍ଵଳିତ ହେଉଅଛି । କେତେ ଦିନ ପର୍ଯ୍ୟନ୍ତ ସେ ଏହି ବାଲୁକାଦଣ୍ଡକୁ ତାହା ଉପରେ ଝୁଲି ରହିଥିବାର ଧରି ରଖିବେ? ଯେତେବେଳେକି, ସେହି ସମୁଦ୍ର ସେଠାରେ ବାହାରେ, ଏକ ମାଇଲ ଗଭୀରରେ, ସେଠାରେ ଖସି ଯାଇ, ସାଲଟନ୍ ସାଗରକୁ ମିଶିଯିବ । ଏହାର ଦଶା ପମ୍ପିଓର ଶେଷ ଦିନ ଅପେକ୍ଷା ଆହୁରି ଖରାପ ହେବ । ଲସ୍ ଆଞ୍ଜେଲସ୍, ଅନୁତାପ କର ।

232 ଅବଶିଷ୍ଟ ଆପଣ ଲୋକମାନେ, ଅନୁତାପ କରନ୍ତୁ ଏବଂ ପରମେଶ୍ବରଙ୍କ ନିକଟକୁ ଫେରି ଯାଆନ୍ତୁ । ତାହାଙ୍କର କ୍ରୋଧର ସମୟ ପୃଥିବୀ ଉପରେ ବର୍ତ୍ତିଛି । ପଳାୟନ କରିବାର ସମୟ ଥାଉ ଥାଉ ପଳାୟନ କରି ଯାଆନ୍ତୁ, ଏବଂ ଖ୍ରୀଷ୍ଟଙ୍କ ନିକଟକୁ ଆସିଯାଆନ୍ତୁ ।

ଆସନ୍ତୁ ପ୍ରାର୍ଥନା କରିବା ।

233 ପ୍ରିୟ ପରମେଶ୍ୱର, ଯେତେବେଳେ, ମୋର ଆତ୍ମାରେ, ଏହା ଦୋହଲୁ ଅଛି, ମୋର ହୃଦୟ ଚେତାବନୀର ଲୁହ ଝରାଉଅଛି । ହେ ପରମେଶ୍ୱର, ଏହା ପ୍ରଦାନ କର, ଯେ ପୁରୁଷ ଏବଂ ମହିଳାମାନେ ତାହାକୁ ଯାହା ମୁଁ କହିଅଛି ଥଟ୍ଟା ବୋଲି ଭାବିବେ ନାହିଁ, ଏବଂ ମଣ୍ଡଳୀର ଲୋକମାନେ ଏହା ବିଷୟରେ ଏପରି କିଛି ଭାବିବେ ନାହିଁ ଯେ ତାହା କୌଣସି ପକ୍ଷପାତିତା କିମ୍ବା ସେମାନଙ୍କ ବିରୁଦ୍ଧରେ କିଛି ଅଟେ । ପ୍ରଭୁ, ଏପରି ହେଉ ଯେ ସେମାନେ ଦେଖନ୍ତୁ ଯେ, ଏହା ପ୍ରେମରେ ଅଟେ ।

234 ହେ ସର୍ବଶକ୍ତିମାନ୍ ପରମେଶ୍ୱର, ତୁମ୍ଭେ ମୋହର ଅଭିଲେଖ ରଖିଅଛ, ଯେ ବର୍ଷକୁ ବର୍ଷ, ତୁମ୍ଭର ବାକ୍ୟ ପ୍ରଚାର କରି, ଏହି ଉପକୂଳର ଉପର-ଓ-ତଳ ମୁଁ ଯାଇଅଛି । ହେ ପରମେଶ୍ୱର, ମୋହର ଅଭିଲେଖ ରଖ, ଯଦି ଏହା ଆଜି ରାତିରେ ଘଟେ, ଯେ ମୁଁ ସତ୍ୟକୁ କହିଅଛି । ତୁମେ ଜାଣିଛ ଯେ ସେହି କନ୍ୟାର ଏହି ଦର୍ଶନଟି ସତ୍ୟ ଅଟେ । ପ୍ରଭୁ, ମୁଁ ଏହା ଦ୍ୱାରା ତୁମ୍ଭର ନାମ ନେଇଅଛି, ଏବଂ ଏହା କହିଅଛି ଯେ ତାହା **ସଦାପ୍ରଭୁଙ୍କ ଏହି କଥା କୁହନ୍ତି** ବାକ୍ୟ ଅଟେ । ଏବଂ ମୁଁ ଅନୁଭବ କରୁଛି ଯେ, ହେ ପ୍ରଭୁ, ମୁଁ ଯାହା କରୁଅଛି ତାହା ବିଷୟରେ ମୁଁ ସଚେତନ ଅଟେ ।

235 ତେଣୁ ପ୍ରଭୁ, ଯୀଶୁଙ୍କ ନାମରେ, ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି, ଯେ ଆଜି ରାତ୍ରି, ଲୋକମାନେ ନିଜ ନିଜକୁ ଦୋହଲାନ୍ତୁ, ଏବଂ ଭବିଷ୍ୟତର ଆସିବାକୁ ଥିବା ସେହି କ୍ରୋଧଠାରୁ ପଳାୟନ କରନ୍ତୁ, କାରଣ ଇଚାବୋଦ ବା ମହିମାଶୁନ୍ୟ ଦ୍ୱାରମାନଙ୍କରେ ଓ ଜାତି ଜାତି ଉପରେ ଲେଖା ହୋଇଛି । ଏହା ଉପରେ ଏକ କଳା ଠିକ୍ ଚିହ୍ନ ଆସିଛି । ପରମେଶ୍ୱରଙ୍କ ଆତ୍ମା ଏଥିରୁ ଦୁଃଖିତ ହୋଇଯାଇଛନ୍ତି, ଏବଂ ସେମାନଙ୍କୁ ନିକିତିରେ ତୌଲା ଯାଇଅଛି ଓ ହାଲୁକା ପାଇଅଛନ୍ତି । ରାଜା ନବୂଖଦନିତ୍ସରଙ୍କ ପର୍ବ ପୁନରାବୃତ୍ତି ହୋଇଅଛି, ମଦ୍ୟପ ଆମୋଦ ପ୍ରମୋଦଜନକ ଭୋଜ ସହିତ ଏବଂ ଅର୍ଦ୍ଧ-ନଗ୍ନ ସ୍ତ୍ରୀଲୋକମାନଙ୍କ ସହିତ, ଯେଉଁମାନେକି ନିଜକୁ ଖ୍ରୀଷ୍ଟିଆନ ବୋଲି କୁହନ୍ତି ।

236 ହେ ସ୍ୱର୍ଗର ପରମେଶ୍ୱର, ଆଜି ରାତି ଯେପରି ଆମେ ଅଛୁ, ଏକ ପାପୀ ଜଗତ ଏବଂ ପାପୀ ଲୋକମାନଙ୍କ ଉପରେ, ପ୍ରଭୁ ଦୟା କର । ପରମେଶ୍ୱର, ମୁଁ ସେହି ବ୍ୟବଧାନରେ ଛିଡା ହୋଇ ଦିବ୍ୟ କରୁଣାକୁ ମାଗିବାକୁ ଚେଷ୍ଟା କରୁଛି, ଯେ ଆଜି ରାତି ତୁମେ ଏହି ଭିଡ଼କୁ କଥା କହିବ ଏବଂ ପ୍ରଭୁ, ତୁମ କନ୍ୟାର ଧ୍ୟାନାକର୍ଷଣ କରିବ, ଯେ ସେ କୌଣସି ଧର୍ମମତର ଚିହ୍ନ ଦ୍ୱାରା ଅଗ୍ରସର ହେବ ନାହିଁ, ବରଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରର ଶବ୍ଦ ଦ୍ୱାରା ଶୃଙ୍ଖଳାରେ ଅଗ୍ରସର ହେବ । ହେ ପରମେଶ୍ୱର, ଏହା ପ୍ରଦାନ କର । ଆଜି ରାତ୍ରି, ଏହା ଜଣାଯାଉ, ଯେ ତୁମେ ହିଁ ପରମେଶ୍ୱର ଅଟ, ଏବଂ ତୁମର ବାକ୍ୟ ସତ୍ୟ ଅଟେ । ଯେତେବେଳେକି, ପବିତ୍ର ଭାବନାରେ, ଏହି ଲୋକମାନଙ୍କ ସମ୍ମୁଖରେ, ଆମେ ସେମାନଙ୍କୁ ତୁମର ବାକ୍ୟରେ ଧ୍ୟାନ ଦେବାକୁ ଡାକୁଅଛୁ ।

237 ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରେ, ପ୍ରଭୁ । ସେମାନେ ତୁମକୁ କୌଣସି ସନ୍ଦେହର ଛାୟା ବାହାରେ, ସେମାନଙ୍କ ଭିଡ଼ ମଧ୍ୟରେ ଚଲା ବୁଲା କରୁଥିବାର

ଦେଖିଛନ୍ତି, ଏବଂ ସେମାନଙ୍କ ହୃଦୟରେ କଅଣ ଅଛି ତାହା କହିଥିବାର ଦେଖିଛନ୍ତି । ଏବଂ ତୁମେ ଜାଣ, ଯେ, ପ୍ରଭୁ, ବର୍ତ୍ତମାନ, କଅଣ ଚାଲିଛି । ହେ ପରମେଶ୍ୱର, ତୁମ୍ଭେ ଏହା ସତ୍ୟ ବୋଲି ଜାଣିଛ । ଏବଂ ଯୀଶୁଙ୍କ ନାମରେ, ମୁଁ ତୁମକୁ ପ୍ରାର୍ଥନା କରୁଅଛି, ଯେ ହେ ପ୍ରଭୁ, ପବିତ୍ରଆତ୍ମା ପୁନର୍ବାର ମଧ୍ୟସ୍ଥି ହୁଅନ୍ତୁ, ଏବଂ ଏହି ଶ୍ରୋତାଗଣଙ୍କ ମଧ୍ୟରୁ ସେମାନଙ୍କୁ ଆକର୍ଷିତ କରନ୍ତୁ, ପ୍ରଭୁ, ଯେଉଁମାନଙ୍କୁ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖାହୋଇଛି । ହେ ପରମେଶ୍ୱର, ଏହା ପ୍ରଦାନ କରନ୍ତୁ । ମୁଁ ମୋର ସମସ୍ତ ହୃଦୟ ସହିତରେ ପ୍ରାର୍ଥନା କରେ ।

238 ଏହି ଲୋକମାନେ, ହେ ପ୍ରଭୁ, ସ୍ୱାଭାବିକ ଭାବରେ, ବାର୍ତ୍ତାକୁ ସମର୍ଥନ କରିବା ପାଇଁ, ମୋତେ ସେମାନଙ୍କର ଶେଷ ପଇସା ବି ଦେଇ ଦେବେ । ସେମାନେ ଯାହା କିଛି ପାରିବେ ତାହା ସବୁକିଛି କରିବେ । ମାତ୍ର, ହେ ପରମେଶ୍ୱର, ଯେତେବେଳେ ଏହା ତାହା ସହିତ ଖାପ ଖାଇବାର କଥା ଆସେ, ଏବଂ ଏହା ଭିତରକୁ ଆସିବାର କଥା ଆସେ, ମୁଁ ପ୍ରାର୍ଥନା କରେ, ପରମେଶ୍ୱର, ଯେ ଏହା ହିଁ ସେହି ରାତ୍ରି ହେବ ଯେ ତୁମେ ସେମାନଙ୍କୁ ପୁରସ୍କୃତ କରିବ ଏବଂ ଏହି ସମ୍ମିଳନୀରେ ତୁମର ପବିତ୍ରଆତ୍ମାଙ୍କୁ ଅଜାଡ଼ି ଦେବ । ଏବଂ ଏହା ହେଉ ଯେ କୌଣସି ଥଟ୍ଟାଳିଆ କଥା କିମ୍ବା ଚାରିଆଡ଼େ ଡେଇଁବା ନ ହେଉ, ବରଂ ବେଦିର ଶିଙ୍ଗକୁ ଧରି, ଏକ କ୍ରନ୍ଦନ କରିବା, ଏକ କାନ୍ଦିବା, ଏବଂ ଏକ ଅନୁତାପ କରିବା ହେଉ, ଯେତେବେଳେକି ଆମେ ଆଜି ରାତି ଆମମାନଙ୍କର ତଳେ ନ୍ୟାୟ ବିଚାରଗୁଡ଼ିକୁ ଅତିକ୍ରମ କରି ଯାଉଥିବାର ଦେଖୁ । ପରମେଶ୍ୱର, ଏହା ପ୍ରଦାନ କର । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଯେତିକି ନିଷ୍ଠାପର ଭାବାରେ ଜାଣେ ସେତିକି ନିଷ୍ଠାପର ଭାବରେ ପ୍ରାର୍ଥନା କରେ ।

239 ମୋ ଭାଇ, ଭଉଣୀ, ମୁଁ—ମୁଁ ଆଉ ଅଧିକ କଅଣ କହିବି ଜାଣେ ନାହିଁ, ଯଦି ମୁଁ ଆପଣଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଅଛି, ପରମେଶ୍ୱରଙ୍କ ଶକ୍ତି ଦ୍ୱାରା, ଯଦି ଆପଣ ମୋତେ ତାହାଙ୍କର ଭବିଷ୍ୟଦ୍‌ବକ୍ତା ବୋଲି ବିଶ୍ୱାସ କରନ୍ତି । ଏହା ସର୍ବସାଧାରଣରେ ପ୍ରଥମ ଥର ଅଟେ ଯେ ମୁଁ ଏହା କେବେ କହିଅଛି । ମାତ୍ର ମୁଁ ଏକ ପ୍ରକାରର ଏକ ବିଚିତ୍ର ଚେତାବନୀ ଅନୁଭବ କରୁଅଛି । ମୁଁ ଏହା ପ୍ରତି ପ୍ରବୃତ୍ତ ନୁହେଁ । ଆପଣ ଜାଣନ୍ତି ଯେ ମୁଁ ନୁହେଁ । ମୁଁ ଏହିପରି ଭାବରେ ଆଚରଣ କରେ ନାହିଁ । ମୁଁ ସେହି ବାର୍ତ୍ତା କହିବାକୁ ଏବଂ ସେହିସବୁ କଥା କହିବାକୁ ସଙ୍କୋଚ କରୁଥିଲି । ଏହା ନ କରିବା ପାଇଁ ମୁଁ ଅନ୍ୟ ପାର୍ଶ୍ୱକୁ ଦୌଡୁଥିଲି ଏବଂ ଅନ୍ୟ ସମସ୍ତ କିଛି କରୁଥିଲି । ମାତ୍ର ଏହା କୁହାଯାଇଛି, ଏବଂ ଏହା ବିଚାରର ଦିନ ଏକ ସାକ୍ଷୀ ଭାବରେ ଛିଡା ହେବ, ଯେ ମୁଁ ସତ୍ୟ କହିଅଛି । ତାହା ହେଉଛି **ସଦାପ୍ରଭୁ ପରମେଶ୍ୱର ଏହି କଥା କୁହନ୍ତି।**...?...

240 ଓଃ, ପେଣ୍ଟିକଷ୍ଟ, ନିଜ ଜୀବନ ପାଇଁ ଦୌଡ଼ । ଯଜ୍ଞବେଦୀର ଶିଙ୍ଗ ନିକଟକୁ ଦୌଡି ଯାଆନ୍ତୁ ଏବଂ ଚିତ୍କାର କରନ୍ତୁ ଏହା ପୂର୍ବେକି ତାହା ଅତ୍ୟଧିକ ବିଳମ୍ବ ହୋଇଯାଏ, କାରଣ ଏପରି ଏକ ସମୟ ଆସିବ ଯେତେବେଳେ ଆପଣ କାନ୍ଦିବେ ଏବଂ ଏହା କିଛି ଉପକାର କରିବ ନାହିଁ । କାରଣ ଏଷୌ ତାହାର ଜନ୍ମସିଦ୍ଧ ଅଧିକାରର, ଏକ ସ୍ଥାନ ଖୋଜିବାକୁ ଚେଷ୍ଟା କଲା, ଏବଂ ତାହା ପାଇପାରିଲା ନାହିଁ । ହେ କାଲିଫର୍ଣ୍ଣିଆ, ମୁଁ ତୁମକୁ ସମର୍ପିତ କରେ । ଓଃ, ପୂର୍ଣ୍ଣ ସୁସମାଚାର ବ୍ୟବସାୟ ପୁରୁଷମାନଙ୍କର ସମ୍ମିଳନୀ, ଯାହାଙ୍କୁ ମୁଁ ଭଲ ପାଏ, ଯାହାଙ୍କୁ ମୁଁ ଛାଡି ଦେଇଛି ଏବଂ

ଧରି ରହିଛି, ମୋର ସମସ୍ତ ହୃଦୟ ସହିତ, ଆଜି ରାତି, ମୁଁ ଆପଣମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ସମର୍ପଣ କରେ । ତାହାଙ୍କ ନିକଟକୁ ପଳାୟନ କରନ୍ତୁ! ଶୟତାନକୁ କଦାପି ଆପଣଙ୍କୁ ଏଥିରୁ ଥଣ୍ଡା କରିବାକୁ ଦିଅନ୍ତୁ ନାହିଁ । ଏହା ସହିତ ଠିକ୍ ଲାଗି ରୁହନ୍ତୁ ଯେପର୍ଯ୍ୟନ୍ତକି ଆପଣ, ପ୍ରତ୍ୟେକ ଜଣ, ପବିତ୍ରଆତ୍ମାରେ ପରିପୂର୍ଣ୍ଣ ନ ହୋଇଯାଆନ୍ତି, ଏପରି ଭାବରେ ଯେ, ତାହା ଆପଣଙ୍କୁ ଏହି ବାକ୍ୟ ନିକଟକୁ ଆସିବାକୁ ବାଧ୍ୟ କରିବ, ଯାହାକି ଆପଣ ମହିଳାମାନଙ୍କୁ ସଳଖ କରିଦେବ, ଯାହାକି ଆପଣ ପୁରୁଷମାନଙ୍କୁ ସିଧା କରିଦେବ । ଯଦି ଆପଣ କୁହନ୍ତି ଯେ ଆପଣ ପବିତ୍ର ଆତ୍ମା ପାଇଛନ୍ତି, ଏବଂ ବାକ୍ୟର ସହିତ ଖାପ ଖାଆନ୍ତି ନାହିଁ, ତେବେ ଏହା ଆପଣଙ୍କ ଭିତରେ ଅନ୍ୟ ଏକ ଆତ୍ମା ଅଟେ । ପରମେଶ୍ୱରଙ୍କ ଆତ୍ମା ତାହାଙ୍କର ବାକ୍ୟ ଉପରେ, ସେହି ଖ୍ରୀଷ୍ଟିୟ, ଅଭିଷିକ୍ତ ବାକ୍ୟ ଉପରେ ଥାଏ । କନ୍ୟାକୁ ନିଶ୍ଚିତ ଭାବରେ ଏକ ଖ୍ରୀଷ୍ଟ-ଇୟ, ସେହି ଅଭିଷିକ୍ତ ବାକ୍ୟ ହେବା ଉଚିତ୍ ।

241 ଆସନ୍ତୁ ଆମେମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ନିଜ ପାଦରେ ଛିଡ଼ା ହୋଇଯିବା । ଯଦି ଆପଣ କେବେ ମୋର ସ୍ୱର ଆଉ କଦାପି ନ ଶୁଣନ୍ତି...ମାତ୍ର, ପରମେଶ୍ୱରଙ୍କ ଇଚ୍ଛା ହେଲେ, ମୁଁ କିଛି ଘଣ୍ଟା ମଧ୍ୟରେ ଆଫ୍ରିକାକୁ ଯାଉଅଛି । ମୁଁ କେବେ ବି ଫେରି ନ ପାରେ । ମୁଁ ଜାଣି ନାହିଁ । ମାତ୍ର ମୁଁ ମୋର ସମ୍ପୂର୍ଣ୍ଣ ହୃଦୟ ସହିତରେ, ଆପଣଙ୍କୁ କହୁଅଛି, ମୁଁ ଆପଣଙ୍କୁ ସତ୍ୟ କହିଅଛି । ପରମେଶ୍ୱର ମୋତେ ଆପଣମାନଙ୍କୁ ଯାହା କହିବା ପାଇଁ କହିଛନ୍ତି ତାହା ମୁଁ ଆପଣମାନଙ୍କୁ ଜଣାଇବାରେ କ୍ଷାନ୍ତ ହୋଇ ନାହିଁ । ଏବଂ ମୁଁ ଏହା ପ୍ରଭୁଙ୍କ ନାମରେ କହିଅଛି ।

242 ଏହା ଏକ ଗୁରୁଗମ୍ଭୀର ମୁହୂର୍ତ୍ତ ଅଟେ । ଏହାକୁ କିପରି ପ୍ରକାଶ କରିବି ମୁଁ ଜାଣେ ନାହିଁ । ମୁଁ ତିନି କିମ୍ବା ଚାରିଥର ପ୍ରଚାର ମଞ୍ଚ ଛାଡ଼ିବାକୁ ଚେଷ୍ଟା କରିଛି, ଏବଂ ମୁଁ ଏହା କରିପାରି ନାହିଁ । ଏହା ଏକ ଗୁରୁଗମ୍ଭୀର ଘଟିକା ଅଟେ । ଆପଣ ଏହାକୁ କେବେବି ଭୁଲନ୍ତୁ ନାହିଁ । ଏହା ହେଉଛି ସେହି ସମୟ ଯାହାକି, ବୋଧହୁଏ, ପରମେଶ୍ୱର ହୁଏତ ତାହାଙ୍କର ଶେଷ ଡାକରା ଦେଉ ଅଛନ୍ତି । ମୁଁ ଜାଣି ନାହିଁ । କୌଣସି ଏକ ଦିନେ, ସେ ତାହାଙ୍କର ଶେଷ ଡାକରା ଦେବେ । କେବେ? ମୁଁ ଜାଣି ନାହିଁ । ମାତ୍ର ମୁଁ ଆପଣଙ୍କୁ କହୁଛି, ସେହି ଦର୍ଶନ ଅନୁଯାୟୀ, ଏହା ଏପରି ଦେଖାଯାଉଅଛି ଯେ କନ୍ୟା ପ୍ରାୟଃ ସମାପ୍ତ ହୋଇସାରିଲାଣି ।

243 ନାମମାତ୍ର ମଣ୍ଡଳୀଗୁଡିକୁ ଭିତରକୁ ଆସୁଥିବାର ଦେଖନ୍ତୁ । ଯେତେବେଳେ ଶୁପ୍ତ କୁମାରୀ ତେଲ ପାଇଁ ଆସେ, ସେ ଏହାକୁ ପାଇବାରେ ବିଫଳ ହୁଏ । କନ୍ୟା ଭିତରକୁ ପ୍ରବେଶ କରିଯାଏ । ରାପ୍ଚର ବା ଉର୍ଦ୍ଧାନ୍ତିକରଣ ହୋଇଯାଇଥାଏ । "ସେମାନେ ତେଲ କିଣିବାକୁ ଯାଇଥିବାବେଳେ, ବର ଆସିଯାଆନ୍ତି ।"

244 କଅଣ ଆପଣମାନେ ଶୋଇଛନ୍ତି କି? ଉଠନ୍ତୁ, ଶୀଘ୍ର, ଏବଂ ନିଜ ଚେତନାକୁ ଆସନ୍ତୁ । ଏବଂ ଆସନ୍ତୁ, ଆମେମାନେ ପ୍ରତ୍ୟେକେ, ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବା, ଯେପରିକି ଆମେମାନେ ଏହି ମୁହୂର୍ତ୍ତରେ ମରି ଯାଉଅଛୁ । ଆସନ୍ତୁ, ପ୍ରତ୍ୟେକେ, ନିଜ ନିଜ ଉପାୟରେ ପ୍ରାର୍ଥନା କରିବା ।

245 ସର୍ବଶକ୍ତିମାନ ପରମେଶ୍ୱର, ଆମ ଉପରେ ଦୟା କର । ହେ ପ୍ରଭୁ, ମୋତେ ଦୟା କର । ଆମ ସମସ୍ତଙ୍କୁ ଦୟା କର । ଯଦି ଆମେ ଏହି ବିଷୟଗୁଡିକରେ ବିଫଳ ହେବା, ତେବେ ଆମେ ଯାହା କରୁଥାଉ ନା କାହିଁକି, ଏହା କଅଣ ଉପକାର କରିବ? ହେ ପରମେଶ୍ୱର, ମୁଁ ଏଠାରେ ଛିଡ଼ା ହୋଇ ଦୟା ମାଗୁଅଛି, ଏହା ପୂର୍ବେକି ଏହି ମହାନ ସହର ସମୁଦ୍ର ତଳେ ବୁଡ଼ିଯାଏ ଏବଂ ପରମେଶ୍ୱରଙ୍କ ନ୍ୟାୟ ବିଚାର ଏହି ଉପକୂଳକୁ ପୋଛି ନେଇଯାଏ । ମୁଁ ପ୍ରାର୍ଥନା କରେ, ପରମେଶ୍ୱର, ଯେ ତୁମେ ତୁମର କନ୍ୟାକୁ ଡାକି ପକାଇବ । ମୁଁ ବର୍ତ୍ତମାନ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମଠାରେ ସମର୍ପଣ କରୁଅଛି । ଆମେନ୍ । ଆମେନ୍…?…ମୁଁ ସତ କହିଛି…?…

***ଏକ କନ୍ୟାର ମନୋନୟନ*** ORI65-0429E

(The Choosing Of A Bride)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଏପ୍ରିଲ୍ ୨୨, ୧୨୬୫, ଗୁରୁବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, କାଲିଫର୍ଣିଆ ପ୍ରଦେଶର, ଲସ୍ ଆଞ୍ଜେଲସ୍ ସହରରେ ବିଲ୍ଟ୍‌ମୋର୍ ହୋଟେଲଠାରେ ପୂର୍ଣ୍ଣ ସୁସମାଚାର ବ୍ୟବସାୟ ପୁରୁଷମାନଙ୍କର ସହଭାଗିତା ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ ପାଇଁ ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.


For more information or for other available material, please contact:


VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org